ODIA DAILY EDITION
28.01.2026
କଟକ, ବୁଧବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଜାନୁଆରୀ-୨୮, ୨୦୨୬
ବର୍ଷ-୩୭, ସଂଖ୍ୟା-୨୦୧
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews




## ମହାପ୍ରଭୁଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି

**ପୁରୀ, ୨୭।୧:** ଦୁଇଦିନିଆ ପୁରୀ ଗସ୍ତରେ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆସନ୍ତା ୩ ତାରିଖରେ ପୁରୀରେ ପହଞ୍ଚି ରାତ୍ରିଯାପନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ୪ ତାରିଖ ସକାଳ ୭ଟାରେ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଛି । ୭ଟା ୪୦ରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ । ୮ଟା ୨୦ ଦର୍ଶନ ସାରି ପ୍ରତ୍ୟାବର୍ତ୍ତନ କରିବେ । ସିଂହଦ୍ୱାର ଠାରେ ଗଜପତି ମହାରାଜା, ଛତିଶା ନିଯୋଗ ନାୟକ ସ୍ୱାଗତ କରିବେ । ଦର୍ଶନ ସାରି ଫେରିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉପହାର ପ୍ରଦାନ କରାଯିବ । ରାଷ୍ଟ୍ରପତିଙ୍କ ଦର୍ଶନ ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ପାଳିଆ ସେବକଙ୍କୁ ପାସ୍ ପ୍ରଦାନ କରାଯିବ । ଛତିଶା ନିଯୋଗ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି ।

## ରତ୍ନ ଭଣ୍ଡାର ଚାବି ହଜିବାକୁ ନେଇ ହାଇକୋର୍ଟଙ୍କ ଉଦବେଗ

**କଟକ, ୨୭।୧:** ଶ୍ରୀମନ୍ଦିର ରତ୍ନ ଭଣ୍ଡାର ସମ୍ପର୍କିତ ମାମଲାରେ ହାଇକୋର୍ଟରେ ମନ୍ଦିର ପ୍ରଶାସନ ଜବାବ ରଖିଛି । ରତ୍ନ ଅଳଙ୍କାର ଗଣତିମଣତି ନେଇ ଏସଓପି ପ୍ରସ୍ତୁତ ହୋଇସାରିଛି । ରାଜ୍ୟ ସରକାର ଅନୁମତି ପ୍ରଦାନ କଲେ ଗଣତି ମଣତି ହେବ ବୋଲି ମନ୍ଦିର ପ୍ରଶାସନ ହାଇକୋର୍ଟଙ୍କୁ ଅବଗତ କରିଛି । ତେବେ ଚାବି ହଜିବା ପ୍ରସଙ୍ଗକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି । ଆବେଦନକାରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଥିବା ସମସ୍ତ ରତ୍ନ ସୁରକ୍ଷିତ ଅଛି ନାଁ ନାହିଁ ତାହାର ତଥ୍ୟ ଲୋଡ଼ିଛନ୍ତି । ୧୯୭୮ ମସିହାରେ ଶେଷ ଥର ପାଇଁ ଗଣତି ମଣତି ହୋଇଥିଲା । କିନ୍ତୁ ସେବେକାର ତାଲିକା ଅନୁସାରେ ଏବେ ରତ୍ନ ଭଣ୍ଡାରରେ ରତ୍ନ ଅଳଙ୍କାର ଅଛି କି ନାହିଁ ଆବେଦନକାରୀ ପ୍ରଶ୍ନ କରିଛନ୍ତି ।

| | |
|---|---|
| ସେନ୍‌ସେକ୍ସ | ୮୨,୩୦୭ |
| ନିଫ୍ଟି | ୨୫,୨୮୯ |
| ସୁନା/୧୦ଗ୍ରା | ୧,୫୫,୪୪୦ |
| ରୂପା/କିଗ୍ରା | ୩,୨୫,୦୦୦ |
| ଡଲାର | ୯୧.୬୪ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୦.୨° |
| କଟକ: | ୩୨.୨° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୧୪.୦° |
| କଟକ: | ୧୩.୮° |

### ହାଲ୍‌ଚାଲ୍




ସପ୍ତାହରେ ପାଞ୍ଚ ଦିନ କାର୍ଯ୍ୟଦିବସ ପାଇଁ ବ୍ୟାଙ୍କ ଧର୍ମଘଟ ଚାଲିଛି କ୍ରମାଗତ ପାଞ୍ଚ ଦିନ ଧରି ବ୍ୟାଙ୍କ ସେବା ବନ୍ଦ ରହିଛି ଆଜି ଓଡ଼ିଶା ବନ୍ଦ ପାଇଁ କୃଷକ ସଂଗଠନ ବନ୍ଦ ଡାକରା ଦେଇଛି ।

# ଭାରତ-ୟୁରୋପ ଐତିହାସିକ ବାଣିଜ୍ୟ ଚୁକ୍ତି

### ଭାରତୀୟ ଅର୍ଥବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି

### ୯୫% ୟୁରୋପୀୟ କମ୍ପାନୀ ୫ ବର୍ଷରେ ଭାରତରେ ନିବେଶ କରି ନିଜର ବ୍ୟବସାୟ ବୃଦ୍ଧି କରିବେ

### ପ୍ରତି ୫ଟି କମ୍ପାନୀ ମଧ୍ୟରୁ ଜଣେ ୧୦୦୦ରୁ ଅଧିକ ନୂଆ ଚାକିରି ସୃଷ୍ଟି କରିବାର ଲକ୍ଷ୍ୟ



**ନୂଆଦିଲ୍ଲୀ, ୨୭।୧:** ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ଭାରତୀୟ ଅର୍ଥବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି । ଏନେଇ ଅନେକ ଆକଳନ କରାଯାଉଥିବା ବେଳେ ଉଭୟ ଦେଶ ପାଇଁ ବଡ ଅର୍ଥନୈତିକ ପରିବର୍ତ୍ତନ ଆଶା କରାଯାଉଛି ।

ଏହି ଚୁକ୍ତି ପରେ ପ୍ରାୟ ୯୫% ୟୁରୋପୀୟ କମ୍ପାନୀ ଆଗାମୀ ୫ ବର୍ଷ ମଧ୍ୟରେ ଭାରତରେ ନିବେଶ କରି ନିଜର ବ୍ୟବସାୟ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି । ଏହାସହ ୭୮% ୟୁରୋପୀୟ କମ୍ପାନୀ ଭାରତରେ ନିଯୁକ୍ତି ଲକ୍ଷ୍ୟ ରଖିଛନ୍ତି । ପ୍ରତି ୫ଟି କମ୍ପାନୀ ମଧ୍ୟରୁ ଜଣେ ୧୦୦୦ରୁ ଅଧିକ ନୂଆ ଚାକିରି ସୃଷ୍ଟି କରିବେ ବୋଲି ଆଶା କରାଯାଉଛି ।

**ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟର ଘୋଷଣା କଲେ ପ୍ରଧାନମନ୍ତ୍ରୀ**

ସେହିଭଳି ପ୍ରାୟ ୬୧% କମ୍ପାନୀ ଭାରତକୁ ଏକ ଗ୍ଲୋବାଲ୍ ସପ୍ଲାଏ ଚେନ୍ ହବ୍ ଭାବେ ଗଢ଼ିବା ପାଇଁ ଉତ୍ପାଦନ ବୃଦ୍ଧି କରିବାକୁ ଚାହୁଁଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁରୋପୀୟ କମିଶନ ଅଧକ୍ଷା ଉର୍ସୁଲା ଭନ୍ ଡେର୍ ଲେୟେନ୍ ଏହି ଚୁକ୍ତିକୁ "ସମସ୍ତ ବାଣିଜ୍ୟ ଚୁକ୍ତିର ଜନନୀ" ବୋଲି ଅଭିହିତ କରିଛନ୍ତି । ଏହି ଚୁକ୍ତି ଦ୍ୱାରା ପ୍ରାୟ ୨୦୦ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ବିଶାଳ ବଜାର ପାଇଁ ବାଣିଜ୍ୟିକ ବାଟ ଫିଟିଛି । ପ୍ରାୟ ୨୬% କମ୍ପାନୀ ଆଗାମୀ ୫ ବର୍ଷରେ ପ୍ରତ୍ୟେକ ୧୦୦ ମିଲିୟନ ୟୁରୋରୁ ଅଧିକ ନିବେଶ କରିବାକୁ ପ୍ରତିଶ୍ରୁତିବଦ୍ଧ । ଅନ୍ୟ ୨୫% କମ୍ପାନୀ ୨୦ ରୁ ୧୦୦ ମିଲିୟନ ୟୁରୋ ପର୍ଯ୍ୟନ୍ତ ପୁଞ୍ଜି ନିବେଶ କରିବେ । ବିଶେଷ କରି ଯାନବାହାନ, ବୈଦ୍ୟୁତିକ ଶକ୍ତି, ଡିଜିଟାଲ୍ ଏବଂ ଚିକିତ୍ସାବିଜ୍ଞାନ କ୍ଷେତ୍ରରେ ଏହି ନିବେଶ ହୋଇପାରେ ।

# ଆଜିଠାରୁ ସଂସଦର ବଜେଟ୍ ଅଧିବେଶନ

**ନୂଆଦିଲ୍ଲୀ, ୨୭।୧:** ଆସନ୍ତାକାଲିଠାରୁ ଆରମ୍ଭ ହେବ ସଂସଦର ବଜେଟ୍ ଅଧିବେଶନ । ପ୍ରଥମ ଦିନ ସଂସଦର ଉଭୟ ଗୃହର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିଭାଷଣ ରଖିବେ । ଫେବ୍ରୁଆରି ପହିଲାରେ ଆଗତ ହେବ ୨୦୨୬-୨୭ ଆର୍ଥିକବର୍ଷର ବଜେଟ୍ । ସଂସଦକୁ ସୁରୁଖୁରରେ ଚଳାଇବା ପାଇଁ ଆଜି ବସିଥିଲା ସର୍ବଦଳୀୟ ବୈଠକ । ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ସଂଦର ବଜେଟ୍ ଅଧିବେଶନ ପୂର୍ବରୁ ଆଜି ସର୍ବଦଳୀୟ ବୈଠକ ବସିଥିଲା । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବୈଠକ ଡକାଇଥିଲେ । ଏଥିରେ ଅଧକ୍ଷତା କରିଥିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ । ବଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ବିରୋଧୀ ଟାର୍ଗେଟ୍ କରିଥିବା ବେଳେ ସଂସଦର ବଜେଟ୍ ଅଧିବେଶନରେ ଉଠାଇବା ପାଇଁ ସ୍ଥିର କରିଛନ୍ତି । ସବୁ ପ୍ରସଙ୍ଗର ଉତ୍ତର ଦିଆଯିବ ଓ ସଂସଦକୁ ଭଲରେ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ବିରୋଧୀଙ୍କୁ ଅନୁରୋଧ କରାଯାଇଛି ।

● ବସିଲା ସର୍ବଦଳୀୟ ବୈଠକ

● ୧ରେ ବଜେଟ୍ ଉପସ୍ଥାପନ

ସଂସଦରେ ଏଥର ବିରୋଧୀ ଭିବି-ଜି- ରାମଜି ଆଇନ ପ୍ରସଙ୍ଗ ଉଠାଇବାର ଯଥେଷ୍ଟ ସମ୍ଭାବନା ଅଛି । ମହାତ୍ମା ଗାନ୍ଧୀଙ୍କ ନାଁ କାଟି ମନରେଗା ବଦଳରେ ସରକାର ଭିବି -ଜି -ରାମଜି ଆଇନ ଆଣିଥିବାରୁ କଂଗ୍ରେସ ପ୍ରଥମରୁ ଜୋରଦାର ବିରୋଧ କରିଆସୁଛି । ଏହି ପ୍ରସଙ୍ଗକୁ ନେଇ ସଂସଦରେ ଜୋରଦାର ହଙ୍ଗାମା ହୋଇପାରେ । ଅନ୍ୟ ପ୍ରସଙ୍ଗ ମଧ୍ୟ ବିରୋଧୀ ଉଠାଇବେ ବୋଲି ସ୍ଥିର କରିଛନ୍ତି ।

# ଆଜି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ

**ଭୁବନେଶ୍ୱର, ୨୭।୧:** ୨୮ ଜାନୁଆରୀ ୨୦୨୬ ଓଡ଼ିଶାରେ ଏକ ରାଜ୍ୟସ୍ତରୀୟ ବନ୍ଦ ଡାକରା ଦିଆଯାଇଛି । ଏହି ବନ୍ଦ ମୁଖ୍ୟତଃ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ କରାଯାଉଛି ଏବଂ ଏହାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମର୍ଥନ ଜଣାଇଛି । ବନ୍ଦର ସମୟ ସକାଳ ୬ଟା ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ।

ବନ୍ଦର ପ୍ରମୁଖ କାରଣ ଚାଷୀ ସମସ୍ୟା ରହିଛି ଧାନ କ୍ରୟରେ ଅନିୟମିତତା ବିରୋଧରେ ଏବଂ ଚାଷୀଙ୍କୁ କୁଇଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ଦେବା ଦାବିରେ । ଦ୍ୱିତୀୟ କାରଣ ବିଦ୍ୟୁତ୍ ଶୁଳ୍କ ରାଜ୍ୟରେ ସ୍ମାର୍ଟ ମିଟର ଲଗାଯିବା ଏବଂ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବିରୋଧ କରି । ଏବଂ ପରିବହନ ଜରିମାନା ପ୍ରଦୂଷଣ ପ୍ରମାଣପତ୍ର ନଥିବା

**କଂଗ୍ରେସର ସମର୍ଥନ**

ଗାଡ଼ି ଉପରେ ମୋଟା ଅଙ୍କର ଜରିମାନା ଆଦାୟକୁ ବିରୋଧ କରି ।

ଯାତାୟାତ ବସ୍, ଅଟୋ ଏବଂ ଟ୍ୟାକ୍ସି ଚଳାଚଳ ବାଧାପ୍ରାପ୍ତ ହୋଇପାରେ । ବିଭିନ୍ନ ସ୍ଥାନରେ ରାସ୍ତା ରୋକ ହେବାର ସମ୍ଭାବନା ଅଛି । ଦୋକାନ ବଜାର, ସହରର ମୁଖ୍ୟ ବଜାର ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିପାରେ । ଶିକ୍ଷାନୁଷ୍ଠାନ, କେତେକ ଘରୋଇ ସ୍କୁଲ ଓ କଲେଜ ସୁରକ୍ଷା ଦୃଷ୍ଟିରୁ ଛୁଟି ଘୋଷଣା କରିପାରନ୍ତି । ତେବେ ସରକାରୀ ସ୍ତରରେ କୌଣସି ଛୁଟି ଘୋଷଣା ହୋଇନାହିଁ । ଜରୁରୀକାଳୀନ ସେବା ଆମ୍ବୁଲାନ୍ସ, କ୍ଷୀର ଗାଡ଼ି ଏବଂ ଡାକ୍ତରଖାନା ଭଳି ଜରୁରୀକାଳୀନ ସେବା ଏହି ବନ୍ଦରୁ ମୁକ୍ତ ରହିବ । ଯଦି ଆପଣଙ୍କର କୌଣସି ଜରୁରୀ ଯାତ୍ରା ଅଛି, ତେବେ ସକାଳ ୬ଟା ପୂର୍ବରୁ ବାହାରିବାକୁ ଚେଷ୍ଟା କରନ୍ତୁ ।

## ଟ୍ରକ୍‌କୁ ପିଟିଲା ଟ୍ରାଭେଲର: ଜଣେ ମୃତ, ୬ ଗୁରୁତର

**ଖୋର୍ଦ୍ଧା, ୨୭।୧:** ଖୋର୍ଦ୍ଧା ସଦର ଥାନା ୧୬ନମ୍ବର ଜାତୀୟ ରାଜପଥ ତୋଟାପଡ଼ା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ରାସ୍ତାରେ ବେଆଇନ ପାର୍କିଂ କରିଥିବା ଏକ ଟ୍ରକ୍ ପଛକୁ ଏକ ଯାତ୍ରୀବାହୀ ଟ୍ରାଭେଲରର ଧକ୍କା ଦେଇଛି । ଘଟଣାରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଛଅ ଜଣ ଗୁରୁତର ଆହତ ହୋଇଛନ୍ତି । ଗାଡ଼ିରେ ପ୍ରାୟ ୨୦ ଜଣ ଯାତ୍ରୀ ଥିଲେ । ଆଉ ଆନ୍ୟମାନେ ଆହତ ହୋଇଛନ୍ତି । ଗୁରୁତରଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଥିଲା । ସେମାନଙ୍କ ଭିତରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ସେଥିପାଇଁ କିଛି ଯାତ୍ରୀଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଉଛି ।

## ପିୟୁସିସି ନଥିଲେ ବି ମିଳିବ ପେଟ୍ରୋଲ୍

**ଭୁବନେଶ୍ୱର, ୨୭।୧:** ରାଜ୍ୟର ଗାଡ଼ି ଚାଳକଙ୍କ ପାଇଁ ଏକ ଆଶ୍ୱସ୍ତିକର ଖବର । ପ୍ରଦୂଷଣ ପ୍ରମାଣପତ୍ରକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଶୁଣାଇଛନ୍ତି । କୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ, ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ମଧ୍ୟ ପେଟ୍ରୋଲ ପମ୍ପଗୁଡ଼ିକ ଗ୍ରାହକଙ୍କୁ ତେଲ ଦେବାରୁ ବଞ୍ଚିତ କରିପାରିବେ ନାହିଁ ।

ହାଇକୋର୍ଟ କହିଛନ୍ତି ଯେ ଯଦି କୌଣସି ଗାଡ଼ିର ପୁରୁଣା ଚାଲାଣ କିମ୍ବା ଜରିମାନା ବାକି ରହିଛି, ତଥାପି ସେମାନଙ୍କୁ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବ । କେବଳ ଜରିମାନା ଆଦାୟ କରିବା ଉଦ୍ଦେଶ୍ୟରେ ସରକାର କାହାର ପ୍ରଦୂଷଣ ପ୍ରମାଣପତ୍ରକୁ ଅଟକାଇ ପାରିବେ ନାହିଁ କିମ୍ବା ଜରିମାନା ଭରିବାକୁ ବାଧ କରିପାରିବେ ନାହିଁ । ଏହି ମାମଲାର ଶୁଣାଣି କରି ହାଇକୋର୍ଟ 'ବାହନ' ପୋର୍ଟାଲରେ ତୁରନ୍ତ ସଂଶୋଧନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୋର୍ଟାଲରେ ଏପରି ବ୍ୟବସ୍ଥା କରାଯାଉ ଯେପରି ଜରିମାନା ବାକି ଥିଲେ ମଧ୍ୟ

**ଗାଡ଼ି ଚାଳକଙ୍କ ପାଇଁ ବଡ଼ ଖବର**

ସାର୍ଟିଫିକେଟ୍ ବାହାର କରିବାରେ କୌଣସି ବାଧା ଉପୁଜିବ ନାହିଁ ।

ଏହି ପ୍ରସଙ୍ଗରେ ପୋର୍ଟାଲର ସଂଶୋଧନ ଏବଂ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କୋର୍ଟରେ ଏକ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ କହିଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ ମିଳିବ ନାହିଁ ଏବଂ ଚାଲାଣ ନଭରିଲେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି ସରକାରୀ ସ୍ତରରେ ନିୟମ କରାଯାଇଥିଲା ।

# ୫ ବର୍ଷରେ ସୃଷ୍ଟି ହେବ ଦେଢ଼ ଲକ୍ଷ ନିଯୁକ୍ତି ସୁଯୋଗ

**ଭୁବନେଶ୍ୱର, ୨୭।୧:** ୭୭ ତମ ସାଧାରଣତନ୍ତ୍ର ଦିବସ ଅବସରରେ କଟକର ବାରବାଟି ଷ୍ଟାଡିୟମରେ ଆୟୋଜିତ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ପତାକା ଉତ୍ତୋଳନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କୁ ଉଦବୋଧନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ହୋଇଥିବା କଟକ ଜିଲ୍ଲାର ଶ୍ରୀ ଶରତ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

● ବାରବାଟୀରେ ଜିଲ୍ଲାସ୍ତରୀୟ ସାଧାରଣ ଦିବସ

● ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୌରବମୟ ୭୭ତମ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଆପଣମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଆଜି ଆମେ ଇତିହାସକୁ ଗର୍ବର ସହ କାନ୍ଧରେ ବୋହି ଚାଲିଆସିଥିବା, ରୂପେଲି ନଗର କଟକର ବିଶାଳ ହୃଦୟ ଉପରେ ଠିଆ ହୋଇଛୁ । କଟକ କେବଳ ଏକ ପୁରାତନ ସହରର ନାଁ ନୁହେଁ, ଏହା ଆମ ଉତ୍କଳୀୟ ସଂସ୍କୃତି ଓ ସାମାଜିକ ପ୍ରତିବଦ୍ଧତାର ପ୍ରତୀକ । କଟକର ଏହି ଗରିମାମୟ ମାଟିର ବାରବାଟୀ ଷ୍ଟାଡିଅମରେ ଆମେ ଆଜି ଆମ ପବିତ୍ର ସମ୍ବିଧାନର ଅସୀମ ଶକ୍ତି ଓ ଦୃଢ଼ତାଭରା ସମୟକୁ ଉତ୍ସାହ ଓ ଆବେଗର ସହ ପାଳନ କରୁଛୁ ।

ଆମ ସମ୍ବିଧାନ ଆମକୁ ନ୍ୟାୟ, ସତନ୍ତ୍ରତା, ସମାନତା ଓ ଭ୍ରାତୃଭାବର ମହାନ ଭାବରେ ବାନ୍ଧି ରଖିଛି । ଏହା ହିଁ ଭାରତବାସୀଙ୍କ ପାଇଁ ବିଶ୍ୱରେ ନିଆରା ପରିଚୟ ସୃଷ୍ଟି କରିଛି ।

ବ୍ରିଟିଶ ଶାସନରୁ ମୁକ୍ତକରି ଏକ ସ୍ୱାଧୀନ ଦେଶରେ ଭାରତୀୟଙ୍କୁ ନିଜ ଇଚ୍ଛାରେ ନିଶ୍ୱାସ ପ୍ରଶ୍ୱାସ ନେବାକୁ ସୁଯୋଗ ଦେଇଥିବା ଜାତିର ଜନକ ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ମୌଲାନା ଆଜାଦ, ବୀର୍ ସାବରର୍କ, ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକର, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ, ଓ ଶ୍ୟାମାପ୍ରସାଦ ମୁଖାର୍ଜିଙ୍କ ପରି ମହାପୁରୁଷମାନଙ୍କୁ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

## ଜୁଲାଇ ପୂର୍ବରୁ ସରିବ ନୂଆ ଏନ୍‌ଏସି ନିର୍ବାଚନ !

**ଭୁବନେଶ୍ୱର, ୨୭।୧:** ରାଜ୍ୟରେ ନୂଆ କରି ଗଠିତ ହୋଇଥିବା ଏନଏସି ଓ ମ୍ୟୁନିସିପାଲଟିରେ ଜୁନ୍ ୨୦ ତାରିଖ ପୂର୍ବରୁ ସରିବ ନିର୍ବାଚନ । ରାଜ୍ୟ ନିର୍ବାଚନ କମିସନ ଏ ବାବଦରେ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି । ଏପଟେ ଦୀର୍ଘ ଦିନ ହେବ ଜନପ୍ରତିନିଧି ଶୂନ୍ୟ ହୋଇପଡ଼ିଛି ରାଜ୍ୟର ୧୪୮ଟି ପଞ୍ଚାୟତ । ବିକାଶର ଚାବିକାଠି ରହିଛି ଅଧିକାରୀଙ୍କ ହାତରେ । ଫଳରେ ପଞ୍ଚାୟତ ଗୁଡିକର ବିକାଶମୂଳକ କାର୍ଯ୍ୟ ବାଟବଣା ହୋଇଯାଇଛି । ରାଜ୍ୟରେ ନୂଆ କରି ଗଠନ ହୋଇଥିବା ମହାନଗର ନିଗମ, ପୌର ପରିଷଦ ଓ ଏନ୍‌ଏସି ପାଇଁ ହେବ ନିର୍ବାଚନ । ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ରାଜ୍ୟ ନିର୍ବାଚନ କମିସନ । ଗତ ୨୨ ଡିସେମ୍ବରରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରିଥିଲେ ସରକାର । ନିୟମ ଅନୁସାରେ, ବିଜ୍ଞପ୍ତି ପ୍ରକାଶର ୬ ମାସ ଅର୍ଥାତ୍ ଜୁନ୍ ୨୦ ତାରିଖ ସୁଦ୍ଧା ନିର୍ବାଚନ ସରିବ । ଜାନୁଆରି ୧୫ ତାରିଖରେ ଉକ୍ତ ଅଞ୍ଚଳ ଗୁଡିକରେ ସୀମା ନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ କରିବାକୁ ନଗର ଉନ୍ନୟନ ବିଭାଗକୁ ଅବଗତ କରିଥିଲେ ନିର୍ବାଚନ କମିସନ । ସରକାର ଏ ଦିଗରେ ପଦକ୍ଷେପ ନେଲେ, ଜୁନ୍ ୨୦ରେ ୩୬ ନୂଆ ସହର ଦେଖିବ ଲୋକପ୍ରତିନିଧି ।




## ଛାତ ଉପରେ ବୋମା ବିସ୍ଫୋରଣରେ ୫ ଜଣ ଗୁରୁତର

**ଭୁବନେଶ୍ୱର:** ରାଜଧାନୀ ବୋମା ବିସ୍ଫୋରଣରେ ୫ ଜଣ ଗୁରୁତର । ଭୁବନେଶ୍ୱର ସୁନ୍ଦରପଦା ନିୟୁ ଆଜାଦ୍ ନଗରରେ ଏହି ବୋମା ବିସ୍ଫୋରଣ ହୋଇଛି । ଘଟଣାସ୍ଥଳରେ ଦୁଇଟି ଅଗ୍ନିଶମ ଗାଡ଼ି ପହଞ୍ଚିବା ସହ ଭୁବନେଶ୍ୱର ଡିସିପି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଛାତ ଉପରେ ବିସ୍ଫୋରଣ ଘଟିଛି । ବୋମା ଭିଡ଼ିବା ବେଳେ ବିସ୍ଫୋରଣ ହୋଇଥିବା ନେଇ ଫିଲ୍ଡ ଭିଜିଟ୍ ପରେ ପ୍ରତିକ୍ରିୟା ରଖିଛନ୍ତି ଭୁବନେଶ୍ୱର ଡିସିପି । ତେବେ ଏହି ବୋମା ବିସ୍ଫୋରଣରେ ୫ଜଣ ଆହତ ହୋଇଥିବା ଜଣାପଡ଼ିଛି । ଆହତଙ୍କ ମଧ୍ୟରୁ ତିନିଜଣ ମହିଳା ରହିଛନ୍ତି ।

# ଜାତୀୟ ସ୍ତରରେ ବ୍ୟାଙ୍କ୍ ଧର୍ମଘଟ, ଲୋକେ ହନ୍ତସନ୍ତ

### ସପ୍ତାହକୁ ୫ ଦିନ କାର୍ଯ୍ୟ ଦିବସ ଦାବିରେ ବ୍ୟାଙ୍କ ସେବା ବନ୍ଦ

### ଆନ୍ଦୋଳନରେ ୮ ଲକ୍ଷ କର୍ମଚାରୀ ଓ ଅଧିକାରୀ

### ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବାଧାପ୍ରାପ୍ତ

**ଭୁବନେଶ୍ୱର, ୨୭।୧:** ଜାତୀୟ ସ୍ତରରେ ସମସ୍ତ ବ୍ୟାଙ୍କ୍ ସେବା ବନ୍ଦ ରହିଛି । ପାଖାପାଖି ୮ଲକ୍ଷ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ବ୍ୟାଙ୍କ କର୍ମଚାରୀମାନେ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ଦାବି କରି ପ୍ରତିବାଦ କରୁଛନ୍ତି । ଏହି ଆନ୍ଦୋଳନରେ ସରକାରୀ, ବେସରକାରୀ, ବିଦେଶୀ, ଗ୍ରାମୀଣ ଏବଂ ସମବାୟ ବ୍ୟାଙ୍କ ଅନ୍ତର୍ଭୁକ୍ତ ହୋଇଛନ୍ତି । ଭାରତୀୟ ବ୍ୟାଙ୍କ ସଂଘର ଏହି ପ୍ରସ୍ତାବ ଗତ ଦୁଇ ବର୍ଷ ଧରି ସରକାରଙ୍କ ନିକଟରେ ବିଚାରାଧୀନ ରହିଛି, କିନ୍ତୁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ । ଯାହା ଫଳରେ ଆଜି ସବୁ ବ୍ୟାଙ୍କ୍ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଫେଳରେ ଲୋକଙ୍କ ସେବା ପ୍ରଭାବିତ ହୋଇଛି । ବ୍ୟାଙ୍କ୍ କର୍ମଚାରୀଙ୍କ କହିବା କଥା ଅଧାରୁ ଅଧିକ ବ୍ୟାଙ୍କ ସେବା ଡିଜିଟାଲ ମୋଡରେ ହୋଇପାରୁଛି । ତେଣୁ ଆବଶ୍ୟକ ପେପର ୱାର୍କ ଆମେ କରୁଛୁ । ମାନସିକ ଚାପ ବଢୁଛି । ତେଣୁ ସରକାରଙ୍କୁ ଅନୁରୋଧ ୫ ଦିନିଆ କାର୍ଯ୍ୟ ଦିବସ ଘୋଷଣା ହେଉ । ଏହା ସହ ପ୍ରତିଦିନ କାମ ଅବଧି ୪୦ ମିନିଟ୍ ବୃଦ୍ଧି କରିବାକୁ ସଂଘ ପ୍ରସ୍ତାବ ଦେଇଛି ତାହା କରାଯାଉ । ଓଡ଼ିଶାରେ ପାଖାପାଖି ୨୦,୦୦୦ ସଂଖ୍ୟା କର୍ମଚାରୀ ବ୍ୟାଙ୍କ୍ ର ରହିଛନ୍ତି ।

ଗତକାଲି ସାଧାରଣତନ୍ତ୍ର ଦିବସ ଥିବାରୁ ବ୍ୟାଙ୍କ ବନ୍ଦ ଥିଲା । ସପ୍ତାହର ଦ୍ୱିତୀୟ ଦିନରେ ବ୍ୟାଙ୍କ ଖୋଲିବ ବୋଲି ଆଶା ରଖି ଆସିଥିବା ଗ୍ରାହକମାନେ ଫେରିଯାଇଥିଲେ । ବ୍ୟାଙ୍କରେ ତାଲା ପଡ଼ିଥିବାରୁ ଜମା, ଉଠାଣ ଏବଂ ଚେକ୍ କ୍ଲିୟରାନ୍ସ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ।




## ସାମ୍ନାକୁ ଆସିଲା ମୋକିମଙ୍କ ନୂତନ ଦଳର ନାମ !

**ଭୁବନେଶ୍ୱର, ୨୭।୧:** ରାଜ୍ୟରେ ପୁଣି ଏକ ନୂଆ ରାଜନୈତିକ ଦଳ ଗଠନ ହେବ ତାହା ସୁନିଶ୍ଚିତ ହୋଇସାରିଛି । ମହମ୍ମଦ ମୋକିମ ନିଜ ନୂଆ ଦଳର ନାମ ମଧ୍ୟ ସ୍ଥିର କରିସାରିଛନ୍ତି । ଖାଲି ଘୋଷଣାକୁ ବାକି ରହିଛି ।

ଯୁବ ସମାବେଶ ପରେ ଏବେ ମହିଳା ଏବଂ କୃଷକଙ୍କୁ ଏକାଠି କରିବେ ମୋକିମ । ଆସନ୍ତା ଜାନୁଆରୀ ୩୦ ତାରିଖରେ ମହିଳା ସମାବେଶ ହେବାକୁ ଥିବାବେଳେ ଫେବ୍ରୁଆରୀ ୫ ତାରିଖରେ କୃଷକ ସମାବେଶ ଅନୁଷ୍ଠିତ ହେବ ବୋଲି ମୋକିମ ସୂଚନା ଦେଇଛନ୍ତି ।

ମହମ୍ମଦ ମୋକିମ୍‌ଙ୍କ ନୂଆ ଦଳ ଓଡ଼ିଶା କେନ୍ଦ୍ରିକ ଦଳ ହେବ ଏବଂ ଲୋକଙ୍କ ଦଳ ହେବ । ଓଡ଼ିଶାକୁ ଛାଡ଼ି ହେବ ନାହିଁ । ଯେହେତୁ ସେ କଂଗ୍ରେସ ଦଳରୁ ଆସିଛନ୍ତି ସେଥିପାଇଁ ନୂତନ ଦଳର ନାମ ଓଡ଼ିଶା ଜନତା କଂଗ୍ରେସ କିମ୍ବା ଓଡ଼ିଶା ଲୋକ କଂଗ୍ରେସ ହୋଇପାରେ । ବିଭିନ୍ନ ଦଳର ନେତା ନିଲମ୍ବିତ ହେଉଛନ୍ତି, ସେମାନଙ୍କ ସହିତ ଯୋଗାଯୋଗ କରାଯାଉଛି । ବିଭିନ୍ନ ବର୍ଗର ନେତାଙ୍କ ସହିତ ଆଲୋଚନା ଜାରି ରହିଛି ।

ଆଗକୁ ପଞ୍ଚାୟତ ନିର୍ବାଚନ ରହିଛି । ଦଳର ପଞ୍ଜିକରଣ ନେଇ ପ୍ରସ୍ତୁତି ଜାରି ରହିଛି । ଏଥିପାଇଁ ମାର୍ଚ୍ଚ ମାସ ଯାଏ ସେ ସମୟ ଦେଇଛନ୍ତି ବୋଲି କହିଛନ୍ତି । ଖୁବ ଶୀଘ୍ର ନିର୍ଣ୍ଣାୟକ ନିଷ୍ପତ୍ତିରେ ପହଞ୍ଚିବୁ ବୋଲି ମୋକିମ୍ କହିଛନ୍ତି ।

ସେହିପରି ଝିଅ ସୋଫିଆ ଫିର୍ଦ୍ଦୋସ୍ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନେଇ ବାପା ମୋକିମ୍ ସ୍ପଷ୍ଟିକରଣ ଦେଇଛନ୍ତି । ଯେହେତୁ ସୋଫିଆ ମୋକିମ ଫାଉଣ୍ଡେସନର ଟ୍ରଷ୍ଟି ଅଛନ୍ତି ସେଥିପାଇଁ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ।

## ଉତ୍ସାହ ଏବଂ ରାଷ୍ଟ୍ର ଗୌରବରେ ପରିପୂର୍ଣ୍ଣ ସାଧାରଣତନ୍ତ୍ର ଦିବସ ସମାରୋହକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ (ପିଆଇବି) : ଭାରତ ସାଧାରଣତନ୍ତ୍ର ଦିବସ ସମାରୋହକୁ ଅତ୍ୟନ୍ତ ଉତ୍ସାହ ଏବଂ ଗୌରବର ସହିତ ପାଳନ କରିଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସେ ଉଲ୍ଲେଖ କରିଛନ୍ତି, କର୍ତ୍ତବ୍ୟ ପଥରେ ଅନୁଷ୍ଠିତ ଚିତ୍ତାକର୍ଷକ ପରେଡ ଭାରତୀୟ ଗଣତନ୍ତ୍ରର ଶକ୍ତି, ଏହାର ଐତିହ୍ୟଗତ ସମୃଦ୍ଧି ଏବଂ ଦେଶକୁ ଏକାଠି ବାନ୍ଧି ରଖୁଥିବା ଏକତାକୁ ପ୍ରଦର୍ଶନ କରିଛି। ଉତ୍ସବର ଝଲକ ଶେୟାର କରି ସେ କହିଛନ୍ତି ଯେ କର୍ତ୍ତବ୍ୟ ପଥ ସାଧାରଣତନ୍ତ୍ର ଦିବସ ପାଳନ ସମୟରେ ଜାତୀୟ ଗୌରବର ଏକ ଶକ୍ତିଶାଳୀ ପ୍ରଦର୍ଶନ ଦେଖିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ସାଧାରଣତନ୍ତ୍ର ଦିବସ ପାଳନ ସମୟରେ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲିଏନଙ୍କୁ ଆତିଥ୍ୟ ଦେବାର ସୌଭାଗ୍ୟ ଭାରତ ପାଇଛି। ସେ କହିଛନ୍ତି, ସେମାନଙ୍କରଉପସ୍ଥିତି ଭାରତ-ୟୁରୋପୀୟ ସଂଘ ଭାଗିଦାରୀର ବର୍ଦ୍ଧିତ ଶକ୍ତି ଏବଂ ସହଭାଗୀ ମୂଲ୍ୟବୋଧ ପ୍ରତି ଭାରତର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେଇଥାଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଗସ୍ତ ବିଭିନ୍ନ କ୍ଷେତ୍ରରେ ଭାରତ ଏବଂ ୟୁରୋପ ମଧ୍ୟରେ ଗଭୀର ସମ୍ପର୍କ ଏବଂ ସହଯୋଗକୁ ଗତିଶୀଳ କରିବ। ପ୍ରଧାନମନ୍ତ୍ରୀ କହିଛନ୍ତି, ସାଧାରଣତନ୍ତ୍ର ଦିବସ ପରେଡ ଭାରତ ନିଜର ଅଭେଦ୍ୟ ସୁରକ୍ଷା ଉପକରଣକୁ ପ୍ରଦର୍ଶନ କରିଛି, ଯାହା ଦେଶର ପ୍ରସ୍ତୁତି, ପ୍ରଯୁକ୍ତିବିଦ୍ୟା କ୍ଷମତା ଏବଂ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଶ୍ରୀ ମୋଦୀ କହିଛନ୍ତି, ସାଧାରଣତନ୍ତ୍ର ଦିବସ ପରେଡ ଭାରତୀୟ ସୁରକ୍ଷା ବାହିନୀର ଶକ୍ତିଶାଳୀ କ୍ଷମତାର ଏକ ଝଲକ ପ୍ରଦାନ କରିଛି। ଭାରତୀୟ ସୁରକ୍ଷା ବାହିନୀ ପ୍ରକୃତରେ ଦେଶର ଗୌରବ। ପରେଡ ସମୟରେ ସେମାନଙ୍କର ପ୍ରଭାବଶାଳୀ ଉପସ୍ଥିତିକୁ ଉଲ୍ଲେଖ କରୁଥିବା ଝଲକ ମଧ୍ୟ ସେ ସେୟାର କରିଛନ୍ତି। ସେ କହିଛନ୍ତି, ସାଧାରଣତନ୍ତ୍ର ଦିବସ ପାଳନ ସମୟରେ କର୍ତ୍ତବ୍ୟ ପଥଠାରେ ଭାରତର ସାଂସ୍କୃତିକ ବିବିଧତାର ଏକ ସ୍ପଷ୍ଟ ପ୍ରଦର୍ଶନ ଦେଖିବାକୁ ମିଳିଛି। ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ ପରେଡରେ ଜୀବନ୍ତ ପ୍ରଦର୍ଶନ ଏବଂ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ଭାରତର ସାଂସ୍କୃତିକ ବିବିଧତାକୁ ପ୍ରଦର୍ଶନ କରାଯାଇଥିଲା, ଯାହା ଦେଶର ସମୃଦ୍ଧ ଏବଂ ବିବିଧ ଐତିହ୍ୟକୁ ପ୍ରତିଫଳିତ କରିଥାଏ। ଏକ୍ସରେ ଏକାଧିକ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି; ''ଭାରତ ଅତ୍ୟନ୍ତ ଉତ୍ସାହ ଏବଂ ଗର୍ବର ସହିତ ସାଧାରଣତନ୍ତ୍ର ଦିବସ ପାଳନ କରିଥିଲା। କର୍ତ୍ତବ୍ୟ ପଥଠାରେ ଅନୁଷ୍ଠିତ ଚମତ୍କାର ପରେଡ ଆମର ଗଣତନ୍ତ୍ରର ଶକ୍ତି, ଆମର ଐତିହ୍ୟର ସମୃଦ୍ଧି ଏବଂ ଆମ ଦେଶକୁ ଏକତ୍ର ବାନ୍ଧି ରଖୁଥିବା ଏକତାକୁ ପ୍ରଦର୍ଶନ କରିଥିଲା।

ଏଠାରେ କିଛି ଝଲକ ଦିଆଯାଇଛି...'' ''ଆଜି ସାଧାରଣତନ୍ତ୍ର ଦିବସ ପାଳନ ସମୟରେ କର୍ତ୍ତବ୍ୟ ପଥ ଜାତୀୟ ଗୌରବର ଏକ ଶକ୍ତିଶାଳୀ ପ୍ରଦର୍ଶନ ଦେଖିଥିଲା। ଏଠାରେ ଆଉ କିଛି ଝଲକ ଦିଆଯାଇଛି...''

''ସାଧାରଣତନ୍ତ୍ର ଦିବସ ପାଳନ ସମୟରେ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପୀୟ ଆୟୋଗର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲିଏନଙ୍କୁ ଆତିଥ୍ୟ ଦେବାର ସୌଭାଗ୍ୟ ଭାରତ ପାଇଛି।

ସେମାନଙ୍କର ଉପସ୍ଥିତି ଭାରତ-ୟୁରୋପୀୟ ସଂଘ ଭାଗିଦାରୀର ବର୍ଦ୍ଧିତ ଶକ୍ତି ଏବଂ ସହଭାଗୀ ମୂଲ୍ୟବୋଧ ପ୍ରତି ଭାରତର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେଇଥାଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଗସ୍ତ ବିଭିନ୍ନ କ୍ଷେତ୍ରରେ ଭାରତ ଏବଂ ୟୁରୋପ ମଧ୍ୟରେ ଗଭୀର ସମ୍ପର୍କ ଏବଂ ସହଯୋଗକୁ ଗତିଶୀଳ କରିବ।

## ଜଟଣୀ ବ୍ଲକରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରତିଯୋଗିତା



ଜଟଣୀ (ମାନିସ) : ଜଟଣୀ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାରଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ସାଧାରଣ ଜ୍ଞାନ ପ୍ରତିଯୋଗିତା ସରକାରୀ ଉଚ୍ଚ ବିଦ୍ୟାଳୟ ଗଙ୍ଗପଡା ଠାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବ୍ଲକର ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ବେହେରା ମହୋଦୟ। ପୁରୀ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଉପାଧ୍ୟକ୍ଷ ବ୍ରଜବନ୍ଧୁ ନାୟକ,ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେଲ। ଜଟଣୀ ବ୍ଲକ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରଶିକ୍ଷିକା ବୀଣା ପାଣୀ ପାଢ଼ୀ, ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ ପ୍ରାଧ୍ୟାପକ ଇଂ ରାଜେନ୍ଦ୍ର ପ୍ରସାଦ ନାୟକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟିର ସଭାପତି ଭାସ୍କର ଦାସ,ପୁରାତନ ଛାତ୍ର ସଂସଦ ସଭାପତି ସୌମ୍ୟ ରଞ୍ଜନ ମହାରଥୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନୀ ନାୟକ ପ୍ରମୁଖ ସଂମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ୩ଟି ବିଭାଗରେ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ପ୍ରତି ବର୍ଗରୁ ପ୍ରାୟ ୧୫୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ୩ଟି ବର୍ଗର ଛାତ୍ରଛାତ୍ରୀ ମାନେ ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇଥିଲେ ।ସେମାନଙ୍କ ମଧ୍ୟରେ ଥିଲେ ସର୍ବ କନିଷ୍ଠ ବର୍ଗର ଛାତ୍ରୀ ପ୍ରତୀକ୍ଷ ମହାପାତ୍ର, କନିଷ୍ଠ ବର୍ଗର ରାହୁଲ ନାୟକ ଓ ବରିଷ୍ଠ ବର୍ଗର ବାସୁଦେବ ତ୍ରିପାଠୀ। ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ବ୍ଲକର ସମସ୍ତ ସି.ଆର.ସି.ସି., ବିଜ୍ଞାନ ଶିକ୍ଷକ ଅଜୟ କୁମାର ବରାଡ଼, ଆକାଶ କୁମାର ମହାନ୍ତି, ଜିତ ରଞ୍ଜନ ମହାପାତ୍ର, ବିଷ୍ଣୁପ୍ରିୟା ରଥ, ବିଷ୍ଣୁପ୍ରିୟା ସାହୁ, ସ୍ୱାତି ଶୁଭ ଦର୍ଶନୀ ମିଶ୍ର, ଇତିଶ୍ରୀ ବେହେରା। ଏହି ପରିପ୍ରେକ୍ଷୀରେ ଲଗାତାର ବ୍ଲକ ସ୍ତର, ଜିଲ୍ଲା ସ୍ତର, ରାଜ୍ୟ ସ୍ତର ଓ ଜାତୀୟ ସ୍ତରରେ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଡ୍ରାମାରେ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକ, ଜିଲ୍ଲା ଓ ଆମ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି ।ଉକ୍ତ ବିଦ୍ୟାଳୟର ଅଜୟ କୁମାର ବେହେରା ଶ୍ରେଷ୍ଠ ପଟକଥା ଲେଖକ ଭାବେ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଓ ଉଦିତ ଗୁରୁ ମହାପାତ୍ର ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।ଏହି ପରିପ୍ରେକ୍ଷୀରେ ଜଟଣୀ ବ୍ଲକ ତରଫରୁ ସେହି ଦଳକୁ ଗୋଷ୍ଠୀ ଶିକ୍ଷାଧିକାରୀ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଅତିଥି ପରିଚୟ ପ୍ରଦାନ କରିଥିଲେ ଡଃ ରଶ୍ମିତା ନାୟକ ଓ ଧନ୍ୟବାଦ ଅର୍ପଣ କରିଥିଲେ ସୁଶ୍ରୀ ଟୁଲୁ ଦେଇ ।

## ଗଣତନ୍ତ୍ର ଦିବସ ପରେଡରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପ୍ରଜ୍ଞାପନ ମେଢ଼



ନୂଆଦିଲ୍ଲୀ : ଆଜି କର୍ତ୍ତବ୍ୟ ପଥରେ ଆୟୋଜିତ ଗଣତନ୍ତ୍ର ଦିବସ ପରେଡରେ ଉପସ୍ଥାପିତ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପ୍ରଜ୍ଞାପନ ମେଢ଼ର କିଛି ଦୃଶ୍ୟ ଏଠାରେ ଦିଆଯାଇଛି: ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପ୍ରଜ୍ଞାପନ ମେଢ଼ 'ଭାରତ ଗାଥା: ଶ୍ରୁତି, କୃତି, ଦୃଷ୍ଟି'; ଶୀର୍ଷକରେ ଭାରତର ସମୃଦ୍ଧ କାହାଣୀ କଥନ ପରମ୍ପରାକୁ ପ୍ରଦର୍ଶିତ କରିଛି। ଏହା ପ୍ରାଚୀନ ମୌଖିକ ପରମ୍ପରାରୁ ସମସାମୟିକ ଗଣମାଧ୍ୟମ ଏବଂ ସିନେମା ପର୍ଯ୍ୟନ୍ତ ଯାତ୍ରାର ଚିତ୍ରଣ କରେ, ଯାହା ଦେଶର ସାଂସ୍କୃତିକ ବିବର୍ତ୍ତନ ଏବଂ ଏକ ବିଶ୍ୱ ବିଷୟବସ୍ତୁ ଶକ୍ତି ଭାବରେ ଉଦୟକୁ ପ୍ରତିଫଳିତ କରେ। ଏହି ପ୍ରଜ୍ଞାପନ ମେଢ଼ ୱେଭ୍ ?ସକୁ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ଭାବେ ମଧ୍ୟ ଉପସ୍ଥାପିତ କରିଛି ଯାହା ଭାରତର ଗଣମାଧ୍ୟମ ଏବଂ ମନୋରଞ୍ଜନ ନେତୃତ୍ୱ, ନବସୃଜନ ତଥା ସାଂସ୍କୃତିକ କୂଟନୀତିକୁ ପ୍ରୋତ୍ସାହିତ କରେ। ୭୭ତମ ଗଣତନ୍ତ୍ର ଦିବସ ପରେଡରେ ଏହା ସଭ୍ୟତାଗତ ଐତିହ୍ୟକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ମିଶ୍ରଣ କରିଛି। ଏହା ସହିତ ପରମ୍ପରାକୁ ଜୀବନ୍ତ କରି ଭବିଷ୍ୟତର କାହାଣୀଗୁଡ଼ିକୁ ସଫଳତାର ସହିତ ଉପସ୍ଥାପନ କରିଛି।

## ସର୍ବଭାରତୀୟ 'ସମୃଦ୍ଧି' ସମାରୋହ ୨୦୨୫-୨୬ ଉଦଘାଟିତ



ନୂଆଦିଲ୍ଲୀ (ପିଆଇବି) : ଭୁବନେଶ୍ୱର : ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ, କଳା ସମନ୍ୱୟ ଶିକ୍ଷା ମାଧ୍ୟମରେ ଅଭିଜ୍ଞତାଭିତ୍ତିକ ଶିକ୍ଷଣ ଓ ଆନନ୍ଦଦାୟୀ ଶ୍ରେଣୀଗୃହ ଗଠନର ଲକ୍ଷ୍ୟ ନେଇ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ସର୍ବଭାରତୀୟ କଳାଏକୀକୃତ ଶିକ୍ଷା ପଦ୍ଧତି 'ସମୃଦ୍ଧି' (୨୦୨୫-୨୬) ଆଜି ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମ ୨୯ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ। ସିଆଇଇଟି-ଏନସିଇଆରଟିର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଅମରେନ୍ଦ୍ର ପ୍ରସାଦ ବେହେରା ଏହି ସମାରୋହକୁ ଉଦଘାଟନ କରିଥିଲେ। ସେ କହିଥିଲେ ଯେ, ଦେଶର ସମୃଦ୍ଧ କଳା ଐତିହ୍ୟର ସଂରକ୍ଷଣ ଓ ପ୍ରୋତ୍ସାହନ 'ସମୃଦ୍ଧି' କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ। ବିଦ୍ୟାଳୟ ଶିକ୍ଷାର ପ୍ରତ୍ୟେକ ବିଷୟକୁ ଆକର୍ଷଣୀୟ କରିବା ପାଇଁ ଭାଷା ସହ କଳାର କୌଶଳ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ସ୍ୱାଗତ ଭାଷଣ ପ୍ରଦାନ ସହ, କଳା ଶିକ୍ଷକଙ୍କ ଆବଶ୍ୟକତା ଓ ଜାତୀୟ ଶିକ୍ଷା ନୀତି-୨୦୨୦ରେ ପ୍ରସ୍ତାବିତ କଳା ସମନ୍ୱୟ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାରମ୍ଭରେ ଏନସିଇଆରଟିର କଳା ଓ ସୌନ୍ଦର୍ଯ୍ୟବୋଧ ଶିକ୍ଷା ବିଭାଗର ଅଧ୍ୟକ୍ଷା ପ୍ରଫେସର ଜ୍ୟୋତ୍ସ୍ନା ତିୱାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସ୍ପଷ୍ଟ କରି, ଦେଶର ବିଭିନ୍ନ ପ୍ରଦେଶ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଥିବା ଶିକ୍ଷକ ପ୍ରତିନିଧି ଏବଂ ପ୍ରତିଷ୍ଠିତ କଳା ବିଶେଷଜ୍ଞମାନଙ୍କୁ ବିଚାରକ ଭାବେ ଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ ଓ 'ସମୃଦ୍ଧି'ର ଜାତୀୟ ସଂଯୋଜିକା ଡ଼. ଶର୍ବରୀ ବାନାର୍ଜୀ ଧନ୍ୟବାଦ ଜଣାଇ, ଓଡ଼ିଶା ପରି କଳା-ସଂସ୍କୃତିର ରାଜ୍ୟରେ ଏଭଳି ଜାତୀୟସ୍ତରୀୟ କଳାତ୍ମକ କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିଥିଲେ। ତିନି ଦିନିଆ ଏହି ସର୍ବଭାରତୀୟ ସମାରୋହରେ ଦେଶର ବିଭିନ୍ନ ପ୍ରଦେଶ, କେନ୍ଦ୍ରଶାସିତ ଅଞ୍ଚଳ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରାୟ ୯୮ ଜଣ ଶିକ୍ଷକ ପ୍ରତିନିଧି ଯୋଗ ଦେଇଥିଲେ। ଏହା ସହ କଳା ମାଧ୍ୟମରେ ଶିକ୍ଷାକୁ କିପରି ଅଧିକ ପ୍ରଭାବଶାଳୀ କରାଯାଇପାରିବ, ସେଥିରେ ପ୍ରତିଯୋଗିତା ମାଧ୍ୟମରେ ନିଜ ଦକ୍ଷତା ପ୍ରଦର୍ଶନ କରିବେ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ପ୍ରଫେସର ରମାକାନ୍ତ ମହାଲିକ ଓ ପ୍ରଫେସର ରଶ୍ମିରେଖା ସେଠୀ ଏହି ତିନିଦିନିଆ ସମାରୋହର ଆଞ୍ଚଳିକ ସଂଯୋଜକ ଭାବେ ସଂଯୋଜନା କରୁଛନ୍ତି।

## ଗଡସ ପାଓ୍ୱାର ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଓ ରକ୍ତଦାନ ଶିବିର ଆୟୋଜିତ



କୁଚିଣ୍ଡା (ମାନିସ): କୁଚିଣ୍ଡା ବ୍ଲକ ବକ୍ସମା ଗ୍ରାମ ପଞ୍ଚାୟତ ବି. ଜମନକିରା ସ୍ଥିତ ଗଡସ ପାଓ୍ୱାର ଏଣ୍ଡ ବ୍ଲେଣ୍ଡିଂସ ମିନିଷ୍ଟ୍ରି ଅନୁଷ୍ଠାନ ପକ୍ଷରୁ ୭୭ ତମ ସାଧାରଣତନ୍ତ୍ର ଦିବସ ସମାରୋହ ପାଳିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସମାଜସେବୀ ଓ କୁଟୁରାଚୁଆଁ କଲେଜର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।ସେ ତାଙ୍କ ବକ୍ତବ୍ୟରେ ସମ୍ବିଧାନରେ ଥିବା ନାଗରିକଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଉଦବୋଧନ ଦେଇଥିଲେ ଏହା ସହିତ ସ୍ୱେଚ୍ଛାସେବୀ ଗଣଙ୍କ ରକ୍ତଦାନକୁ ଉଚ୍ଚ ପ୍ରଶଂସା କରିଥିଲେ ।ଏହା ପରେ ଅନୁଷ୍ଠାନ ପକ୍ଷରୁ କୁଚିଣ୍ଡା ସହରର ରେଡକ୍ରସ ରକ୍ତ ଭଣ୍ଡାରରେ ଏକ ରକ୍ତ ଦାନ ଶିବିର ଆୟୋଜନ ହୋଇଥିଲା ।ଏହି ଶିବିରକୁ କୁଚିଣ୍ଡା ଉପଜିଲ୍ଲାପାଳ ସର୍ବାନନ ସ ଉଦଘାଟନ କରିଥିଲେ । ଶିବିର ପରିଚାଳନାରେ ଅନୁଷ୍ଠାନର ସଭାପତି ପ୍ରମୋଦ ରୋହିଦାସ ଅଧ୍ୟକ୍ଷତା ଓ ଉପଦେଷ୍ଟା ବିମଳ ମେହେରଙ୍କ ସଂଯୋଜନାରେ ଉପଜିଲ୍ଲାପାଳ ଶ୍ରୀ ସ, ଶିକ୍ଷାବିତ ଶ୍ରୀ ନାୟକଙ୍କ ସମେତ ଏସଡିଏମଓ ଡ଼. ସୁବୋଧ ନାଏକ, ବକ୍ସମା ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ନବୀନ ମାଝୀ, ବରିଷ୍ଠ ସାମ୍ବାଦିକ ସଞ୍ଜୟ ମିଶ୍ର, ନାଏବ ସରପଞ୍ଚ ଉଷା ବାହାଲା, ଆଇନଜୀବୀ ଶାନ୍ତନୁ କାଲୋ, ରମେଶ ଚନ୍ଦ୍ର ମେହେର ପ୍ରମୁଖ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ମୋଟ ୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

## ପ୍ରେସ ଫୋରମ୍ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ

ବାଲେଶ୍ୱର (ମାନିସ): ରବିବାର ଜାନୁଆରୀ ୨୬ ତାରିଖ ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ପ୍ରକୋଷ୍ଠ ଠାରେ ପ୍ରେସ ଫୋରମ୍ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଛି ।ଏହି ଅବସରରେ ସକାଳ ୭.୩୦ ମିନିଟ ସମୟରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।ପୂର୍ବାହ୍ନରେ ଆୟୋଜିତ ରକ୍ତଦାନ ଶିବିର ରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ରକ୍ତଦାତା ଙ୍କୁ ଉତ୍ସାହିତ କରିବା ସହ ଏଭଳି ମହତ କାର୍ଯ୍ୟପାଇଁ ଆୟୋଜକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସପି ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ, ଉପଜିଲ୍ଲାପାଳ ଶିବ ମାଳବ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଶିବ ଦାସ କୁଣ୍ଡୁ,ରବି ରାଉତ,ଉବାଚକ ମହାନ୍ତି, ବ୍ରହ୍ମାନନ୍ଦ ସ୍ୱାଇଁ, ଶରତ କୁମାର ବାରିକ,ରମଣୀ ରଂଜନ ଦାସ, ସଂଯୁକ୍ତ ରାଣୀଙ୍କ ସମେତ ବହୁ ସଦସ୍ୟ, ସଦସ୍ୟା ଯୋଗଦେଇଥିଲେ।

## ଜନ୍ମ ଦିନରେ ଅଭିନନ୍ଦନ ଜଣାଇଲେ ସମାଜସେବୀ ହିମାଂଶୁ ମହାନ୍ତି



ଟାଙ୍ଗୀ (ମାନିସ) : କଟକ ଭାଜପା ସାଙ୍ଗଠନିକ ଜିଲ୍ଲା ଗ୍ରାମୀଣ କ୍ଷେତ୍ର ର ସଭାପତି ଶ୍ରୀ ରାମନାରାୟଣ ମହାନ୍ତି ଙ୍କୁ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଭଗବାନ ଜଗନ୍ନାଥଙ୍କ କୃପାରୁ ସ୍ୱାସ୍ଥ୍ୟ, ଦୀର୍ଘାୟୁ ହୁଅନ୍ତୁ। ସଂଗଠନ ପ୍ରତି ଆପଣଙ୍କର ନିଷ୍ଠା, ତ୍ୟାଗ ଓ ନେତୃତ୍ୱ ଗୁଣ ଆମ ସମସ୍ତଙ୍କ ପାଇଁ ପ୍ରେରଣା। ଗ୍ରାମୀଣ କ୍ଷେତ୍ରର ସମଗ୍ର ଉନ୍ନତି ଓ ଦଳର ସଶକ୍ତିକରଣ ପାଇଁ ଆପଣଙ୍କର ପ୍ରୟାସ ସଦା ସଫଳ ହେଉ ।ଆପଣ ସର୍ବଦା ଦେଶ ମାତୃକାର ସେବା ଜାରୀ ରଖନ୍ତୁ।

## ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ୭୭ତମ ଗଣତନ୍ତ୍ର ଦିବସ ପାଳିତ



ଜଟଣୀ: ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ୭୭ତମ ଗଣତନ୍ତ୍ର ଦିବସ ମହାପର୍ବ ଓ ଦେଶପ୍ରେମର ଉତ୍ସାହର ସହିତ ପାଳନ କରାଯାଇଛି। ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରି ଅଧିକାରୀ, କର୍ମଚାରୀ, ସ୍ୱୀକୃତିପ୍ରାପ୍ତ ୟୁନିଅନ୍ ଓ ସଂଘର ପ୍ରତିନିଧି, ଏଇକୋ.ଆର.ଡବ୍ଲ୍ୟ.ଡବ୍ଲ୍ୟ.ଓ ର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଏବଂ ରେଳ କର୍ମଚାରୀମାନଙ୍କ ପରିବାର ସଦସ୍ୟଙ୍କୁ ସମ୍ବୋଧିତ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ତ୍ରିପାଠି ଗଣତନ୍ତ୍ର ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ, ଯାହା ଆମକୁ ସମ୍ବିଧାନରେ ଲିଖିତ ମୂଲ୍ୟବୋଧକୁ ମନେ ପକାଇଥାଏ ଏବଂ ଏକତା, ଅଖଣ୍ଡତା, ସୁରକ୍ଷା ଏବଂ ଦେଶ ପ୍ରତି ଉତ୍ସର୍ଗୀକୃତ ସେବା ପ୍ରତି ଡିଭିଜନର ପ୍ରତିବଦ୍ଧତାକୁ ପୁନରାବୃତ୍ତି କରିଥିଲେ। ସେ ଜାତୀୟ ବିକାଶ ଏବଂ ସଂଯୋଗୀକରଣରେ ଭାରତୀୟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରମୁଖ ସଫଳତା ଉପରେ ଆଲୋକପାତ କରି ସେ କହିଛନ୍ତି ଯେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଭାରତୀୟ ରେଳପଥରେ ମୋଟ ଟ୍ରାଫିକ ପରିଚାଳନାରେ ଏକ ନମ୍ବର ସ୍ଥାନ ହାସଲ କରିଛି, ରେକର୍ଡ ଭାଙ୍ଗି ଲୋଡିଂ ଏବଂ ଅନଲୋଡିଂ କାର୍ଯ୍ୟଦକ୍ଷତା ସହିତ ୨୫୬ ନିୟୁତ ଟନକୁ ଅତିକ୍ରମ କରିଛି। ଟ୍ରାକ୍ ନବୀକରଣ, ସୁରକ୍ଷା ବାଡ଼, ତୃତୀୟ ଏବଂ ଚତୁର୍ଥ ଲାଇନର କାର୍ଯ୍ୟକ୍ଷମତା ସହିତ କ୍ଷମତା ବୃଦ୍ଧି, ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଷ୍ଟେସନ ପୁନଃବିକାଶ ଏବଂ ମୋଟ ?୧୩,୦୦୦ କୋଟିରୁ ଅଧିକ ଆୟ ସହିତ ଦୃଢ଼ ଆର୍ଥିକ ପ୍ରଦର୍ଶନରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଶ୍ରୀ ତ୍ରିପାଠୀ ରେଳକର୍ମୀମାନଙ୍କର ନିଷ୍ଠା ଓ କର୍ତ୍ତବ୍ୟନିଷ୍ଠାକୁ ସ୍ୱୀକାର କରି ୟୁନିଅନ୍, ସଂଘ, ଏଇକୋ.ଆର.ଡବ୍ଲ.ଡବ୍ଲ.ଓ ମାଧ୍ୟମଙ୍କ ସହଯୋଗ ପ୍ରତି କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଉତ୍ସବକୁ ଅଧିକ ରଙ୍ଗୀନ କରିଥିଲା ।କାର୍ଯ୍ୟକ୍ରମର ସମାପ୍ତି ଦେଶସେବାରେ ଉତ୍କୃଷ୍ଟତା ସହ କାର୍ଯ୍ୟ କରିବା ପ୍ରତି ନୂତନ ସଙ୍କଳ୍ପ ସହିତ ହୋଇଥିଲା

## ଧାମନଗର ବିଭିନ୍ନ ସ୍ଥାନରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ

ଧାମନଗର (ମାନିସ) : ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ୭୭ ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଛି। ଧାମନଗର ଅଞ୍ଚଳରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ଧାମନଗର କୋର୍ଟ, ଥାନା, ମହତାବ ସେବା ସଦନ, ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦ, କଂଗ୍ରେସ, ବିଜେଡି ଓ ବିଜେପି ଦଳ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ବିଶେଷ କରି ଧାମନଗର ପ୍ରେସ କ୍ଲବ ପରିସରରେ କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ଜେନା ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ସାଧାରଣ ସମ୍ପାଦକ ସରୋଜ କୁମାର ସେଠୀ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ପୂର୍ବତନ ସଭାପତି ବୈକୁଣ୍ଠ ନାଥ ସାହୁ ଓ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡା, ରସାନନ୍ଦ ମହାପାତ୍ର, ଅଭିମନ୍ୟୁ ମଲ୍ଲିକ, ସୁଧାକର ଦାଶ, ଗୋଲାମ ଜିଲାନି ହବିବୀ, ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଫିଡର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମହେନ୍ଦ୍ର ନୋଡାଲ ବିଦ୍ୟାଳୟ , ଧାମନଗର ବ୍ରିଗେଡ଼ ସୈନିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭଗବାନପୁର ନୋଡାଲ ବିଦ୍ୟାଳୟ, ପଳିକିରି ନୋଡାଲ ବିଦ୍ୟାଳୟ, ତପନେସ୍ୱର ଉଚ୍ଚ ବିଦ୍ୟାଳୟ ଏବଂ ଅକ୍ସଫୋର୍ଡ୍ ପବ୍ଲିକ ସ୍କୁଲ ତଥା ଶିଶୁ ବିଦ୍ୟାମନ୍ଦିରରେ ପ୍ରଥମେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ପ୍ୟାରେଡ ଓ ଦେଶର ମହା ପୁରୁଷଙ୍କ ନାମରେ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ପରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା ବେଳେ କେତେକ ସ୍ଥାନରେ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ନେଇ ସୂଚନା ମିଳିଛି। ଏହି ଅବସରରେ ଧାମନଗର ବ୍ଲକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ପ୍ରମୁଖ ବିଭିନ୍ନ ଅଧିକାରୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ଭିଡିଓ କନଫରେନ୍ସିଂ ମାଧ୍ୟମରେ ଭାରତ ଶକ୍ତି ସପ୍ତାହ ୨୦୨୬ର ଉଦଘାଟନୀ ସମାରୋହକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ (ପିଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ 'ଭାରତ ଶକ୍ତି ସପ୍ତାହ-୨୦୨୬'ର ଉଦଘାଟନ ସମାରୋହକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି ଯେ, ଶକ୍ତି ସପ୍ତାହର ଏହି ନୂତନ ସଂସ୍କରଣରେ ପ୍ରାୟ ୧୨୫ଟି ଦେଶର ପ୍ରତିନିଧି ଗୋଆରେ ଏକତ୍ରିତ ହୋଇଛନ୍ତି। ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି ପ୍ରତିନିଧିମାନେ ଶକ୍ତି-ସୁରକ୍ଷା ଏବଂ ସ୍ଥାୟୀ ଭବିଷ୍ୟତ ବିଷୟରେ ଆଲୋଚନା କରିବା ପାଇଁ ଭାରତ ଆସିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଭାରତ ଶକ୍ତି ସପ୍ତାହ, ବହୁତ କମ ସମୟ ମଧ୍ୟରେ, ଆଲୋଚନା ଏବଂ କାର୍ଯ୍ୟ ପାଇଁ ଏକ ବିଶ୍ୱସ୍ତରୀୟ ମଞ୍ଚ ଭାବରେ ଉଭା ହୋଇଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଜି ଭାରତ ଶକ୍ତି କ୍ଷେତ୍ର ପାଇଁ ଅପାର ସୁଯୋଗର ଭୂମି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଭାରତ ହେଉଛି ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି, ଯାହାର ଅର୍ଥ ହେଉଛି ଦେଶର ଶକ୍ତି ଉତ୍ପାଦର ଚାହିଦା ନିରନ୍ତର ବୃଦ୍ଧି ପାଉଛି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଭାରତ ବିଶ୍ୱ ଚାହିଦା ପୂରଣ କରିବା ପାଇଁ ମଧ୍ୟ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରୁଛି। ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ, ଭାରତ ବିଶ୍ୱର ପେଟ୍ରୋଲିୟମ ଉତ୍ପାଦର ଶୀର୍ଷ ପାଞ୍ଚ ରପ୍ତାନିକାରୀଙ୍କ ମଧ୍ୟରେ ଅନ୍ୟତମ, ଏହାର ରପ୍ତାନୀ ବ୍ୟାପକତା ୧୫୦ ରୁ ଅଧିକ ଦେଶକୁ ବିସ୍ତାରିତ। ସେ କହିଛନ୍ତି ଯେ, ଭାରତର ଏହି କ୍ଷମତା ସମସ୍ତଙ୍କ ପାଇଁ ବହୁତ ଲାଭଦାୟକ ହେବ। ସେ ଆହୁରି ଗୁରୁତ୍ୱାରୋପ କରିଛନ୍ତି ଯେ, ଶକ୍ତି ସପ୍ତାହ ପ୍ଲାଟଫର୍ମ ସହଭାଗୀତା ଅନୁସନ୍ଧାନ କରିବା ପାଇଁ ଏକ ଉତ୍କୃଷ୍ଟ ସ୍ଥାନ। ଏଥିସହିତ ପ୍ରଧାନମନ୍ତ୍ରୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭକାମନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ତାଙ୍କର ବକ୍ତବ୍ୟ ପ୍ରଦାନ କରିବା ପୂର୍ବରୁ, ସେ ଏକ ପ୍ରମୁଖ ବିକାଶ ଉପରେ ଆଲୋକପାତ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଗତକାଲି ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ଯାହାକୁ ସାରା ବିଶ୍ୱର ଲୋକମାନେ 'ସମସ୍ତ ଚୁକ୍ତିର ଜନନୀ' ବୋଲି କହୁଛନ୍ତି। ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଏହି ଚୁକ୍ତି ଭାରତର ୧୪୦ କୋଟି ଲୋକ ଓ ୟୁରୋପୀୟ ରାଷ୍ଟ୍ରର ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅପାର ସୁଯୋଗ ଆଣିଛି। ସେ କହିଛନ୍ତି ଯେ, ଏହା ବିଶ୍ୱର ଦୁଇଟି ବୃହତ ଅର୍ଥନୀତି ମଧ୍ୟରେ ସମନ୍ୱୟର ଏକ ଉଲ୍ଲେଖନୀୟ ଉଦାହରଣ। ଏହି ଚୁକ୍ତି ବିଶ୍ୱ ଜିଡିପିର ପ୍ରାୟ ୨୫ ପ୍ରତିଶତ ଏବଂ ବିଶ୍ୱ ବାଣିଜ୍ୟର ପ୍ରାୟ ଏକ ତୃତୀୟାଂଶ ପ୍ରତିନିଧିତ୍ୱ କରେ। ସେ ମନ୍ତବ୍ୟ ଦେଇଛନ୍ତି ଯେ, ବାଣିଜ୍ୟ ବ୍ୟତୀତ, ଏହି ଚୁକ୍ତି ଗଣତନ୍ତ୍ର ଓ ଆଇନର ଶାସନ ପ୍ରତି ସମାନ ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି। ଶ୍ରୀ ମୋଦୀ ସୂଚାଇଛନ୍ତି ଯେ, ୟୁରୋପୀୟ ସଂଘ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି ବ୍ରିଟେନ ଏବଂ ଇଏଫଟିଏ ସହିତ ଚୁକ୍ତିଗୁଡ଼ିକୁ ପରିପୂରକ କରି, ଏହାଦ୍ୱାରା ବାଣିଜ୍ୟ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳା ଉଭୟକୁ ସୁଦୃଢ଼ କରିବ। ଏହି ସଫଳତା ପାଇଁ ସେ ଭାରତର ଯୁବପିଢ଼ି ଓ ସମସ୍ତ ନାଗରିକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ଏବଂ ବୟନଶିଳ୍ପ, ରତ୍ନ ଅଳଙ୍କାର, ଚମଡା ଓ ଜୋତା ଭଳି କ୍ଷେତ୍ରରେ ନିୟୋଜିତ ବ୍ୟକ୍ତିମାନଙ୍କୁ ତାଙ୍କର ଶୁଭକାମନା ଜଣାଇ ସେ ଉଲ୍ଲେଖ କରିଛନ୍ତି ଯେ, ଏହି ଚୁକ୍ତିନାମା ସେମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହେବ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଏହି ବାଣିଜ୍ୟ ଚୁକ୍ତିନାମା କେବଳ ଭାରତରେ ଉତ୍ପାଦନକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ସେବା କ୍ଷେତ୍ରକୁ ଆହୁରି ବିସ୍ତାର କରିବ। ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ, ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଭାରତରେ ବିଶ୍ୱସ୍ତରରେ ବ୍ୟବସାୟ ଏବଂ ନିବେଶକଙ୍କ ବିଶ୍ୱାସକୁ ସୁଦୃଢ଼ ? ?କରିବ। ଭାରତ ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱସ୍ତରୀୟ ସହଭାଗୀତା ଉପରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛି ବୋଲି ଗୁରୁତ୍ୱାରୋପ କରି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଛନ୍ତି ଯେ, କେବଳ ଶକ୍ତି କ୍ଷେତ୍ରରେ, ଶକ୍ତି ମୂଲ୍ୟ ଶୃଙ୍ଖଳର ବିଭିନ୍ନ କ୍ଷେତ୍ରରେ ବିପୁଳ ନିବେଶର ସୁଯୋଗ ରହିଛି। ଶ୍ରୀ ମୋଦୀ ଏହା ଉପରେ ଆଲୋକପାତ କରିଛନ୍ତି ଯେ, ଭାରତ ଏହାର ଅନୁସନ୍ଧାନ କ୍ଷେତ୍ରକୁ ଉଲ୍ଲେଖନୀୟ ଭାବରେ ଉନ୍ମୁକ୍ତ କରିଛି। ଏଥିସହିତ ସମୁଦ୍ର ମନ୍ଥନ ମିଶନ ଭାବରେ ପରିଚିତ ଗଭୀର ସମୁଦ୍ର ଅନୁସନ୍ଧାନ ପଦକ୍ଷେପ ବିଷୟରେ ମଧ୍ୟ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ, ଏହି ଦଶନ୍ଧି ଶେଷ ସୁଦ୍ଧା ଭାରତ ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ନିବେଶକୁ ୧୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି, ଯାହାର ଲକ୍ଷ୍ୟ ହେଉଛି ଅନୁସନ୍ଧାନ ପରିସରକୁ ଦଶ ଲକ୍ଷ ବର୍ଗ କିଲୋମିଟରକୁ ବିସ୍ତାର କରିବା। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ୧୭୦ରୁ ଅଧିକ ବ୍ଲକ ପୂର୍ବରୁ ପ୍ରଦାନ କରାଯାଇଛି, ଏବଂ ଆଣ୍ଡାମାନ ଓ ନିକୋବର ଅବବାହିକା ପରବର୍ତ୍ତୀ ହାଇଡ୍ରୋକାର୍ବନ ସୁଯୋଗ ଭାବରେ ଉଭା ହେଉଛି। ନିଷେଧ କ୍ଷେତ୍ର ହ୍ରାସ କରିବା ସମେତ ଅନୁସନ୍ଧାନ କ୍ଷେତ୍ରରେ ଅନେକ ସଂସ୍କାର ନିଆଯାଇଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ଯେ, ଭାରତ ଶକ୍ତି ସପ୍ତାହର ପୂର୍ବ ସଂସ୍କରଣରେ ଦିଆଯାଇଥିବା ପରାମର୍ଶଗୁଡ଼ିକୁ ଆଇନ ଏବଂ ନିୟମ ପରିବର୍ତ୍ତନରେ ଅନ୍ତର୍ଭୁକ୍ତ କରାଯାଇଛି। ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ, ଅନୁସନ୍ଧାନ କ୍ଷେତ୍ରରେ ନିବେଶ କରୁଥିବା କମ୍ପାନୀଗୁଡ଼ିକ ନିଶ୍ଚିତ ଭାବରେ ବର୍ଦ୍ଧିତ ଲାଭ ପାଇପାରିବେ। ପ୍ରଧାନମନ୍ତ୍ରୀ ମୋଦୀ ଭାରତର ଆଉ ଏକ ସ୍ୱତନ୍ତ୍ର ଶକ୍ତି ଉପରେ ଆଲୋକପାତ କରିଛନ୍ତି, ଯାହା ଶକ୍ତି କ୍ଷେତ୍ରରେ ନିବେଶକୁ ଅତ୍ୟନ୍ତ ଲାଭଦାୟକ କରୁଛି। ସେ କହିଛନ୍ତି ଯେ, ଭାରତରେ ବିଶୋଧନ କ୍ଷମତା ବହୁତ ବଡ଼ ଏବଂ ବର୍ତ୍ତମାନ ଏହା ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ଅଛି। ଶ୍ରୀ ମୋଦୀ ଜୋର ଦେଇ କହିଛନ୍ତି ଯେ, ଭାରତ ବିଶୋଧନ କ୍ଷମତାରେ ବିଶ୍ୱସ୍ତରରେ ଏକ ନମ୍ବର ଦେଶ ହୋଇପାରିବ। ସେ ଉଲ୍ଲେଖ କରିଛନ୍ତି ଯେ, ଭାରତର ବର୍ତ୍ତମାନ ବିଶୋଧନ କ୍ଷମତା ବାର୍ଷିକ ପ୍ରାୟ ୨୬୦ ଏମ୍‌ଏମ୍‌ଟି ରହିଛି ଏବଂ ଏହାକୁ ବାର୍ଷିକ ୩୦୦ ଏମ୍‌ଏମ୍‌ଟି ଅତିକ୍ରମ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ଏହା ନିବେଶକମାନଙ୍କ ପାଇଁ ଏକ ପ୍ରମୁଖ ଲାଭ। ଭାରତରେ ଏଲ୍‌ଏନ୍‌ଜି ଚାହିଦା ନିରନ୍ତର ବୃଦ୍ଧି ପାଉଛି ଏବଂ ଦେଶ ଏଲ୍‌ଏନ୍‌ଜି ମାଧ୍ୟମରେ ଏହାର ମୋଟ ଶକ୍ତି ଚାହିଦାର ୧୫ ପ୍ରତିଶତ ପୂରଣ କରିବାକୁ ଲକ୍ଷ୍ୟ ରଖିଛି, ପ୍ରଧାନମନ୍ତ୍ରୀ ସମଗ୍ର ଏଲ୍‌ଏନ୍ ?ଜି ମୂଲ୍ୟ ଶୃଙ୍ଖଳରେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ, ଭାରତ ପରିବହନ କ୍ଷେତ୍ରରେ ବଡ଼ ଧରଣର ପ୍ରୟାସ ଜାରି ରଖିଛି। ଶ୍ରୀ ମୋଦୀ କହିଛନ୍ତି ଯେ, ଭାରତ ଘରୋଇ ଭାବରେ ଏଲ୍‌ଏନ୍‌ଜି ପରିବହନକୁ ଦୃଷ୍ଟିରେ ରଖି ଆବଶ୍ୟକ ଜାହାଜ ନିର୍ମାଣ ପାଇଁ କାମ କରୁଛି, ଯାହା ସଦ୍ୟ ଆରମ୍ଭ ହୋଇଥିବା ୭୦,୦୦୦ କୋଟି ଟଙ୍କାର ଜାହାଜ ନିର୍ମାଣ କାର୍ଯ୍ୟକ୍ରମ ଦ୍ୱାରା ସମର୍ଥିତ। ସେ କହିଛନ୍ତି ଯେ, ଭାରତୀୟ ବନ୍ଦରଗୁଡ଼ିକରେ ଏଲ୍‌ଏନ୍‌ଜି ଟର୍ମିନାଲ ନିର୍ମାଣ ଏବଂ ପୁନଃଗ୍ୟାସିଫିକେସନ୍ ପ୍ରକଳ୍ପରେ ଅନେକ ନିବେଶ ସୁଯୋଗ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି, ଭାରତକୁ ଏଲଏନଜି ପରିବହନ ପାଇଁ ଏକ ବିଶାଳ ପାଇପଲାଇନ ନେଟୱାର୍କର ଆବଶ୍ୟକତା ରହିଛି, ଯେଉଁଠାରେ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ନିବେଶ ହୋଇସାରିଛି, କିନ୍ତୁ ବଡ଼ ଧରଣର ସୁଯୋଗ ଏବେ ବି ଉପଲବ୍ଧ। ସେ କହିଥିଲେ ଯେ, ସହରୀ ଗ୍ୟାସ ବଣ୍ଟନ ନେଟୱାର୍କ ପୂର୍ବରୁ ଅନେକ ଭାରତୀୟ ସହରରେ ପହଞ୍ଚି ସାରିଛି ଏବଂ ଦ୍ରୁତ ଗତିରେ ଅନ୍ୟ ସହରକୁ ବିସ୍ତାର ଲାଭ କରୁଛି, ଯାହା ଏହି କ୍ଷେତ୍ରକୁ ନିବେଶ ପାଇଁ ଅତ୍ୟନ୍ତ ଆକର୍ଷଣୀୟ କରୁଛି। ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଭାରତର ବିପୁଳ ଜନସଂଖ୍ୟା ଏବଂ ନିରନ୍ତର ବୃଦ୍ଧି ପାଉଥିବା ଅର୍ଥନୀତି ସହିତ, ପେଟ୍ରୋକେମିକାଲ୍ ଉତ୍ପାଦର ଚାହିଦା ବୃଦ୍ଧି ପାଇବ, ଯେଉଥିପାଇଁ ବ୍ୟାପକ ଶକ୍ତି ଭିତ୍ତିଭୂମିର ଆବଶ୍ୟକତା ରହିଛି। ସେ ଦୃଢ଼ ଭାବରେ କହିଛନ୍ତି ଯେ, ଏହି କ୍ଷେତ୍ରରେ ନିବେଶ ଯଥେଷ୍ଟ ଅଭିବୃଦ୍ଧି ଆଣିବ ଓ ନିବେଶକମାନଙ୍କ ପାଇଁ ଡାଉନଷ୍ଟ୍ରିମ୍ କାର୍ଯ୍ୟକଳାପରେ ମଧ୍ୟ ପ୍ରଚୁର ସୁଯୋଗ ରହିଛି। ôକ୍ଳଙ୍କବ୍ସ୍ପ;ଆଜିର ଭାରତ ସଂସ୍କାର ରୂପକ ଦ୍ରୁତଯାନରେ ବାହକ ହୋଇ ପ୍ରତ୍ୟେକ କ୍ଷେତ୍ରରେ ଦ୍ରୁତ ସଂସ୍କାର କରୁଛିôକ୍ଳଙ୍କବ୍ସ୍ପ; ବୋଲି ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ବିଶ୍ୱସ୍ତରୀୟ ସହଯୋଗ ପାଇଁ ଏକ ସ୍ୱଚ୍ଛ ଏବଂ ନିବେଶକ-ଅନୁକୂଳ ପରିବେଶ ସୃଷ୍ଟି କରିବା ସହିତ ଘରୋଇ ହାଇଡ୍ରୋକାର୍ବନକୁ ମଜଭୁତ କରିବା ପାଇଁ ସଂସ୍କାର କରାଯାଉଛି। ସେ କହିଛନ୍ତି, ଭାରତ ବର୍ତ୍ତମାନ ଶକ୍ତି ସୁରକ୍ଷାଠାରୁ ଆଗକୁ ଅଗ୍ରସର ହୋଇ ଶକ୍ତି ସ୍ୱାଧୀନତା ମିଶନ ଆଡ଼କୁ ଅଗ୍ରସର ହେଉଛି। ଭାରତ ସ୍ଥାନୀୟ ଚାହିଦା ପୂରଣ କରିବାକୁ ସକ୍ଷମ ଏକ ଶକ୍ତି କ୍ଷେତ୍ର ଇକୋସିଷ୍ଟମ ବିକଶିତ କରୁଛି ଏଥିସହିତ ସୁଲଭ ବିଶୋଧନ ଓ ପରିବହନ ସମାଧାନ ମାଧ୍ୟମରେ ରପ୍ତାନୀକୁ ବିଶ୍ୱ ପାଇଁ ଅତ୍ୟନ୍ତ ପ୍ରତିଯୋଗିତାମୂଳକ କରିଥାଏ। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଭାରତର ଶକ୍ତି କ୍ଷେତ୍ର ଦେଶର ଆକାଂକ୍ଷାର କେନ୍ଦ୍ରରେ ରହିଛି ଏବଂ ୫୦୦ ବିଲିୟନ ଡଲାର ମୂଲ୍ୟର ନିବେଶ ସୁଯୋଗ ପ୍ରଦାନ କରୁଛି। ସେ ବିଶ୍ୱ ସମ୍ପ୍ରଦାୟକୁ ବାର୍ତ୍ତା ଦେଇ କହିଥିଲେ ଯେ, ଆମ ଶକ୍ତି କ୍ଷେତ୍ର ଆମ ଆକାଂକ୍ଷାର କେନ୍ଦ୍ରବିନ୍ଦୁ, ଏଥିରେ ୫୦୦ ବିଲିୟନ ଡଲାର ନିବେଶ ସୁଯୋଗ ରହିଛି; ସେଥିପାଇଁ ମେକ୍ ଇନ୍ ଇଣ୍ଡିଆ, ନବସୃଜନ, ଭାରତରେ ନିବେଶ ଓ ଅଭିବୃଦ୍ଧିର ଗୁରୁତ୍ୱ ବଢ଼ିଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ହରଦୀପ ସିଂହ ପୁରୀ, ଗୋଆର ମୁଖ୍ୟମନ୍ତ୍ରୀ ଶ୍ରୀ ପ୍ରମୋଦ ସାୱନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ହ୍ୟାଲୋ ବଲିଉଡ୍




### ବିଶ୍ୱ ବକ୍ସ ଅଫିସ୍‌ରେ ହଇଚଇ କରୁଛି 'ବର୍ଡର ୨'

ନିକଟରେ ରିଲିଜ୍ କରିଥିବା ସନ୍ନି ଦେଓଲଙ୍କ ଫିଲ୍ମ 'ବର୍ଡର ୨' ଦେଶ ସମେତ ବିଶ୍ୱର ବକ୍ସ ଅଫିସରେ ହଇଚଇ ସୃଷ୍ଟି କରିଛି। ଫିଲ୍ମଟି ପ୍ରଥମ ସପ୍ତାହରେ ମାତ୍ର ତିନି ଦିନରେ ୧୦୦ କୋଟି ଟଙ୍କା ଅତିକ୍ରମ କରିଥିଲା। ଆଉ ଏବେ, ଏହାର ଚତୁର୍ଥ ଦିନ, ପ୍ରଥମ ସୋମବାରରେ, ଏହା ବକ୍ସ ଅଫିସରେ ଏକ ବଡ଼ ସଫଳତା ହାସଲ କରିଛି। ଚତୁର୍ଥ ଦିନରେ ଫିଲ୍ମଟି ୨୦୦ କୋଟି ଆୟ କରି ମୋଟ ୨୧୨.୨ କୋଟି ଟଙ୍କା ରୋଜଗାର କରିଛି । ଅନ୍ତର୍ଜାତୀୟ ବଜାରରେ ୨୭ କୋଟି ସହିତ, ଏହାର ବିଶ୍ୱବ୍ୟାପୀ ସଂଗ୍ରହ ୨୩୯.୨ କୋଟିକୁ ବୃଦ୍ଧି ପାଇଛି। ସାକନିଲ୍କର ଆକଳନ ଅନୁଯାୟୀ, ଜାନୁଆରୀ ୨୩ ଶୁକ୍ରବାର ଦିନ ସିନେମା ହଲରେ ରିଲିଜ କରିଥିବା ଏହି ଫିଲ୍ମଟି କେବଳ ଏକ ଭଲ ଡେବ୍ୟୁ ୱିକେଣ୍ଡ ହାସଲ କରିନଥିଲା ବରଂ ଏପର୍ଯ୍ୟନ୍ତ ସର୍ବୋତ୍ତମ ଗଣତନ୍ତ୍ର ଦିବସ ସଂଗ୍ରହ ମଧ୍ୟରୁ ଗୋଟିଏ ରେକର୍ଡ କରିଛି। ଫିଲ୍ମଟି ପ୍ରଥମ ଦିନରେ ୩୦ କୋଟି ଟଙ୍କାର ନେଟ୍ କଲେକ୍ସନ ସହିତ ବକ୍ସ ଅଫିସରେ ଦୃଢ଼ ଆରମ୍ଭ କରିଥିଲା। ଶନିବାର ପ୍ରାୟ ୩୬.୫ କୋଟି ଏବଂ ରବିବାର ଏକ ବଡ଼ ଉଠାଣ କରିଥିଲା। ଯାହାଦ୍ୱାରା ମୋଟ କଲେକ୍ସନ ୫୪.୫ କୋଟି ଟଙ୍କା ହୋଇଥିଲା ଏବଂ ଦ୍ୱିତୀୟ ସପ୍ତାହ ସୋମବାର ୫୯ କୋଟି ଟଙ୍କା କଲେକ୍ସନ ସହିତ, ଏହି ଫିଲ୍ମର ମୋଟ ଆୟ ୧୮୦ କୋଟି ଟଙ୍କା ହୋଇଛି।

# ୯୦ ମିନିଟ୍ ପରେଡରେ ଭାରତର ଶକ୍ତିଶାଳୀ ପ୍ରତିରକ୍ଷା ପ୍ରଦର୍ଶନ

**ନୂଆଦିଲ୍ଲୀ:** ୭୭ତମ ଗଣତନ୍ତ୍ର ଦିବସ ଆରମ୍ଭ ହେବା ସହିତ ସମସ୍ତଙ୍କ ନଜର ଥିଲା ଦିଲ୍ଲୀର କର୍ତ୍ତବ୍ୟ ପଥ ଉପରେ। ରାଷ୍ଟ୍ରପତିଙ୍କ ଆଗମନଠାରୁ ଆରମ୍ଭ କରି ସାମରିକ ବାହିନୀର ବୀରତ୍ୱ ପ୍ରଦର୍ଶନ ଏବଂ ପ୍ରଭାବଶାଳୀ ପ୍ରଜ୍ଞାପନ

**ବ୍ରହ୍ମୋସ, ଯୁଦ୍ଧ ବିମାନ ଏବଂ ଶତ୍ରୁକୁ ପରାସ୍ତ କରିପାରୁଥିବା ଅସ୍ତ୍ରଶସ୍ତ୍ର...**

ମେଢ଼ ପର୍ଯ୍ୟନ୍ତ, ଗଣତନ୍ତ୍ର ଦିବସ ପରେଡ୍ ଭାରତୀୟ ପ୍ରତିରକ୍ଷାର ପରାକାଷ୍ଠା ଦେଖାଇଥିଲା। ସମାରୋହ ଆରମ୍ଭ ହେବା ପୂର୍ବରୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୁଦ୍ଧ ସ୍ମାରକୀରେ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଚଳିତ ବର୍ଷର ଗଣତନ୍ତ୍ର ଦିବସ ପରେଡରେ ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟା ଏବଂ



ୟୁରୋପୀୟ ୟୁନିଅନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେଏନଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରଣ କରାଯାଇଥିଲା। ଉଭୟ ବିଶ୍ୱସ୍ତରୀୟ ବ୍ୟକ୍ତିତ୍ୱ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ଆସିଥିଲେ। ଏହି ବର୍ଷର ଗଣତନ୍ତ୍ର ଦିବସ ପରେଡ୍ ଥିମ୍ ଥିଲା 'ବନ୍ଦେ ମାତରମ୍'। ରାଷ୍ଟ୍ରୀୟ ସଙ୍ଗୀତର ୧୫୦ତମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ଏହି ଥିମ୍ ଚୟନ କରାଯାଇଥିଲା।

୭୭ତମ ଗଣତନ୍ତ୍ର ଦିବସ ପରେଡରେ ଭାରତର ଅନେକ ଆଧୁନିକ ଏବଂ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଏବଂ କ୍ଷେପଣାସ୍ତ୍ର ପ୍ରଦର୍ଶିତ ହୋଇଥିଲା। ଏହି ତାଲିକାରେ ବ୍ରହ୍ମୋସ, ଆକାଶ ମିଶାଇଲ ସିଷ୍ଟମ, 'ସୂର୍ଯ୍ୟାସ୍ତ୍ର' ରକେଟ୍ ଲଞ୍ଚର୍ ସିଷ୍ଟମ, ଧନୁଷ ତୋପ, ATAGS ଏବଂ MRSAM ସହିତ ଯୁଦ୍ଧ ଟ୍ୟାଙ୍କ ଅର୍ଜୁନ ଏବଂ ସେନାର ଭାରୀ ସଜ୍ଜିତ ଯାନ ଅନ୍ତର୍ଭୁକ୍ତ ଥିଲା।

ଗଣତନ୍ତ୍ର ଦିବସ ପରେଡ୍ ପରେ, ସାମରିକ ଯୁଦ୍ଧ ବିମାନଗୁଡ଼ିକ ଆକାଶରେ ସେମାନଙ୍କର ପରାକ୍ରମ ପ୍ରଦର୍ଶନ କରିଥିଲେ। ଏହି ବର୍ଷ, ରାଫେଲ୍, ସୁଖୋଇ (Su-30), ଗସଏ-୨୯, ଏବଂ ଜାଗୁଆର ସମେତ ୨୯ଟି ଯୁଦ୍ଧ ବିମାନ ଏକକାଳୀନ ଦିଲ୍ଲୀ ଆକାଶରେ ଉଡ଼ିଥିଲେ। ବାୟୁସେନା ମଧ୍ୟ 'ଅପରେସନ୍ ସିନ୍ଦୂର' ଥିମ୍ ଉପରେ ଏକ ଆକର୍ଷଣୀୟ ପ୍ରଦର୍ଶନ କରିଥିଲା। ୩୦,୦୦୦ ରୁ ଅଧିକ ଲୋକ ଏହି ମୁହୂର୍ତ୍ତର ସାକ୍ଷୀ ଥିଲେ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗ୍ରୁପ୍ କ୍ୟାପଟେନ୍ ଏବଂ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କୁ ଅଶୋକ ଚକ୍ର ପ୍ରଦାନ କରିଥିଲେ। ଗଣତନ୍ତ୍ର ଦିବସ ପରେଡରେ ୧୭ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ତିରିଶଟି ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ତେରଟି ପ୍ରଜ୍ଞାପନ ମେଢ଼ ବିଭିନ୍ନ ମନ୍ତ୍ରଣାଳୟକୁ ପ୍ରତିନିଧିତ୍ୱ କରିଥିଲା।

## ବଢ଼ିଲା ଅଙ୍ଗନବାଡି ପିଲାଙ୍କ ପୋଷାକ ମୂଲ୍ୟ

**ଭୁବନେଶ୍ୱର:** ଅଙ୍ଗନବାଡି ପିଲାଙ୍କ ପୋଷାକର ସରକାରୀ ମୂଲ୍ୟ ବୃଦ୍ଧି କରାଯାଇଛି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ଯୋଜନାରେ ପ୍ରି ସ୍କୁଲ ପିଲାଙ୍କର ପୋଷାକ ଓ ଜୋତା ବାବଦକୁ ମୂଲ୍ୟ ବୃଦ୍ଧି କରାଯାଇଛି। ବାଳକଙ୍କ ପୋଷାକ ମୂଲ୍ୟ ୧୦୦ରୁ ବଢ଼ି ୧୭୫ ଟଙ୍କା ବାଳିକାଙ୍କ ପୋଷାକ ଖର୍ଚ୍ଚ ୧୫୦ରୁ ୨୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଜୋତା ପାଇଁ ଖର୍ଚ୍ଚ ୧୦୦ରୁ ବଢ଼ି ୧୫୦ ଟଙ୍କା ହୋଇଛି। ସେହିପରି ସ୍ୱେଟର ପାଇଁ ୧୫୦ ଟଙ୍କାରୁ ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ଘୋଷଣା କରିଛନ୍ତି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଅଧୀନରେ ଅଙ୍ଗନୱାଡ଼ି କେନ୍ଦ୍ରରେ ନାମ ଲେଖାଇଥିବା ୩ ରୁ ୬ ବର୍ଷ ବୟସର ପ୍ରାକ୍-ବିଦ୍ୟାଳୟ ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପୋଷାକ (ୟୁନିଫର୍ମ), ଜୋତା ଓ ମୋଜା ଏବଂ ସ୍ୱେଟରର ମୂଲ୍ୟରେ ଓଡ଼ିଶା ସରକାର ଏକ ସଂଶୋଧନ ପାଇଁ ଅନୁମୋଦନ କରିଛନ୍ତି । କପଡ଼ାର କ୍ରମାଗତ ବର୍ଦ୍ଧିତ ମୂଲ୍ୟ, ସିଲେଇ ଖର୍ଚ୍ଚ, ପରିବହନ ବ୍ୟୟକୁ ଦୃଷ୍ଟିରେ ରଖି ଏବଂ ଛୋଟ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ପୋଷାକ ଓ ଆନୁଷଙ୍ଗିକ ସାମଗ୍ରୀର ଗୁଣବତା ବଜାୟ ରଖିବା ପାଇଁ ଏହି ସଂଶୋଧନ କରାଯାଇଛି।

**ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା**

# ଟ୍ରକକୁ ଧକ୍କା ଦେଲା କାର୍, ୪ ମୃତ

**ନୂଆଦିଲ୍ଲୀ:** ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଟ୍ରକକୁ ପଛରୁ ଧକ୍କା ଦେଲା କାର୍ । ଫଳରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ସମସ୍ତ ମୃତକ ନୋଏଡାର ବାସିନ୍ଦା ବୋଲି ଜଣାପଡ଼ିଛି। କାରରେ ଥିବା ଲୋକମାନେ ମହାକାଳ ମନ୍ଦିର

- ଟ୍ରକ-କାର୍ ମଧ୍ୟରେ ଧକ୍କା
- ମହାକାଳ ମନ୍ଦିର ଦର୍ଶନ ହେଲା ଶେଷ ଦର୍ଶନ

ଦର୍ଶନ କରି ଉଜ୍ଜୈନରୁ ନୋଏଡା ଫେରୁଥିବା ଜଣାପଡିଛି । ପାପଡା ଓ ନାଙ୍ଗଲ ରାଜାୱତନ ପୁଲିସ ଷ୍ଟେସନ ଅଧୀନରେ ଆସୁଥିବା ଏକ୍ସପ୍ରେସୱେର ଚେନେଜ୍ ୧୯୪ ନିକଟରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣା ପରେ ଏକ୍ସପ୍ରେସୱେରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

ରିପୋର୍ଟ ଅନୁସାରେ, ହରିୟାଣା ପଞ୍ଜିକରଣ ନମ୍ବର ଥିବା ଏକ କାରରେ ପାଞ୍ଚ ଜଣ ଥିଲେ । ସେମାନେ ଉଜ୍ଜୈନର ମହାକାଳ ମନ୍ଦିର ଦର୍ଶନ କରି ନୋଏଡା ଫେରୁଥିଲେ । ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା କାରଟି ଏକ ଅଜଣା ଗାଡି ସହିତ ଧକ୍କା ହୋଇଥିଲା । ଧକ୍କା ଏତେ ଭୟଙ୍କର ଥିଲା




ଯେ କାରଟି ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା । ଏକମାତ୍ର ଆହତ ବ୍ୟକ୍ତି ପୋଲିସକୁ କହିଛନ୍ତି ଯେ ଦୁର୍ଘଟଣା ପରେ, ଟ୍ରକ୍ ଡ୍ରାଇଭର କାରକୁ ଅନେକ କିଲୋମିଟର ପର୍ଯ୍ୟନ୍ତ ଟାଣି ନେଇଥିଲା । ଯାହା ପରିସ୍ଥିତିକୁ ଆହୁରି ଖରାପ କରିଥିଲା କାରରେ ଥିବା ପାଞ୍ଚ ଜଣଙ୍କ ମଧ୍ୟରୁ ଚାରି ଜଣଙ୍କର ଘଟଣାସ୍ଥଳେ ମୃତ୍ୟୁ ହୋଇଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଦୌସା ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଯେଉଁଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ସୂଚନା ପାଇବା ପରେ, ପାପଡା ପୁଲିସ,ଏକ୍ସପ୍ରେସୱେ ଉଦ୍ଧାରକାରୀ ଦଳ ଏବଂ ଏକ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲା। ପ୍ରଥମେ ଟ୍ରକ ଏବଂ କାରକୁ ଅଲଗା କରିବାକୁ ଚେଷ୍ଟା କରାଯାଇଥିଲା। ବ୍ୟାପକ କ୍ଷୟକ୍ଷତି ଯୋଗୁଁ, କାରକୁ କାଟିବା ପାଇଁ ସ୍ୱତନ୍ତ୍ର ଉପକରଣ ବ୍ୟବହାର କରିବାକୁ ପଡିଥିଲା। ବହୁତ ପରିଶ୍ରମ ପରେ, ମୃତଦେହଗୁଡ଼ିକୁ ବାହାର କରାଯାଇ ଦୌସା ଜିଲ୍ଲା ହସ୍ପିଟାଲର ଶବଗୃହରେ ରଖାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଟ୍ରକ୍ ଡ୍ରାଇଭର ଦୁର୍ଘଟଣା ବିଷୟରେ ତୁରନ୍ତ ଜାଣିପାରିଲେ ନାହିଁ, ଯାହା ଫଳରେ କାରଟି ଟ୍ରକ୍ ସହିତ କିଛି ଦୂର ପର୍ଯ୍ୟନ୍ତ ଟାଣି ହୋଇ ଯାଇଥିଲା।

# ଜଙ୍ଗଲରେ ଯୁବତୀଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ



**ନୂଆଦିଲ୍ଲୀ:** ପୁରୁଷ ବନ୍ଧୁ ସହ ଜଙ୍ଗଲ ଭିତରକୁ ଯାଇଥିଲେ। ସୁଯୋଗ ଦେଖି ଭିଡି ନେଇଗଲେ ଅସାମାଜିକ ତତ୍ତ୍ୱ। ଓଡ଼ିଶାର ଧଉଳି ଦୁଷ୍କର୍ମ ଘଟଣା ମନରୁ ଲିଭୁଣୁ ଗୁରୁଗ୍ରାମରେ ଚାଞ୍ଚଲ୍ୟକର ଘଟଣା ସାମନାକୁ ଆସିଛି। ଗୁରୁଗ୍ରାମର ଆରାବଲ୍ଲୀ ଅଞ୍ଚଳର ଲିଓପାର୍ଡ ଟ୍ରେଲ୍ ଅଞ୍ଚଳରେ ଜଣେ ୨୩ ବର୍ଷୀୟାଙ୍କୁ ଅପହରଣ ଏବଂ ଦୁଷ୍କର୍ମ କରିବାକୁ ଚେଷ୍ଟା କରିବା ଅଭିଯୋଗରେ ଜଣେ ଗିରଫ। ମହିଳାଙ୍କ ବନ୍ଧୁଙ୍କଠାରୁ ସୂଚନା ପାଇବା ପରେ ପୋଲିସ ତାଙ୍କ ସ୍କୋର୍ପିଓ କାର ସହିତ ଘଟଣାସ୍ଥଳରୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ କହିଛି ଯେ ବାଦଶାହପୁର ଥାନାରେ ଏକ ରୁଜୁ କରାଯାଇଛି ଏବଂ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଛି।

ଅଧିକାରୀଙ୍କ ଅନୁଯାୟୀ, ସିରସା ଜିଲ୍ଲାର ବାସିନ୍ଦା ମହିଳା ଜଣକ ଗୁରୁଗ୍ରାମର ଏକ ରିଅଲ୍ ଇଷ୍ଟେଟ୍ କମ୍ପାନୀରେ କାମ କରନ୍ତି ଏବଂ ପେଇଂ ଗେଷ୍ଟ ଆସୋସିଏସନ୍ରେ ରୁହନ୍ତି। ରବିବାର ସକାଳେ ଏକ କାର୍ଯ୍ୟକ୍ରମରୁ ଫେରିବା ସମୟରେ, ସେ ଏବଂ ତାଙ୍କ ପୁରୁଷ ବନ୍ଧୁ ଲିଓପାର୍ଡ ଟ୍ରେଲ୍ରେ କିଛି ସମୟ ପାଇଁ ବୁଲିବାକୁ ଅଟକିଥିଲେ।

ପ୍ରାୟ ୩ଟାରେ, ଯେତେବେଳେ ସେମାନେ ଆରାବଲ୍ଲୀ ପାହାଡ଼ ଆଡ଼କୁ ଯାଉଥିଲେ, ଜଣେ ଯୁବକ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ଯେତେବେଳେ ସେ ତାଙ୍କ ପଛେ ପଛେ ଯାଉଥିଲେ, ଯୁବକ ତାଙ୍କୁ ଅଟକାଇ ତାଙ୍କ ସ୍କୋର୍ପିଓ କାରରେ ଜୋରଜବରଦସ୍ତ ନେଇଗଲେ। ତା'ପରେ ସେ ଜଙ୍ଗଲକୁ ଚାଲିଗଲେ। ଅଭିଯୋଗରେ କୁହାଯାଇଛି ଯେ ମହିଳାଙ୍କ ବନ୍ଧୁ ପୋଲିସକୁ ସୂଚନା ଦେବା ପୂର୍ବରୁ ବହୁତ ଦୂର ପର୍ଯ୍ୟନ୍ତ କାରଟି ପିଛା କରିଥିଲେ।

ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଅନୁଯାୟୀ, ସୂଚନା ପାଇବା ପରେ ଏକ

- ଯୁବତୀଙ୍କୁ ସ୍କର୍ପିଓରେ ଉଠାଇନେଲେ
- ବଞ୍ଚାଇବାକୁ ୩ କିମି ଦୌଡିଲା ବଏଫ୍ରେଣ୍ଡ

ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ବଡ଼ ଅପ୍ରୀତିକର ସ୍ଥିତିରୁ ରକ୍ଷା କରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପ୍ରାୟ ତିନି ଘଣ୍ଟା ଧରି ସର୍ଚ୍ଚ ଅପରେସନ ଚାଲିଥିଲା । ସକାଳ ୫.୩୦ରେ ଅଭିଯୁକ୍ତଙ୍କ କାର ସକାତପୁର ଗ୍ରାମ ନିକଟ ରାସ୍ତା କଡରେ ଥିବା ଏକ ନାଳରେ ମିଳିଥିଲା।

ପୁରୁଷଙ୍କୁ ଆଗ ସିଟରେ ଅର୍ଦ୍ଧନଗ୍ନ ଅବସ୍ଥାରେ ପାଇଥିଲେ, ଯେତେବେଳେ ମହିଳା ପଛ ସିଟରେ ଅଚେତ ଅବସ୍ଥାରେ ପାଇଥିଲେ। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ମହିଳା ଡାକ୍ତରୀ ପରୀକ୍ଷା କରିବାକୁ ମନା କରିଥିଲେ, କିନ୍ତୁ ସେମାନେ ସମସ୍ତ ଦିଗରୁ ତଦନ୍ତ କରୁଛନ୍ତି।

# ଟ୍ରମ୍ପଙ୍କ ଭୟରେ ଉତ୍ତରାଧିକାରୀ ଘୋଷଣା କଲେ ଖେମିନି

**ତେହେରାନ:** ଆମେରିକା ଯେକୌଣସି ସମୟରେ ଇରାନ ଉପରେ ଆକ୍ରମଣ କରିପାରେ। ବିଶେଷତଃ ଇସଲାମିକ୍ ଶାସନ

**ଇରାନ ନିକଟରେ ପହଞ୍ଚିଲା ଆମେରିକାର ଯୁଦ୍ଧପୋତ**

ମୁଖ୍ୟ ଆୟାତୋଲ୍ଲା ଅଲ୍ଲୀ ଖେମିନିଙ୍କୁ ହତ୍ୟା କରିବାକୁ ଚାହୁଁଛି ଆମେରିକା। ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଦଶା ଦେଖିବା ପରେ



ଭୟଭୀତ ହୋଇପଡ଼ିଛନ୍ତି ଖେମିନି। ତେଣୁ ସେ ନିଜର ଉତ୍ତରାଧିକାରୀ ସ୍ଥିର କରିବା ସହ ଏକ ବଙ୍କରରେ ଲୁଚି ରହିଥିବା କୁହାଯାଉଛି।

ଆମେରିକା ନୌସେନାର ଆବ୍ରାହମ ଲିଙ୍କନ୍ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍ ଇରାନ ନିକଟସ୍ଥ ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) ଅଞ୍ଚଳରେ ପହଞ୍ଚିସାରିଛି, ଯେଉଁଠାରେ ଆୟାତୋଲ୍ଲା ଅଲ୍ଲୀ ଖେମିନିଙ୍କ ଶାସନ ବିରୋଧରେ ହୋଇଥିବା ବିକ୍ଷୋଭକୁ ଅତି ନିର୍ମମ ଭାବରେ ଦମନ କରାଯାଇଛି। ଶିଆ ଇସଲାମିକ ଶାସନ ଉପରେ ଆମେରିକାର ଚାପ ବଢୁଥିବାରୁ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ଉତ୍ତରାଧିକାରୀଙ୍କୁ ନେଇ କଳ୍ପନାଜଳ୍ପନା ତୀବ୍ର ହୋଇଛି। ଏହି କଳ୍ପନାଜଳ୍ପନା ମଧ୍ୟରେ, ଖବର ମଧ୍ୟ ଆସିଛି ଯେ ଖେମିନି ରାଜଧାନୀ ତେହେରାନର ଏକ ବଙ୍କରରେ ଲୁଚି ରହିଛନ୍ତି।

# ଦିଲ୍ଲୀର ୫ ଷ୍ଟାର ହୋଟେଲରେ ଫୁଡ୍ ପଏଜନିଂର ସନ୍ଦେହ

**ନୂଆଦିଲ୍ଲୀ :** ଦିଲ୍ଲୀର ବାରଖମ୍ବା ରୋଡ୍ ସ୍ଥିତ ଏକ ଫାଇଭ୍ ଷ୍ଟାର ଲଗଜରୀ ହୋଟେଲ୍ ବିରୋଧରେ ଫୁଡ୍ ପଏଜନିଂର ଅଭିଯୋଗରେ ପୁଲିସ କେସ୍ ରୁଜୁ କରିଛି। ଜଣେ ମହିଳା ଅଭିଯୋଗ କରିଛନ୍ତି ଯେ, ହୋଟେଲରେ ପରଷା ଯାଉଥିବା ଖାଦ୍ୟ ପରେ ତାଙ୍କର ସ୍ୱାସ୍ଥ୍ୟ ହଠାତ୍ ବିଗିଡ଼ି ଯାଇଥିଲା , ଏହାପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡ଼ିଲା। ୩୩ ବର୍ଷୀୟ ମହିଳାଙ୍କ ପକ୍ଷରୁ ପିସିଆର କଲ୍ ମିଳିବା ପରେ କାର୍ଯ୍ୟାନୁଷ୍ଠାନ କରାଯାଇଛି।

ପୁଲିସ୍ ମୁତାବିକ , ମହିଳାଙ୍କ ବୟାନ ଆଧାରରେ ଭାରତୀୟ ନ୍ୟାୟ ସଂହିତାର ଧାରା ୨୮୬ ଅନୁସାରେ ହୋଟେଲ୍ ବିରୋଧରେ ଏଫଆଇଆର ରୁଜୁ କରାଯାଇଛି। ଏହି ଧାରା ବିଷାକ୍ତ ପଦାର୍ଥ ସହ ଜଡ଼ିତ ବେପରୁଆ ମାମଲା ଯୋଗୁଁ



ଲଗାଯାଇଛି। ମହିଳା କହିଛନ୍ତି ଯେ, ସେ ୨୦ ଜାନୁଆରୀରେ ହୋଟେଲରେ ଚେକ୍ ଇନ୍ ହୋଇଥିଲେ। ତାଙ୍କର ବୁକିଂ ୩୧ ଜାନୁଆରୀ ଯାଏ କରିଥିଲେ। ୨୪ ଜାନୁଆରୀରେ ସେ ହୋଟେଲରୁ ରୁମ୍ ସର୍ଭିସ ମାଧ୍ୟମରେ ଖାଦ୍ୟ ଅର୍ଡର କରିଥିଲେ।

ଖାଦ୍ୟ ଖାଇବାର କିଛି ସମୟ ପରେ ତାଙ୍କର ସ୍ୱାସ୍ଥ୍ୟ ଖୁବ୍ ଖରାପ ହେବାକୁ ଲାଗିଲା ଏବଂ ସେ ନିଜକୁ ଅସହଜ ଅନୁଭବ କଲେ। ମହିଳା ଜଣଙ୍କ ଏହି ମଧ୍ୟ ଅଭିଯୋଗ କରିଥିଲେ ଯେ, ତାଙ୍କୁ ତାଙ୍କ

**ମହିଳାଙ୍କ ଅଭିଯୋଗରେ ଏଫଆଇଆର ରୁଜୁ**

ହୋଟେଲ ରୁମ୍‌ରେ ବନ୍ଦ କରିଦିଆ ଯାଇଥିଲା, ଏହାପରେ ସେ ସାହାଯ୍ୟ ପାଇଁ ପିସିଆରକୁ କଲ୍ କରିଥିଲେ। ସୂଚନା ପାଇବା ପରେ ଜଣେ ମହିଳା ସବ୍-ଇନସ୍ପେକ୍ଟରଙ୍କ ସହ ପୁଲିସ ଟିମ୍ ହୋଟେଲର ୧୨ତମ ମହଲା ରେ ଥିବା ତାଙ୍କ ରୁମ୍‌ରେ ପହଞ୍ଚି ଥିଲେ।

ବାରମ୍ବାର ଡୋର୍ ବାଡେଇବା ସତ୍ତ୍ୱେ ଯେବେ କୌଣସି ପ୍ରତିକ୍ରିୟା ମିଳି ନଥିଲା, ହୋଟେଲ ଷ୍ଟାଫ୍ ଉପସ୍ଥିତିରେ ମାଷ୍ଟର ଚାବିରେ ଡୋର୍ ଖୋଲା ଗଲା । ପୁଲିସ କହିଛି ଯେ, ମହିଳାଙ୍କୁ ଚିକିତ୍ସା ପାଇଁ ଲେଡି ହାର୍ଡିଂ ମେଡିକାଲ କଲେଜ୍ ହସ୍ପିଟାଲକୁ ନିଆଗଲା। ସେଠାରେ ଡାକ୍ତରତାଙ୍କୁ ଅବଜର୍ଭେସନରେ ରଖିଛନ୍ତି। ତାଙ୍କର ସ୍ଥିତି ଉପରେ ମେଡିକାଲ ଟିମ୍ ବାରମ୍ବାର ନଜର ପକାଇଛନ୍ତି।

ଅନ୍ୟପଟେ ଏହି ମାମଲାରେ ଯାଞ୍ଚ ମୁତାବିକ, କ୍ରାଇମ୍ ଟିମ୍ ହୋଟେଲ ରୁମ୍ର ତଲାସୀ ନେଇଛନ୍ତି. ଏହି ସମୟରେ ୧୬ଟି ଭିନ୍ନ ଭିନ୍ନ ଜିନିଷ ଜବତ କରାଯାଇଛି। ଯେଉଁଥିରେ ସନ୍ଦିଗ୍ଧ ଖାଦ୍ୟ ଓ ଲିକ୍ୱିଡ୍ ସଂପର୍କିତ ଜିନିଷ ସାମିଲ ଥିଲା। ପୁଲିସର କହିବାନୁସାରେ ମହିଳାଙ୍କ ପ୍ରକୃତ ରୋଗ ବିଷୟରେ ଜାଣିବା ପାଇଁ ଯାଞ୍ଚ ଜାରି ରହିଛି।

# ୫ ବର୍ଷ ମଧ୍ୟରେ ରାଜ୍ୟରେ କେହି ଭୂମିହୀନ ରହିବେ ନାହିଁ : ରାଜସ୍ୱ ମନ୍ତ୍ରୀ

**ପୁରୀ:** ନିଜର ଘରଟିଏ ସମସ୍ତଙ୍କ ସ୍ୱପ୍ନ ଥାଏ। ଆଉ ଘର ପାଇଁ ଭୂମି ଜରୁରୀ। ଭୂମିହୀନ ମାନଙ୍କୁ ଚିହ୍ନଟ କରି ଆଗାମୀ ୫ ବର୍ଷ ମଧ୍ୟରେ ସମସ୍ତଙ୍କୁ ଜମି ପଟ୍ଟା ଦେବାର ବ୍ୟବସ୍ଥା ସରକାର କରିଛନ୍ତି। ସେହିପରି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ଶିକ୍ଷାନୁଷ୍ଠାନ ନାମରେ ଜମି ପଟ୍ଟା ଦିଆଯିବ। ଆବଶ୍ୟକ ସ୍ଥଳେ ପିଲା ମାନଙ୍କ ଖେଳ ପଡିଆ ପାଇଁ ଅଧିକ ଜମି ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସୋମବାର ସାଧାରଣତନ୍ତ୍ର ଦିବସ ଅବସରରେ ସଂସ୍କୃତି ଭବନ ଠାରେ ବସୁନ୍ଧରା ଯୋଜନାରେ ପୁରୀ ଜିଲ୍ଲାର ୧୪ ଜଣ ଭୂମିହୀନଙ୍କୁ ଓ ୨୦ ଗୋଟି ଶିକ୍ଷାନୁଷ୍ଠାନକୁ ମନ୍ତ୍ରୀ ଶ୍ରୀ ପୂଜାରୀ ପଟ୍ଟା ବଂଟନ କରିଥିଲେ। ଶତାଧିକ ବର୍ଷ ପୁରୁଣା ପୁରୀ ଜିଲ୍ଲା ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ ନାମରେ ଏ ପର୍ଯ୍ୟନ୍ତ ଜମି ପଟ୍ଟା ହୋଇ ନ ଥିବା ସମ୍ପର୍କରେ ମନ୍ତ୍ରୀ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ତେବେ ସେହି ବିଦ୍ୟାଳୟ ସହ ଅନ୍ୟ ଶିକ୍ଷାନୁଷ୍ଠାନ ମାନଙ୍କୁ ଜମି ପଟ୍ଟା ପ୍ରଦାନ କରିଥିବାରୁ ସମ୍ପୃକ୍ତ

**ପୁରୀରେ ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ପଟ୍ଟା ବଣ୍ଟନ**

ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ମାନେ ମନ୍ତ୍ରୀ ଓ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ଶ୍ରୀ ପୂଜାରୀ ନିଜ ବକ୍ତବ୍ୟରେ ଭୂମି ଇଶ୍ୱର ଦତ। ଭୂମି ମଧ୍ୟ ଏକ ଜରୁରୀ ଆବଶ୍ୟକତା। ସେଥିପାଇଁ ଭୂମି ପାଇଁ ଭାଇ ଭାଇ, ରାଜ୍ୟ ରାଜ୍ୟ, ଦେଶ ଦେଶ ମଧ୍ୟରେ କଳହ, ଯୁଦ୍ଧ ହେଉଛି।

## ରାଶିଫଳ

**ମେଷ:** ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ମିଳିବାରୁ ମନ ଖୁସି ରହିବ। ଆର୍ଥିକ ସମସ୍ୟା ଦୂର ହେବ ଏବଂ ବ୍ୟବସାୟରେ ଲାଭ ମିଳିବ। ପରିବାରରେ ହସଖୁସିରେ ସମୟ ଅତିବାହିତ କରିବେ ଓ ସୁସ୍ୱାଦୁ ଭୋଜନ କରିବେ।

**ବୃଷ:** ସ୍ୱାସ୍ଥ୍ୟରେ ଉନ୍ନତି ଆସିବାରୁ ମନୋବଳ ବୃଦ୍ଧି ହେବ ଓ ଘରକୁ ବନ୍ଧୁ ଆସିବେ। ବ୍ୟବସାୟରେ ବାକି ପଡିଥିବା ଅର୍ଥ ହାତକୁ ଆସିବାରୁ ଘର ପାଇଁ ନୂତନ ଦ୍ରବ୍ୟ କ୍ରୟ କରିବେ।ସନ୍ତାନ ମାନଙ୍କର ପାଠପଢ଼ାରେ ଉନ୍ନତି ହେବ ।

**ମିଥୁନ:** କର୍ମକ୍ଷେତ୍ରରେ ମାନସମ୍ମାନ ମିଳିବ ଏବଂ ନୂଆ କାର୍ଯ୍ୟ ପାଇଁ ବନ୍ଧୁଙ୍କର ସହଯୋଗ ଲୋଡିବେ। ସାଂସ୍କୃତିକ କାର୍ଯ୍ୟରେ ଯୋଗ ଦେବା ସହିତ ସୁସ୍ୱାଦୁ ଭୋଜନ କରିବେ । ବ୍ୟବସାୟରେ ଲାଭ ମିଳିବ, ନିର୍ମାଣାଧୀନ କାର୍ଯ୍ୟ ପାଇଁ ସହଯୋଗ ମିଳିବ।

**କର୍କଟ:** ସାମୂହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢିବା ସମ୍ଭବ ହେବ। ପ୍ରକୃତିସ୍ଥ ହୋଇ ଚଳିଲେ ଦୁର୍ଗତିରୁ ସୁରକ୍ଷିତ ରହିହେବ। ପୁରୁଣା ରୋଗର ପ୍ରକୋପ ବୃଦ୍ଧି ପାଇବା ସହ ଶତ୍ରୁମାନେ ପୁଣି ଥରେ ପଛରେ ପଡ଼ି ପାରନ୍ତି। ଓ ଚାକିରି ପାଇଁ ଦୂରସ୍ଥାନକୁ ଯାତ୍ରା କରିବେ ।

**ସିଂହ:** ଶୁଭ କାମ କରି ପ୍ରଶଂସିତ ହେବେ ଓ ସାହିତ୍ୟଚର୍ଚ୍ଚା, ସଭାସମିତିରେ ସଫଳତା ମିଳିବ। ରାଜନୀତି କ୍ଷେତ୍ରରେ ସହଯୋଗୀ ମାନଙ୍କର ପୂର୍ଣ୍ଣ ସହଯୋଗ ପାଇବେ। ଭାଗିଦାରଙ୍କ ସହ ମିଶି ବ୍ୟବସାୟ ବୃଦ୍ଧି କରିବେ।

**କନ୍ୟା:** ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ । ପଡୋଶୀମାନେ ସମ୍ମୁଖରେ ପ୍ରଶଂସା କରି ପଛରେ ନିନ୍ଦା କରିପାରନ୍ତି । ବାହନରେ କୌଣସି ଜାଗାକୁ ଯାତ୍ରାକଲେ ସତର୍କତା ଅବଲମ୍ବନ କରିବା ଉଚିତ୍।

**ତୁଳା:** ପୁରାତନ ରୋଗ ପ୍ରକୋପର ଉପଶମ ହୋଇ ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ। ଜମିବାଡ଼ି ସଂକ୍ରାନ୍ତୀୟ ସମସ୍ୟାର ସମାଧାନ ହେବା ଫଳରେ ବଡ କାମ କରିବାକୁ ଇଚ୍ଛା ଜାଗ୍ରତ ହେବ।

**ବିଛା:** କଳା, ସାହିତ୍ୟ, ଚଳଚ୍ଚିତ୍ର, ସଂଗୀତାଦି କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ବାଦବିବାଦ, ମାଲିମୋକଦ୍ଦମା, ପରୀକ୍ଷା, ପ୍ରତିଯୋଗିତାରେ ସଫଳତା ମିଳିବ। କିନ୍ତୁ ଯାହାର ବେଶି ଉପକାର କରିଥିବେ ତାହାଦ୍ୱାରା ବେଶି ଆଘାତ ପାଇବେ । ଅଧ୍ୟୟନ, ଅଧ୍ୟାପନା ଓ ଅନୁସନ୍ଧାନ ପରି କାର୍ଯ୍ୟରେ ସଫଳତା ଅର୍ଜନ କରି ଆନନ୍ଦିତ ହେବେ।

**ଧନୁ:** କୌଣସି ବ୍ୟକ୍ତି ପରୋକ୍ଷରେ ଆକ୍ଷେପ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବରେ ସମ୍ମାନ ପ୍ରାପ୍ତିର ଯୋଗ ରହିଛି। ଅସାବଧାନତା କାରଣରୁ କୌଣସି ଜିନିଷ ହଜି ଯାଇପାରେ।

**ମକର:** ଘରକୁ ବନ୍ଧୁଙ୍କର ଆଗମନ ହେବାରୁ ମନ ଖୁସି ରହିବ ଓ ସୁସ୍ୱାଦୁ ଭୋଜନ କରିବେ। ଦୂରସ୍ଥାନକୁ ଗଲାବେଳେ ସାବଧାନ ସହିତ ଯାଆନ୍ତୁ ଏବଂ କାହାରି ସହିତ କଳହ କରନ୍ତୁ ନାହିଁ। ଛାତ୍ରଛାତ୍ରୀ ପାଠପଢ଼ାରେ ଉନ୍ନତି କରିବେ ।

**କୁମ୍ଭ:** ଆମୋଦପ୍ରମୋଦରେ ସମୟ ଅତିବାହିତ କରିବେ ଓ ସୁସ୍ୱାଦୁ ଭୋଜନ କରିବେ। ବ୍ୟବସାୟରେ ଲାଭ ମିଳିବାରୁ ମନ ଖୁସି ରହିବ ଏବଂ ଭ୍ରମଣ ଯୋଗ ରହିଛି। ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ମିଳିବ ଓ ଘରକୁ ଅତିଥିଙ୍କର ଆଗମନ ହେବ ।

**ମୀନ:** ପାରିବାରିକ ସମସ୍ୟା ଦେଖାଯିବାରୁ ମନରେ ଅସ୍ଥିରତା ବୃଦ୍ଧି ହେବ ଓ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବ। କର୍ମକ୍ଷେତ୍ରରେ ନିଜ ଲୋକ ଅସୁବିଧାରେ ପକାଇ ପାରନ୍ତି ସେଥିପାଇଁ ସତର୍କ ରୁହନ୍ତୁ । ମାଙ୍ଗଳିକ କାର୍ଯ୍ୟ ପାଇଁ ଶୁଭଖବର ନ ମିଳିବାରୁ ମନ ଭଲ ରହିବ ନାହିଁ । ଚାକିରି କ୍ଷେତ୍ରରେ ସଫଳତା ପାଇବେ।

## ଉଚ୍ଚଶିକ୍ଷାର ସଂସ୍କାର – ସ୍ୱାୟତ୍ତତା ଓ ନିୟନ୍ତ୍ରଣର ଦ୍ୱନ୍ଦ୍ୱ

ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶିକ୍ଷା କେବଳ ଏକ ସେବା ନୁହେଁ, ବରଂ ଏହା ସାମାଜିକ ପରିବର୍ତ୍ତନର ସବୁଠାରୁ ବଡ଼ ଆୟୁଧ। ସାମ୍ପ୍ରତିକ ସମୟରେ ୟୁଜିସି (ଟଏଉ) ବା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିୟମାବଳୀରେ ପରିବର୍ତ୍ତନ ଏବଂ ନୂତନ ବିଲ୍‌କୁ ନେଇ ଦେଶରେ ଚାଲିଥିବା ଆନ୍ଦୋଳନ ଓ ବିରୋଧ, ଶିକ୍ଷା ବ୍ୟବସ୍ଥାର ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପଟେ ସରକାର ଶିକ୍ଷା ବ୍ୟବସ୍ଥାର 'ବିଶ୍ୱସ୍ତରୀକରଣ' ଏବଂ 'ଆଧୁନିକୀକରଣ'ର ଦ୍ୱାହି ଦେଉଥିବା ବେଳେ, ଅନ୍ୟପଟେ ଶିକ୍ଷାବିତ୍ ଓ ଛାତ୍ର ସମାଜ ଏହା ମଧ୍ୟରେ ଶିକ୍ଷାର 'ବ୍ୟବସାୟୀକରଣ'ର କଳାବାଦଲ ଦେଖିବାକୁ ପାଉଛନ୍ତି।

ଏହି ବିରୋଧର ମୂଳ କାରଣ ହେଉଛି ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତା। ଜ୍ଞାନର ଅନ୍ୱେଷଣ ପାଇଁ ମୁକ୍ତ ଚିନ୍ତାଧାରା ଏବଂ ସ୍ୱାଧୀନତା ଏକାନ୍ତ ଆବଶ୍ୟକ। କିନ୍ତୁ ନୂଆ ନିୟମାବଳୀ ମାଧ୍ୟମରେ କେନ୍ଦ୍ରୀୟ ନିୟନ୍ତ୍ରଣ ବୃଦ୍ଧି ପାଇବା ଦ୍ୱାରା ଶିକ୍ଷାନୁଷ୍ଠାନଗୁଡ଼ିକ ସରକାରୀ ନୀତିର ଏକ 'ପ୍ରୟୋଗଶାଳା'ରେ ପରିଣତ ହେବାର ଭୟ ରହିଛି। ଯଦି ଶିକ୍ଷା ବ୍ୟବସ୍ଥା ଶାସନକଳର ଅଧୀନରେ ରହିବ, ତେବେ ବୌଦ୍ଧିକ ସ୍ୱାଧୀନତା ବାଧାପ୍ରାପ୍ତ ହେବା ସ୍ୱାଭାବିକ।

ବିଲ୍‌ରେ ଥିବା ଆର୍ଥିକ ପ୍ରାବଧାନଗୁଡ଼ିକ ଅନୁଯାୟୀ, ଅନୁଦାନ ବଦଳରେ ଋଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ଶୁଣିବାକୁ ଆଧୁନିକ ମନେ ହେଉଥିଲେ ମଧ୍ୟ ଏହାର ପରିଣାମ ଭୟଙ୍କର ହୋଇପାରେ। ଶିକ୍ଷାନୁଷ୍ଠାନଗୁଡ଼ିକ ନିଜର ଖର୍ଚ୍ଚ ତୁଲାଇବା ପାଇଁ ଫି' ବୃଦ୍ଧି କରିବାକୁ ବାଧ୍ୟ ହେବେ, ଯାହା ଶିକ୍ଷାକୁ ବଜାରର ଏକ ପଣ୍ୟ ଦ୍ରବ୍ୟରେ ପରିଣତ କରିବ। ଫଳସ୍ୱରୂପ, ସମାଜର ତଳସ୍ତରରେ ଥିବା ମେଧାବୀ ଛାତ୍ରଟିଏ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।

ଭାରତୀୟ ସଂବିଧାନରେ ଶିକ୍ଷା କ୍ଷେତ୍ରରେ ସାମାଜିକ ନ୍ୟାୟକୁ ପ୍ରାଧାନ୍ୟ ଦିଆଯାଇଛି। କିନ୍ତୁ ନିଯୁକ୍ତି ପ୍ରକ୍ରିୟା ଏବଂ ରୋଷ୍ଟର ନିୟମରେ ସାମାନ୍ୟ ପରିବର୍ତ୍ତନ ମଧ୍ୟ ଦଳିତ, ପଛୁଆ ଓ ଜନଜାତି ବର୍ଗର ପ୍ରତିନିଧିତ୍ୱକୁ କ୍ଷୁଣ୍ଣ କରିପାରେ। ଏହି ଆଶଙ୍କା ହିଁ ଆଜି ରାଜରାସ୍ତାରେ ଛାତ୍ର ଏବଂ ଶିକ୍ଷକଙ୍କୁ ଏକାଠି କରିଛି।

ସଂସ୍କାର ସବୁବେଳେ ସ୍ୱାଗତଯୋଗ୍ୟ, କିନ୍ତୁ ତାହା ଅନ୍ତର୍ଭୁକ୍ତିକରଣ ଭିତ୍ତିରେ ହେବା ଉଚିତ। ସରକାରଙ୍କୁ ବୁଝିବାକୁ ହେବ ଯେ, ଶିକ୍ଷା କୌଣସି ବ୍ୟବସାୟିକ ମଡେଲ୍ ନୁହେଁ, ବରଂ ଏହା ଏକ ଦେଶର ବୌଦ୍ଧିକ ପୁଞ୍ଜି। ୟୁଜିସି ବିଲ୍‌କୁ ନେଇ ଉପୁଜିଥିବା ବିବାଦର ସମାଧାନ କେବଳ ଆଲୋଚନା ଓ ସଂଶୋଧନ ମାଧ୍ୟମରେ ହିଁ ସମ୍ଭବ। ଯଦି ଆମେ ଏକ 'ବିଶ୍ୱଗୁରୁ' ଭାରତର ସ୍ୱପ୍ନ ଦେଖୁଛୁ, ତେବେ ଆମ ଶିକ୍ଷା ବ୍ୟବସ୍ଥାକୁ ଶାସନର ଶିକୁଳିରୁ ମୁକ୍ତ କରି ଏହାକୁ ସମସ୍ତଙ୍କ ପାଇଁ ସୁଲଭ ଓ ସ୍ୱାଧୀନ କରିବାକୁ ପଡ଼ିବ।

# ଗୁଟଖା ନିଷିଦ୍ଧ ଲୋକଦେଖାଣିଆ ନହେଉ

**ସୌଭାଗ୍ୟ ରଂଜନ ମହାନ୍ତି**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ଖାଦ୍ୟ ସୁରକ୍ଷା ଓ ମାନଙ୍କ କର୍ତ୍ତୃପକ୍ଷ (ଏଫଏସଏସଆଇ)ଙ୍କ ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟ ସରକାର ରାଜ୍ୟରେ ସିଗାରେଟ, ଗୁଟଖା, ପାନ ମସଲା, ଜର୍ଦ୍ଦା, ତମାଖୁ ଏବଂ ନିକୋଟିନ ଯୁକ୍ତ ସମସ୍ତ ଖାଦ୍ୟ ପଦାର୍ଥର ଉତ୍ପାଦନ, ପ୍ରସ୍ତୁତି, ପ୍ୟାକେଟିଂ, ମହଜୁଦ, ପରିବହନ ବାଣିଜ୍ୟ ଓ ବିକ୍ରୟ ନିଷିଦ୍ଧ କରିଛନ୍ତି। ରାଜ୍ୟକୁ ମାରାତ୍ମକ କର୍କଟ ରୋଗରୁ ମୁକ୍ତ କରିବା ଏବଂ ଯୁବପିଢ଼ିଙ୍କୁ ନିଶା କବଳରୁ ରକ୍ଷା କରିବା ଲକ୍ଷ୍ୟ ନେଇ ସରକାର ନିଷିଦ୍ଧ କରିଥିବା ବେଳେ ଏହାର ଉଲଂଘନ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ସ୍ୱରୁପ ଉଭୟ ଜେଲ ଜୋରିମାନା ତଥା ୧୦ଲକ୍ଷ ଟଙ୍କା ଜରିମାନା ଓ ୬ମାସ ଜେଲଦଣ୍ଡ ପ୍ରବଧାନ ରହିଥିବା ସତ୍ତ୍ୱେ ଏଥିରେ ବିସ୍ମିତ ହେବାର କିଛିନାହିଁ। କହିବା ବାହୁଲ୍ୟ ଯେ, ରାଜ୍ୟରେ ସିଗାରେଟ, ଗୁଟଖା, ଜର୍ଦ୍ଦା, ଖଇନି ଆଦି ନିଷିଦ୍ଧ ନୂଆ ନୁହେଁ। ୨୦୧୩ ମସିହାରେ ଦୀର୍ଘ ୧୩ବର୍ଷ ପୂର୍ବେ ରାଜ୍ୟ ସରକାର ଏହାକୁ ନିଷିଦ୍ଧ କରି କଠୋର ଦଣ୍ଡବ୍ୟବସ୍ଥା କରିଥିଲେ। କିନ୍ତୁ ଫଳ ଓଲଟା ହୋଇଥିବା କହିଲେ ଭୁଲ ହୋଇନପାରେ। ଏହାକୁ ତତ୍‌କାଳୀନ ସରକାର ନିଷିଦ୍ଧ କରିବାର ଦିନକ ପରେ କେବଳ ଏହାର ମୂଲ୍ୟ ଦୁଇଗୁଣକୁ ବୃଦ୍ଧି ପାଇନଥିଲା, ଲୁଚା ଚୋରାରେ ବହୁଳ ଭାବରେ ବିକ୍ରୀ ହୋଇଥିଲା। ନୂଆ ନୂଆ ଗୁଟଖା ପ୍ରସ୍ତୁତ କରି କମ୍ପାନୀ ଏଥିରେ ସାମିଲ ହୋଇଥିଲେ। ପାନ, ଚା, ଦୋକାନଠାରୁ ଆରମ୍ଭ କରି ବଡ ବଡ ଗୋଦାମରେ ଏହା ଖୋଲାଖୋଲି ଭାବେ ବିକ୍ରୀ ହେଉଥିଲା। ମଝିରେ ମଝିରେ ପୋଲିସ-ଅବକାରୀ ବିଭାଗ ଚଢାଉ କରି ନିଷିଦ୍ଧ ସାମଗ୍ରୀ ଜବତ କରିଥିଲେ ମଧ୍ୟ କେତେ ପରିମାଣର ଜବତ ହୋଇଛି, ବିକ୍ରି, ଉତ୍ପାଦନ, ମହଜୁଦ, ପରିବହନ କରିବା ଅଭିଯୋଗରେ କେତେଜଣ ଗିରଫ ହୋଇଛନ୍ତି, ସେ ନେଇ ସରକାର ନୀରବ। ବରଂ ନିଷିଦ୍ଧ ସାମଗ୍ରୀ ବିକ୍ରୀରୁ ରାଜ୍ୟ ସରକାର ୨୦୨୨-୨୩ ଆର୍ଥୀକ ବର୍ଷରେ ୧୦୧୨କୋଟି ୫୬ଲକ୍ଷ ଟଙ୍କା ରାଜସ୍ୱ ପାଇଥିବା ନେଇ ବିଧାନସଭା ତଥ୍ୟ କହେ। ଗତ ୩ ମାସ ମଧ୍ୟରେ ରାଜ୍ୟ ସରକାର ୩୫୭ କୋଟି ଟଙ୍କାର ରାଜସ୍ୱ ପାଇଥିବା ଜଣାଯାଏ। ଏବେ ପୁନର୍ବାର ଏହାକୁ ନିଷିଦ୍ଧ କରାଯିବା ପରେ ଏହାର ମୂଲ୍ୟ ୨ରୁ ୫ଟଙ୍କା ବୃଦ୍ଧି ପାଇଲାଣି। ଏହି ମୂଲ୍ୟ ବୃଦ୍ଧିର ମୂଲ୍ୟ ଯୁବପିଢୀଙ୍କ ଉପରେ ପଡିନଥିବା ମନେହୁଏ। ବରଂ ନିଷିଦ୍ଧ ପରେ ଏହାର ବିକ୍ରୀ ଖୋଲାମ୍ ଖୋଲା ଭାବେ ଚାଲିଛି। ସବୁଠାରୁ ବିସ୍ମୟଜନକ ହେଉଛି, କଟକଣା ଯୋଗୁଁ ମୂଲ୍ୟ ବଢିଥିଲେ ମଧ୍ୟ କେହି ପ୍ରଶ୍ନ ବି କରୁନାହାଁନ୍ତି। ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାଯାଇଛି ଯେ, ୨୦୧୩ରେ ଗୁଟଖା ନିଷିଦ୍ଧ ହେବା ପରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ପୁରୀ, ବାଲେଶ୍ୱର ଭଳି ବଡ ବଡ ସହରରେ ସୀମାନ୍ତ ଦେଇ ଅନ୍ୟ ରାଜ୍ୟରୁ ଏହାର ଚୋରା ଚାଲାଣ ବଢିଥିଲା। କର୍ତ୍ତୃପକ୍ଷଙ୍କ ଉଦାସୀନତା, ନିଷ୍କ୍ରୀୟତା ଯୋଗୁଁ ଗୁଟଖାର ବିକ୍ରୀ ଏତେ ମାତ୍ରାରେ ବଢିଯାଇଥିଲା ଯେ, ସହର ଠାରୁ ଆରମ୍ଭ କରି ପୁରପଲ୍ଲୀ ପର୍ଯ୍ୟନ୍ତ ସବୁଠି ଛାଇ ହୋଇଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହା ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରିବା ସତ୍ତ୍ୱେ ବିକ୍ରୀ ଓ ଉତ୍ପାଦନ କମିବା ପରିବର୍ତ୍ତେ ବଢିଚାଲିଛି। ଆହୁରି ମଧ୍ୟ ସର୍ବସାଧାରଣ ସ୍ଥାନରେ ପାନ, ଗୁଟଖା, ଖଇନି, ସିଗାରେଟ ଟାଣିବା ଆଦି ଉପରେ ଜୋରିମାନା ଲାଗୁ କରାଯାଇଥିବା ସତ୍ତ୍ୱେ ସେଥିପ୍ରତି କେହି ସଚେତନ ନଥିବା ଦେଖାଯାଏ। ଏକ ଅନୁଧ୍ୟାନ ରିପୋର୍ଟରୁ ଜଣାଯାଇଛି ଯେ, ରାଜ୍ୟରେ ବାର୍ଷିକ ହାରାହାରୀ ୫୨,୯୬୦ କର୍କଟ ରୋଗୀ ଚିହ୍ନଟ ହୋଇଥାନ୍ତି। ସେମାନଙ୍କ ମଧ୍ୟରୁ କେବଳ ୩୦ପ୍ରତିଶତ ତମାଖୁ ଜନିତ କର୍କଟରେ ପୀଡିତ ହୋଇଥାନ୍ତି। ଯେଉଁମାନଙ୍କର ବୟସ ୩୬ରୁ ୪୪ବର୍ଷ ମଧ୍ୟରେ। ଆମ ରାଜ୍ୟରେ ଉଭୟ ପୁରୁଷ ଓ ମହିଳା ଗୁଟଖା, ଓ ତମାଖୁ ସେବନ ଜନିତ ମୁଖ କର୍କଟରେ ପିଡୀତ। କେବଳ ଯୁବ କିମ୍ବା ବୟସ୍କ ନୁହଁନ୍ତି, ୧୦ପ୍ରତିଶତ ରୋଗୀ କିଶୋରାବସ୍ଥାରେ ତମାଖୁ କବଳରେ ପଡି କର୍କଟ ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ନିଶ୍ଚିତ ଭାବେ ଚିନ୍ତାଜନକ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ପ୍ରତିବର୍ଷ ୧୪ଲକ୍ଷ ୬୧ହଜାରରୁ ଅଧିକ ଲୋକ କର୍କଟରେ ଆକ୍ରାନ୍ତ ହେଉଥିବା ବେଳେ ତମାଖୁ ସେବନ କାରଣରୁ ବିଶ୍ୱରେ ପ୍ରତି ସେକେଣ୍ଡରେ ଜଣେ ବ୍ୟକ୍ତିର ମୃତ୍ୟୁ ଘଟୁଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ରିପୋର୍ଟରେ କୁହାଯାଇଛି। ବିଳମ୍ବରେ ହେଲେ ବି ରାଜ୍ୟ ସରକାର ପାନ, ସିଗାରେଟ, ଗୁଟଖା, ଜର୍ଦ୍ଦା ଆଦିର ବିକ୍ରି, ଉତ୍ପାଦନ, ମହଜୁଦ ନିଷିଦ୍ଧ କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହାର ବିକ୍ରୀରୁ ସରକାର ବାର୍ଷିକ ହଜାରେ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରୁଥିବାବେଳେ ଗତ ୨୦୧୪ରୁ ରାଜସ୍ୱ ଆୟ ବଢିଚାଲିଛି। ଏବେ ବିଧାନସଭାରେ ଓଡିଶା ଦ୍ରବ୍ୟ ଓ ସେବାକର ବିଧେୟକ ଗୃହିତ କରାଇ ପାନ, ସିଗାରେଟ, ଗୁଟଖାରୁ ଅଧିକ ରାଜସ୍ୱ ଆୟ ପାଇଁ ବାଟ ଫିଟାଇ ଦେଇଛନ୍ତି। ବାସ୍ତବରେ ସରକାର ଏହାର ବ୍ୟବହାରକୁ ନିରୁତ୍ସାହିତ କରିବା ପାଇଁ ନା ଅଧିକ ରାଜସ୍ୱ ଆୟ ପାଇଁ ପ୍ରୋତ୍ସାହନ ଦେଉଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ତେବେ ଗୁଟଖା, ପାନ, ସିଗାରେଟ ନିଷିଦ୍ଧ କେବଳ ଲୋକଦେଖାଣିଆ ନହେଉ।

# ସ୍ୱାସ୍ଥ୍ୟ ଓ ସୌଭାଗ୍ୟ ପାଇଁ ଲୁଣ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଆମ ନିତିଦିନିଆ ଜୀବନରେ ଲୁଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଥାରେ ବି ରହିଛି ଲୁଣର ଗୁଣ। ଆମ ଓଡ଼ିଆରେ ଏକ ଲୋକପ୍ରିୟ ଧାଡ଼ିଟି ହେଉଛି - 'ଲୁଣ ଖାଇଛି ମାନେ ଗୁଣ ଗାଇବ।' ଲୁଣ କେବଳ ରୋଷେଇରେ ବ୍ୟବହୃତ ହୁଏ ତାହା ନୁହେଁ। ଘରର ସୁଖ-ସମୃଦ୍ଧିକରିବାରେ ତଥା ଶରୀରର ଥକ୍କାପଣକୁ ଦୂର କରିବାରେ ବି ଲୁଣର ବିଶେଷ ଭୂମିକା ରହିଛି। ଯେମିତିକି ଲୁଣ ପାଣିରେ ଘର ପୋଛିଲେ ନକରାତ୍ମକ ଉର୍ଜ୍ଜା ନଷ୍ଟ ହୋଇ ଘରେ ଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ଅଛି। ଏହା ଖରାପ ନଜରରୁ ମଧ୍ୟ ବ୍ୟକ୍ତିଙ୍କୁ ସୁରକ୍ଷା ଦେଇଥାଏ। କୌଣସି ବ୍ୟକ୍ତି ବା ପିଲାଙ୍କୁ କାହାର ଖରାପ ନଜର ଲାଗିଥିଲେ, କିଛି ଲୁଣକୁ ନେଇ ତାଙ୍କ ଚାରିପଟେ ତିନିଥର ବୁଲାଇ ତାହାକୁ ବାହାରେ ଫୋପାଡ଼ିଦେଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି। ରାତିରେ ଶୋଇବା ପୂର୍ବରୁ ପାଣିରେ କିଛି ଲୁଣ ମିଶାଇ ହାତପାଦ ଧୋଇ ଦେଲେ ଥକ୍କାପଣ ଦୂର ହେବା ସହ ନିଦ ଭଲ ହୋଇଥାଏ। ସେହିପରି ଘରେ କୌଣସି ବ୍ୟକ୍ତି ବହୁତ ଦିନ ରୋଗରେ ପଡ଼ିଥିଲେ, କାଚ ବୋତଲରେ ଲୁଣ ଭର୍ତ୍ତି କରି ତାଙ୍କ ଶେଯ ପାଖରେ ରଖି ସପ୍ତାହକୁ ସପ୍ତାହ ତାହାକୁ ବଦଳାଉଥିଲେ ଧୀରେ ଧୀରେ ରୋଗରୁ ଉପଶମ ମିଳିଥାଏ ବୋଲି ଜ୍ୟୋତିର୍ବିଦମାନେ ମତ ଦେଇଥାନ୍ତି। ଅନେକ ସମୟରେ ଦେଖାଯଏ, ଘରେ କିଛି ବାସ୍ତୁ ଦୋଷ ଥିଲେ କିମ୍ବା ସର୍ବଦା କଳହ ଲାଗିବା ସହ ଅଭାବ ଦେଖା ଦେଉଥିଲେ କାଚ ଗିନାରେ କିଛି ଲୁଣ ନେଇ ଗାଧୁଆ ଘରେ ରଖିଦେଲେ କ୍ରମେ ବାସ୍ତୁଦୋଷ ଆପେ ଆପେ ସମାଧାନ ହୋଇଯାଏ ବୋଲି ବିଶ୍ୱାସ ରହିଛି। ଖାଇବା କଥା ତ ଅଲଗା। ଲୁଣ ବିନା ଖାଦ୍ୟ ଅରୁଚିକର କିଛି ଲୋକଙ୍କୁ ଲାଗିଥାଏ। ତେବେ ଲୁଣକୁ ନେଇ ଅନେକ କଥା ଓ କାହାଣୀ ରହିଛି। ସ୍ୱାସ୍ଥ୍ୟ ବିଜ୍ଞାନରେ ଲୁଣର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେବେ ଲୁଣ ଯାହା ହେଉନା କାହିଁକି ସେ ଅନ୍ତତଃ ଆମ୍ଭ ମାନଙ୍କୁ ଜୀବନରେ ଯେଉଁ ଯେଉଁମାନେ ଆମ୍ଭମାନଙ୍କର ଉପକାର କରିଛନ୍ତି ସେମାନଙ୍କ ପ୍ରତି କୃତଜ୍ଞତା ରହିବାର ଜ୍ଞାନ ଶିକ୍ଷା ଦେଇଥାଏ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ବାଧାମୁକ୍ତ ଶାସନ: ଭିତ୍ତିଭୂମି ପାଇଁ ଭାରତର ସାଂଗଠନିକ ଢାଞ୍ଚା

**ଅରିହନ୍ତ କୁମାର**

ସ୍ୱାଧୀନତା ପରଠାରୁ ଭିତ୍ତିଭୂମି ଭାରତର ପ୍ରଗତି ଦୃଷ୍ଟିକୋଣକୁ ଆକାର ଦେଇଆସିଛି। ଦୃଷ୍ଟିକୋଣ ସ୍ପଷ୍ଟ ଥିଲା-ରେଳପଥ ଦୂରଦୂରାନ୍ତ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବ, ରାଜପଥ ରାଜ୍ୟମାନଙ୍କ ମଧ୍ୟରେ ବାଣିଜ୍ୟକୁ ସହଜ କରିବ, ଜଳସେଚନ ବ୍ୟବସ୍ଥା କୃଷିର ମେରୁଦଣ୍ଡ ହେବ ଏବଂ ବିଦ୍ୟୁତ୍ ଲାଇନ ଦେଶର ସବୁଠାରୁ ଦୂରବର୍ତ୍ତୀ ଗ୍ରାମଗୁଡ଼ିକୁ ଆଲୋକିତ କରିବ। କିନ୍ତୁ ପ୍ରକଳ୍ପଗୁଡ଼ିକ ବଡ଼ ହେବା ସହିତ, ସେଗୁଡ଼ିକ କ୍ରମଶଃ ଜଟିଳ ହୋଇଗଲା। ଜମି ଅନୁମୋଦନ ଅପେକ୍ଷାରେ ଥିଲା, ଅନୁମୋଦନ ଡିଜାଇନ୍ ଅପେକ୍ଷାରେ ଥିଲା, ଡିଜାଇନ୍ ବ୍ୟବହାର ପରିବର୍ତ୍ତନ ଅପେକ୍ଷାରେ ଥିଲା, ଏବଂ ଲାଭଗୁଡ଼ିକ ଅନ୍ୟ ଏକ କାର୍ଯ୍ୟାଳୟ, ଅନ୍ୟ ଏକ କ୍ଷେତ୍ରାଧିକାର, ଅନ୍ୟ ଏକ ଫାଇଲରେ ପୋତି ହୋଇ ଅନୁମୋଦନ ଅପେକ୍ଷାରେ ଥିଲା। ପ୍ରତ୍ୟେକ ବିଳମ୍ବର ଏକ କାରଣ ଥିଲା, ପ୍ରତ୍ୟେକ କାରଣ ପାଇଁ କେହି ଦାୟୀ ଥିଲେ, କିନ୍ତୁ ଫଳାଫଳ ପାଇଁ ପ୍ରକୃତରେ କେହି ଦାୟିତ୍ୱ ନେଉନଥିଲେ। ବର୍ଷ ବର୍ଷ ଧରି, ଅନେକ ପ୍ରକଳ୍ପ ଖଣ୍ଡ ଖଣ୍ଡ ଭାବରେ ଜାରି ରହିଲା, ପୃଥକ ଭାବରେ ସମୀକ୍ଷା କରାଗଲା, ପରେ ସ୍ପଷ୍ଟ କରାଗଲା ଏବଂ ସବୁଦିନ ପାଇଁ ବିଳମ୍ବିତ ହେଲା। ପ୍ରଗତି ଯେତେବେଳେ ସ୍ଥଗିତ ହେଲା, ଦାୟିତ୍ୱ ପ୍ରକ୍ରିୟାର ଜଟିଳତାରେ ଫସିଗଲା। ସବୁଠାରେ ବ୍ୟସ୍ତତା ଥିଲା- ଫାଇଲ ଚାଲୁଥିଲା, ବୈଠକ ହେଉଥିଲା କିନ୍ତୁ କୌଣସି ସ୍ଥାନରେ ବାସ୍ତବ କାର୍ଯ୍ୟରେ ଅଗ୍ରଗତି ଦେଖାଯାଉନଥିଲା। ଏହି ଅଭିଜ୍ଞତା ଭାରତକୁ ଶିଖାଇଲା ଯେ, ଦୃଷ୍ଟିକୋଣ ଯେତେ ସୁସ୍ପଷ୍ଟ ହେଉ, ଦାୟିତ୍ୱବୋଧ ଏବଂ ସମନ୍ୱୟ ଛଡ଼ା ଭିତ୍ତିଭୂମି ରୂପାୟନ ସମ୍ଭବ ନୁହେଁ। ଯାହାର ଅଭାବ ଥିଲା ତାହା ଉଦ୍ଦେଶ୍ୟ କିମ୍ବା ନିବେଶ ନୁହେଁ, ବରଂ ଏକ ମଞ୍ଚ ଯେଉଁଠାରେ ପରସ୍ପର ସହିତ ଜଡ଼ିତ ବାଧାଗୁଡ଼ିକୁ ଏକାଠି ଦେଖାଯାଇପାରିବ, ଏକାଠି ସମାଧାନ କରାଯାଇପାରିବ ଏବଂ ଦୂର କରାଯାଇପାରିବ। ପ୍ରକଳ୍ପ ପରିଚାଳନାରେ ଏହି ନୀରବ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଫାଟକୁ ପ୍ରଗତି ନେତୃତ୍ୱାଧୀନ ଇକୋସିଷ୍ଟମ ପୂରଣ କରିବାକୁ ଚେଷ୍ଟା କରିଥିଲା। ପ୍ରଗତି ସମୀକ୍ଷାର ଏକ ନୂତନ ସ୍ତର ଭାବରେ ଆସି ନଥିଲା, ବରଂ ଏକ ସଂଯୋଗ ଭାବରେ ଆସିଥିଲା ??ଯେଉଁଠାରେ ସମାନ୍ତରାଳ ପଥ ଶେଷରେ ମିଶିଥିଲା। ୨୦୧୫ରେ କଳ୍ପନା କରାଯାଇଥିଲା, ଏହା ଏକ ସରଳ ଧାରଣା ଥିଲା: ଯେ ତଦାରଖ ନିଷ୍ପତ୍ତି ନେବା ଉଚିତ, ଏବଂ ନିଷ୍ପତ୍ତି ପ୍ରଦାନ କରିବା ଉଚିତ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ, ଏହା କେନ୍ଦ୍ର ସଚିବ ଏବଂ ରାଜ୍ୟ ମୁଖ୍ୟ ସଚିବମାନଙ୍କୁ ଏକାଠି କରିଥିଲା, ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଏବଂ ସେମାନଙ୍କର ପ୍ରତିବନ୍ଧକଗୁଡ଼ିକର ଏକକ, ସହଭାଗୀ ଦୃଷ୍ଟିକୋଣ ସହିତ କାର୍ଯ୍ୟ କରିବାର କ୍ଷମତା ଥିବା ଲୋକଙ୍କୁ ଏକତ୍ର କରିଥିଲା। ନିର୍ଦ୍ଦିଷ୍ଟ ସଫଳତାଗୁଡ଼ିକୁ ଯାଞ୍ଚ କରାଯାଇ, ପ୍ରସଙ୍ଗଗୁଡ଼ିକୁ ସାମ୍ନାକୁ ଅଣାଯିବା ସହ ସିଧାସଳଖ ପ୍ରଶ୍ନ ପଚରାଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦାୟିତ୍ୱ ପାଇଁ ଏକ ନାମ, ଏକ ନିର୍ଦ୍ଦିଷ୍ଟ ସମୟ ଏବଂ ଏକ ଫେରିବା ତାରିଖ ସ୍ଥାପନ କରାଯାଇଥିଲା। ତଥାପି, ପ୍ରଗତିର ପ୍ରକୃତ କାହାଣୀ କେବଳ ଏହି ଉଚ୍ଚ-ପ୍ରୋଫାଇଲ୍ ସମୀକ୍ଷା ସମୟରେ ପ୍ରକାଶ ପାଏ ନାହିଁ। ଏହା ପୂର୍ବରୁ ଏବଂ ପରେ ଆସୁଥିବା ନୀରବ, ଚାଲୁଥିବା କାର୍ଯ୍ୟରେ ବଞ୍ଚିଥାଏ। ପ୍ରସ୍ତୁତି, ପ୍ରତିଷ୍ଠାଗତ ସ୍ମୃତି ଏବଂ ଅନୁସରଣର ଏହି ଶୃଙ୍ଖଳା ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍ (ପିଏମଜି) ଦ୍ୱାରା ପ୍ରଦାନ କରାଯାଇଛି, ଯାହା ଏହି ଇକୋସିଷ୍ଟମ କାର୍ଯ୍ୟର ମେରୁଦଣ୍ଡ ଗଠନ କରେ। ମୁଁ ପିଏମଜିକୁ ଏପରି ଭାବରେ ବୃଦ୍ଧି ପାଉଥିବା ଦେଖିଛି ଯାହା କି ଅନ୍ୟ ଅନୁଷ୍ଠାନରେ ସାଧାରଣତଃ ଦେଖାଯାଇନଥାଏ। ଏକ ସରଳ ଡିଜିଟାଲ ଇଣ୍ଟରଫେସ୍ ଭାବରେ ଯାହା ଆରମ୍ଭ ହୋଇଥିଲା ତାହା ଏକ ପରିପକ୍ୱ, ପ୍ରଯୁକ୍ତିବିଦ୍ୟା-ଚାଳିତ, ସଫଳତା-ଆଧାରିତ ମନିଟରିଂ ପ୍ଲାଟଫର୍ମରେ ବିକଶିତ ହୋଇଛି ଯାହା ଭାରତରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ତଦାରଖ ଏବଂ ସମାଧାନ କରିବାର ଉପାୟକୁ ପରିବର୍ତ୍ତନ କରିଛି। ଏହି ସ୍ଥାପତ୍ୟ ମଧ୍ୟରେ, ପିଏମଜି ଏକତ୍ରୀକରଣ ଏବଂ ବିଶ୍ଳେଷଣର ପ୍ରଥମ ବିନ୍ଦୁ ଭାବରେ କାର୍ଯ୍ୟ କରେ, ପ୍ରହରୀ ଏବଂ ଯୋଗାଯୋଗକାରୀ ଉଭୟ ଭାବରେ କାର୍ଯ୍ୟ କରେ। ଦଳ ପ୍ରକଳ୍ପଗୁଡ଼ିକୁ ନିକଟରୁ ତଦାରଖ କରେ, ଭୂମି ବାସ୍ତବତା ଶୁଣେ, ଦାବିଗୁଡ଼ିକୁ ବୈଧ କରେ ଏବଂ ପ୍ରଗତି ଉଚ୍ଚ-ସ୍ତରୀୟ ସମୀକ୍ଷା ପାଇଁ ଜଟିଳ ଇନପୁଟଗୁଡ଼ିକୁ ସଂରଚିତ ଅନ୍ତର୍ଦୃଷ୍ଟିରେ ରୂପାନ୍ତରିତ କରେ। ପୂର୍ବରୁ ଫାଇଲ୍, ପତ୍ରାଳାପ ଏବଂ ସାମୟିକ ସମୀକ୍ଷାରେ ରହିଥିବା ସୂଚନା ବର୍ତ୍ତମାନ ଏକକ ଡିଜିଟାଲ ସିଷ୍ଟମରେ ସଂଯୋଜିତ ହୋଇଛି, ଯାହା ପ୍ରଗତି, ଖର୍ଚ୍ଚ, ସମୟସୀମା, ସଫଳତା ଏବଂ ଭୂମି ଦୃଶ୍ୟ ପ୍ରମାଣ ଉପରେ ବାସ୍ତବ-ସମୟ ତଥ୍ୟ ପ୍ରଦାନ କରେ। ଆଜି, କ୍ୟାବିନେଟ୍-ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଅନୁମୋଦନର କିଛି ଦିନ ମଧ୍ୟରେ ସିଷ୍ଟମରେ ଅଛି। ସେମାନଙ୍କର ଯାତ୍ରା ଏକ ନିରନ୍ତର ତଥ୍ୟ ପ୍ରବାହ ମାଧ୍ୟମରେ ମ୍ୟାପ୍ କରାଯାଇଛି, ଯାହା ଅତୀତର ରିପୋର୍ଟିଂ ବଦଳରେ ବର୍ତ୍ତମାନର ବାସ୍ତବତା ଉପରେ ଆଧାରିତ ନିଷ୍ପତ୍ତି ନେବାରେ ସକ୍ଷମ ହୋଇଛି। ପ୍ଲାଟଫର୍ମର ସବୁଠାରୁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଏହାର ସଂରଚିତ ପ୍ରକଳ୍ପ ଏବଂ ସମସ୍ୟା ଟ୍ରାକିଂ ଫ୍ରେମୱାର୍କ। କାର୍ଯ୍ୟାନ୍ୱୟନ ପ୍ରତିବନ୍ଧକଗୁଡ଼ିକ ଆଉ ଚିଠି କିମ୍ବା ସଂଲଗ୍ନକରେ ଲୁଚି ରହେ ନାହିଁ; ସେଗୁଡ଼ିକୁ ଆନୁଷ୍ଠାନିକ ଭାବରେ ଲଗ୍ କରାଯାଏ, ସମୟସୀମା ସ୍ଥିର କରାଯାଏ ଏବଂ ସମାଧାନ ପାଇଁ ଏକ ସମୟସୀମା ସହିତ ସମ୍ପୃକ୍ତ ଅଂଶୀଦାରଙ୍କୁ ସ୍ପଷ୍ଟ ଭାବରେ ନ୍ୟସ୍ତ କରାଯାଏ। ଏହା ଆରମ୍ଭରୁ ସ୍ୱଚ୍ଛତାକୁ ସ୍ଥାପିତ କରେ। କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ପ୍ରକଳ୍ପ ପରିଚାଳକମାନେ ସମସ୍ତେ ସମାନ ସୂଚନା ଏକକାଳୀନ ଦେଖନ୍ତି, ମନ୍ତବ୍ୟ ପ୍ରଦାନ କରନ୍ତି, ଅପଡେଟ୍ ଅପଲୋଡ୍ କରନ୍ତି ଏବଂ ସମାପ୍ତି ପର୍ଯ୍ୟନ୍ତ ପ୍ରଗତି ନିରୀକ୍ଷଣ କରନ୍ତି। ଏହି ସହଭାଗୀ ଦୃଶ୍ୟମାନତା ଉତ୍ତରଦାୟିତ୍ୱକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରେ। ଭୂମିକା-ଭିତ୍ତିକ ଡ୍ୟାସବୋର୍ଡଗୁଡ଼ିକ ଏକ ବ୍ୟକ୍ତିଗତ ଦୃଷ୍ଟିକୋଣ ପ୍ରଦାନ କରେ, ଯାହା ବରିଷ୍ଠ ନେତୃତ୍ୱଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଧିକାରୀମାନଙ୍କୁ ସେମାନଙ୍କ କ୍ଷେତ୍ରାଧିକାରରେ କ'ଣ ଧ୍ୟାନ ଦେବା ଆବଶ୍ୟକ ତାହା ଦେଖିବାକୁ ଅନୁମତି ଦିଏ। ସ୍ୱୟଂଚାଳିତ ସତର୍କତା, ରିମାଇଣ୍ଡର ଏବଂ ଅନୁପାଳନ ଟ୍ରାକିଂ ନିଶ୍ଚିତ କରେ ଯେ ସମୟ ସହିତ ସମସ୍ୟାଗୁଡ଼ିକ ହଜି ନଥାଏ, ବରଂ ସମାଧାନ ନହେବା ପର୍ଯ୍ୟନ୍ତ ପୁନର୍ବାର ସାମ୍ନାକୁ ଆସିଥାଏ। ବୈଠକର କାର୍ଯ୍ୟସୂଚୀ, ମିନିଟ୍ ଏବଂ ସମୀକ୍ଷା ଡକ୍ୟୁମେଣ୍ଟଗୁଡ଼ିକ ସିଧାସଳଖ ତଥ୍ୟରୁ ସୃଷ୍ଟି ହୁଏ, ଯାହା ନିୟମିତ ରିପୋର୍ଟିଂକୁ ହ୍ରାସ କରେ ଏବଂ ନିଷ୍ପତ୍ତି ଗ୍ରହଣ ଉପରେ ଧ୍ୟାନ ବୃଦ୍ଧି କରେ। ଫଳସ୍ୱରୂପ, ଏହି ପ୍ରଯୁକ୍ତିବିଦ୍ୟା-ସକ୍ଷମ ସମନ୍ୱୟ ମାଧ୍ୟମରେ ଅଧିକାଂଶ ସମସ୍ୟାର ସମାଧାନ ନୀରବରେ କରାଯାଏ, ଯେତେବେଳେ ଅଧିକ ଜଟିଳ, ଆନ୍ତଃ-ମନ୍ତ୍ରଣାଳୟ ବାଧାଗୁଡ଼ିକୁ ଏକ କ୍ୟାଲିବ୍ରେଟେଡ୍ ଢାଞ୍ଚା ମାଧ୍ୟମରେ ଶୀର୍ଷ ପ୍ଲାଟଫର୍ମକୁ ବୃଦ୍ଧି କରାଯାଏ। ଏହି ବୃଦ୍ଧି ନାଟକୀୟ ନୁହେଁ; ଏହା ଚିନ୍ତାକରି କରାଯାଏ। ତେଣୁ, ପିଏମଜିକୁ ଏହାର ମୂଳରେ ରଖି ନିର୍ମିତ ଏହି ପ୍ରଗତି ଇକୋସିଷ୍ଟମ, ପ୍ରଯୁକ୍ତିବିଦ୍ୟା ଏବଂ ଶାସନକୁ ସଂଯୋଗ କରେ, ତଥ୍ୟକୁ ନିଷ୍ପତ୍ତିରେ ଏବଂ ନିଷ୍ପତ୍ତିକୁ ବିତରଣରେ ପରିଣତ କରେ। ଏହି ବ୍ୟବସ୍ଥାରେ, କାମ କରିବା କେବଳ ଏକ ଆଶା ନୁହେଁ, ବରଂ ଏହାକୁ ବାସ୍ତବତାରେ ପରିଣତ କରାଯାଉଛି। ମୁଁ ଦେଖିଛି ଯେ ମନ୍ତ୍ରଣାଳୟ ଏବଂ ରାଜ୍ୟ ମଧ୍ୟରେ ଆଚରଣ କିପରି ପରିବର୍ତ୍ତନ ହୋଇଛି। ଯେତେବେଳେ ସମସ୍ତେ ସମାନ ସତ୍ୟ ଦେଖନ୍ତି, ବିଖଣ୍ଡନ ଅସହଜ ହୋଇଯାଏ। ଯେତେବେଳେ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବ୍ୟବସ୍ଥାରେ ବିଳମ୍ବ ପ୍ରକାଶିତ ହୁଏ, ନାମକରଣ କରାଯାଏ ଏବଂ ପୁନର୍ବିଚାର କରାଯାଏ, ବିଳମ୍ବ କଷ୍ଟକର ହୋଇଯାଏ। ବର୍ଷ ବର୍ଷ ଧରି ଅଟକି ରହିଥିବା ପ୍ରକଳ୍ପଗୁଡ଼ିକ - ବିମାନବନ୍ଦର, ରେଳ ଲାଇନ, ରାଜପଥ, ବିଦ୍ୟୁତ୍ କରିଡର - ଗତି କରିବା ଆରମ୍ଭ କଲେ, କାରଣ ସେମାନଙ୍କର ପ୍ରକୃତି ପରିବର୍ତ୍ତନ ହୋଇନଥିଲା, ବରଂ ସେମାନଙ୍କ ଚାରିପାଖରେ ଥିବା ସମସ୍ୟା ଦୂର ହୋଇଯାଇଥିଲା। ଆଜି, ୮୫ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ତିନି ହଜାରରୁ ଅଧିକ ପ୍ରକଳ୍ପ ଏହି ଇକୋସିଷ୍ଟମ ଦେଇ ଗତି କରୁଛି। ସମସ୍ୟାଗୁଡ଼ିକ ଉତ୍ପନ୍ନ ହୁଏ, ସମାଧାନ ହୁଏ ଏବଂ ଏକ ସ୍ଥିର ସଂସ୍ଥାଗତ ଲକ୍ଷ୍ୟ ସହିତ ଶେଷ ହୁଏ। ଏହା ଶାସନର ନାଟକ ନୁହେଁ; ଏହା ହେଉଛି ଏହାର ଶୃଙ୍ଖଳା। ନାଗରିକମାନଙ୍କ ପାଇଁ, ଏହାର ପ୍ରଭାବ ସାରାଂଶ ନୁହେଁ। ଏହା ଶେଷରେ ଖୋଲିଥିବା ସେତୁରେ ଅନୁଭୂତ ହୁଏ, ସମୟସୀମାରେ ଚାଲୁଥିବା ଟ୍ରେନ୍, ବିମାନବନ୍ଦର ଯାହା ଆଉ କେବଳ ଘୋଷଣାରେ ନାହିଁ। ପ୍ରତ୍ୟେକ ସମାପ୍ତ ପ୍ରକଳ୍ପ ଚୁପଚାପ୍ ବିଶ୍ୱାସକୁ ପୁନଃସ୍ଥାପିତ କରେ ଯେ ସରକାର ସମୟସୀମା ପାଳନ କରନ୍ତି, ନିଶ୍ଚିତ କରେ ଯେ ସାଧାରଣ ଲୋକଙ୍କ ଟଙ୍କା ଉତ୍ତମ ବ୍ୟବହାରରେ ଲଗାଯାଉଛି। ଭାରତ ପ୍ରଗତି ସହିତ, ପୁଞ୍ଜି ଗୁରୁତ୍ୱପୂର୍ଣ୍ଣ ହେବ, ମହତ୍ୱାକାଂକ୍ଷା ଗୁରୁତ୍ୱପୂର୍ଣ୍ଣ ହେବ, କିନ୍ତୁ ବିତରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେବ। ଏହା ସହ ବିତରଣ ଗୁରୁତ୍ୱପୂର୍ଣ୍ଣ ବାଧା ଦୂର କରିବା କିମ୍ବା ସାମୟିକ ହସ୍ତକ୍ଷେପ ଉପରେ ନିର୍ଭର କରିପାରିବ ନାହିଁ। ଏହାକୁ ବ୍ୟବସ୍ଥାଗତ ଭାବରେ ସଂଲଗ୍ନ, ନିୟମିତ ଏବଂ ଦୃଢ଼ ହେବା ଆବଶ୍ୟକ। ଏହା ପ୍ରଗତି ଇକୋସିଷ୍ଟମର ନୀରବ ସଫଳତା। ଏହା ଶାସନକୁ ଦୀର୍ଘ ସମୟ ଧରି ଯାହା ଅଭାବ ଥିଲା ତାହା ଦେଇଛି: ସମୟ ପରିଚାଳନା କରିବାର ଏକ ଉପାୟ। କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ସହିତ, ତଥ୍ୟକୁ ନିଷ୍ପତ୍ତି ସହିତ ଏବଂ ତଦାରଖକୁ ସମାପ୍ତି ସହିତ ଯୋଡ଼ି, ଏହା ବିଳମ୍ବକୁ ଦୂର କରାଯାଇପାରିଛି। ଏପରି କରିବା ଦ୍ୱାରା, ଏହା ଆମକୁ ମନେ ପକାଏ ଯେ, ପ୍ରଗତି ସର୍ବଦା ବଳପୂର୍ବକ ହୁଏ ନାହିଁ। କେତେକ ସମୟରେ, ଏହା ଏକ ପ୍ରଣାଳୀ ଭାବରେ ଆସେ ଯାହା କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ସମାପ୍ତ କରିବାରେ ସହାୟକ ହୋଇଥାଏ।

(ଲେଖକ ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍ (ପିଏମଜି)ର ଲିଡ୍ ଏବଂ ବରିଷ୍ଠ ସହାୟକ ଉପାଧ୍ୟକ୍ଷ।)

# ଚକିତ କରିଛି ଅମିରାତର ବୈଠକ

**ସୌମେନ୍ଦ୍ର ଜେନା**

ସଂଯୁକ୍ତ ଆରବ ଅମିରାତ (ୟୁଏଇ) ଏବଂ ଭାରତ ମଧ୍ୟରେ ମାତ୍ର ଦୁଇ ଘଣ୍ଟାର ଆଲୋଚନା ଏବଂ ବୁଝାମଣା ଘଟଣା ସମସ୍ତଙ୍କୁ ଚକିତ କରିଥିଲେ ମଧ୍ୟ ଆକସ୍ମିକ ଘଟଣା ନୁହେଁ। ଏହି ବୁଝାମଣା ପାଇଁ ଅମିରାତ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନହ୍ୟାନ, ଦୁବାଇ କ୍ରାଉନପ୍ରିନ୍ସ ଶେଖ ହମଦାନ ବିନ ମହମ୍ମଦ ଅଲ୍ ମକତୁମ (ଉପ ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ) ଶେଖ ହମିଦ ବିନ ଜାୟେଦ ଅଲ ନହ୍ୟାନ, ବିଦେଶ ମନ୍ତ୍ରୀ ଶେଖ ଅବଦୁଲ୍ଲା ବିନ ଜାୟେଦ ଅଲ ନହ୍ୟାନ, ଶେଖ ହମଦ ବିନ ମହମ୍ମଦ ବିନ ଜାୟେଦ ଅଲ ନହ୍ୟାନ, ଶେଖ ମହମ୍ମଦ ହମଦ ବିନ ତାହନୁନ ଅହ ନହ୍ୟାନଙ୍କ ସହ ଭାରତଗସ୍ତରେ ଆସିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅମିରାତର ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନହ୍ୟାନଙ୍କ ପାଇଁ ପ୍ରୋଟୋକଲ ବାହାରକୁ ଯାଇ ବିମାନ ବନ୍ଦରରେ ଲାଲକାର୍ପେଟରେ ସ୍ୱାଗତ କରିଥିଲେ। କେବଳ ସେତିକି ନୁହେଁ ସେ ତାଙ୍କୁ ନିଜ କାରରେ ବସାଇ ପ୍ରଧାନମନ୍ତ୍ରୀ ବାସଭବନକୁ ଆଣିଥିଲେ। ଏହି ସମୟରେ ଦୁଇନେତାଙ୍କ ମଧ୍ୟରେ ଖୋଲା ଆଲୋଚନା ହୋଇଥିଲା। ଲୋକକଲ୍ୟାଣ ମାର୍ଗସ୍ଥିତ ନିଜ ବାସଭବନରେ ପ୍ରଧାନମନ୍ତ୍ରୀ ଅମିରାତର ରାଜପରିବାରବର୍ଗଙ୍କୁ ସ୍ୱାଗତ କରିଥିଲେ। ଅମିରାତ ରାଷ୍ଟ୍ରପତିଙ୍କୁ ଗୁଜରାଟର କାଠ ଖୋଦେଇ ଝୁଲା, କାଶ୍ମିରର ପଶମିନା ଶାଲ, ଶାଲ ରଖିବା ପାଇଁ ତେଲେଙ୍ଗାନାର ରୁପାର ବାକ୍ସ, ଶେଖ ଫାତିମା ବି ମୁବାରକ ଅଲ କେଟେକୀଙ୍କ ପାଇଁ କାଶ୍ମିରୀ କେଶର ଆଦି ପ୍ରଦାନ କରାଯାଇଥିଲା। ଅମିରାତର ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ ଅଲ ନହ୍ୟାନଙ୍କ ପାଇଁ ଏହା ଭାରତକୁ ଗତ ଦଶବର୍ଷ ମଧ୍ୟରେ ପଞ୍ଚମ ଗସ୍ତ ରହିଥିଲା। ତେବେ ଏପ୍ରିଲ ୨୦୨୫ରେ ଦୁବାଇର କ୍ରାଉନ ପ୍ରିନ୍ସ ତଥା ଅମିରାତର ଉପ ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀ ଶେଖ ହମିଦ ବିନ୍ ମହମ୍ମଦ ବିନ୍ ରସିଦ ଅଲ ମକତୁମ ଭାରତ ଗସ୍ତରେ ଆସିଥିଲେ। ସେହିପରି ସେପ୍ଟେମ୍ବର ୨୦୨୪ରେ ଆବୁଧାବିର କ୍ରାଉନପ୍ରିନ୍ସ ଶେଖ ଖାଲେଦ ବିନ ମହମ୍ମଦ ବିନ ଅଲ ଜାୟେଦ ଅଲ ନହ୍ୟାନ ମଧ୍ୟ ଭାରତ ଗସ୍ତରେ ଆସିଥିଲେ। ତେଣୁ ଏହି ଗସ୍ତ ଆକସ୍ମିକ ନୁହେଁ ବରଂ ଦୁଇ ରାଷ୍ଟ୍ର ମଧ୍ୟରେ ନିୟମିତ ଆଲୋଚନା, ଦ୍ୱିପାକ୍ଷିକ ସ୍ୱାର୍ଥରକ୍ଷା, ପରିବର୍ତ୍ତିତ ବିଶ୍ୱର ବଦଳୁଥିବା ପରିସ୍ଥିତି ଦୃଷ୍ଟିରୁ ଆବଶ୍ୟକ ପଦକ୍ଷେପ ବୋଲି କହିଲେ ଠିକ୍ ହେବ। ପୃଥିବୀର ପ୍ରତ୍ୟେକ ରାଷ୍ଟ୍ର ନିଜ ରାଷ୍ଟ୍ରୀୟ ସ୍ୱାର୍ଥ, ଲୋକଙ୍କ ବିକାଶ, ସାଂପ୍ରତିକ ଆହ୍ୱାନକୁ ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତି ଲାଗି ପ୍ରୟାସରତ ରହିଛନ୍ତି। ସେହି କ୍ରମରେ ଅମିରାତ ମଧ୍ୟ ନିଜ ଦେଶର ସୁରକ୍ଷା, ଆର୍ଥିକ ବିକାଶ ଏବଂ ଆଗାମୀ ଦିନରେ ସମ୍ଭାବିତ ଆହ୍ୱାନକୁ ସାମ୍ନା କରିବାକୁ ଏବେଠୁ ଚେଷ୍ଟା ଚଳାଇଛି।

ଏକଥା ସତ ଯେ ଅମିରାତର ମୋଟ ଜନସଂଖ୍ୟା ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ପ୍ରାୟ ୩୭ ପ୍ରତିଶତ। ଅମିରାତର ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟଙ୍କ ସହଯୋଗୀ ଭୂମିକା ରହିଛି। ଦୁଇରାଷ୍ଟ୍ର ମଧ୍ୟରେ ବହୁପକ୍ଷୀୟ ସଂପର୍କ ଯଥା ସାଂସ୍କୃତିକ, ରାଜନୈତିକ ଏବଂ ଆର୍ଥିକ କ୍ଷେତ୍ରରେ ରହିଛି। ଦୁଇରାଷ୍ଟ୍ର ପରସ୍ପରର ପ୍ରମୁଖ ବାଣିଜ୍ୟିକ ସହଯୋଗୀ। ଦୁଇରାଷ୍ଟ୍ର ମଧ୍ୟରେ ସମନ୍ୱିତ ଆର୍ଥିକ ସହଯୋଗ ବୁଝାମଣା (ସେପା), ସ୍ଥାନୀୟ ମୁଦ୍ରାରେ ଦେଣନେଣ (ଏଲସିଏସ୍) ବ୍ୟବସ୍ଥା, ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଚୁକ୍ତି ରହିଛି। ଶକ୍ତି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଦୀର୍ଘ ସହଯୋଗୀ ବୁଝାମଣା ରହିଛି। ପୁଞ୍ଜିନିବେଶ ଦୃଷ୍ଟିରୁ ଅମିରାତ ଭାରତର ଏକ ପ୍ରମୁଖ ସହଯୋଗୀ ରହିଆସିଛି। ୧୯ ଜାନୁଆରୀ ୨୦୨୬ ଦିନ ଏହି ଦୁଇ ଘଣ୍ଟାର ଆଲୋଚନା ଏବଂ ବୁଝାମଣା ପର୍ବର ବିସ୍ତୃତ ଚର୍ଚ୍ଚା ପଛରେ ବର୍ତ୍ତମାନର ଅସ୍ଥିର ବିଶ୍ୱର ପରିସ୍ଥିତି, ଖୁବ ଶିଘ୍ର ବଦଳୁଥିବା ରାଜନୈତିକ ଦୃଶ୍ୟପଟ୍ଟ ଏବଂ ରାଷ୍ଟ୍ରଗୁଡିକର ରଣକୌଶଳ ରହିଛି। ଆମେରିକାର ଗ୍ରପ, ମଧ୍ୟପ୍ରାଚ୍ୟର ଅସ୍ଥିରତା, ସାଉଦି ଆରବର ଚୈଧୁରୀ ହେବା ପାଇଁ ଚେଷ୍ଟା, ତୁର୍କୀର ଇସଲାମିକ ସାମ୍ରାଜ୍ୟ ସ୍ୱପ୍ନ, ପାକ୍‌ର ମୁସଲିମ ଆଣବିକ ଶକ୍ତିର ବାହାସ୍ଫୋଟ, ଇରାନର ସନ୍ତ୍ରାସବାଦୀଙ୍କୁ ଭିନ୍ନ ଭିନ୍ନ ରାଷ୍ଟ୍ରରେ ପ୍ରୋତ୍ସାହନ, ଇଜିପଟ ଏବଂ ଆଫ୍ରିକୀୟ ରାଷ୍ଟ୍ରଗୁଡିକ ମଧ୍ୟରେ ଦ୍ୱନ୍ଦ୍ୱ, ଗାଜା ଏବଂ ପାଲେଷ୍ଟାଇନକୁ କେନ୍ଦ୍ରକରି ଲାଗି ରହିଥିବା ଅଚଳ ପରିସ୍ଥିତି, ପାକ୍-ସାଉଦି-ତୁର୍କୀ ମଧ୍ୟରେ ଇସଲାମିକ ନାଟୋ ମେଣ୍ଟ ପାଇଁ ପ୍ରୟାସ ଆଦି ଅମିରାତକୁ ଏବେ ଚିନ୍ତାରେ ପକାଇଛି। ନିକଟରେ ୟେମେନରେ ଅମିରାତରୁ ରପ୍ତାନୀ ହୋଇଥିବା ସେନାଗାଡିଗୁଡିକ ଉପରେ ସାଉଦି ଆରବ ପକ୍ଷରୁ ବୋମାମାଡ ବନ୍ଦର ଉପରେ କରାଯାଇଥିଲା। ଯାହାଫଳରେ ଅମିରାତ କର୍ତ୍ତୃପକ୍ଷଙ୍କର ଅନେକ ଆର୍ଥିକ କ୍ଷତି ହୋଇଥିଲା। ୟେମେନ ମାମଲାରେ ଅମିରାତ ଏବଂ ସାଉଦି ଆରବର ମତ ଭିନ୍ନ ରହିଛି। ୟେମେନର ବିଦ୍ରୋହୀ ଗୋଷ୍ଠୀଙ୍କୁ ଅମିରାତ ସମର୍ଥନ କରୁଥିଲାବେଳେ ସାଉଦି ଆରବ ବିରୋଧ କରୁଛି। ସାଉଦି ଆରବର ସୀମା ଅମିରାତକୁ ଲାଗିରହିଥିବା ଏବଂ ନିକଟ ପଡୋଶୀ ରାଷ୍ଟ୍ର ଇରାନ ଥିବା ହେତୁ ଜନସଂଖ୍ୟାରେ ଛୋଟ ରାଷ୍ଟ୍ର ଅମିରାତର ଆଶଙ୍କା ରହିବା ସାଧାରଣ କଥା। ନିଜସ୍ୱ ଅର୍ଥବଳ ମାଧ୍ୟମରେ ତଥାକଥିତ ଇସଲାମିକ ନାଟୋ କିମ୍ବା ଇସଲାମିକ ରିପବ୍ଲିକ ଇରାନକୁ ଏକାକୀ ବିରୋଧ କରିବା ଅମିରାତ ପକ୍ଷରେ ଏତେଟା ସହଜ ହେବନାହିଁ। ତେଣୁ ସାମରିକ ଦୃଢତା, ଆଣବିକ ଅସ୍ତ୍ରର ସହଯୋଗ, ଆଗାମୀ ଦିନରେ ଆର୍ଥିକ ତଥା ବାଣିଜ୍ୟିକ ସ୍ୱାର୍ଥ ପାଇଁ ଅମିରାତ ସରକାରଙ୍କୁ ଭାରତର ସହାୟତା ନିହାତି ଆବଶ୍ୟକ। ଅନ୍ୟପକ୍ଷରେ ସଂଖ୍ୟାଧିକ ପ୍ରବାସୀ ଭାରତୀୟ ବସବାସ କରୁଥିବା ରାଷ୍ଟ୍ର ଅମିରାତର ସୁରକ୍ଷା ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି କାଶ୍ମିରରେ ଅମିରାତର ନିବେଶ, ଭାରତର କାଶ୍ମିର ନୀତିକୁ ଅମିରାତର ସମର୍ଥନ, ଭାରତକୁ ଦୀର୍ଘକାଳିନ ଗ୍ୟାସ ଯୋଗାଣ ଦୃଷ୍ଟିରୁ ଅମିରାତର ସହଯୋଗ ଭାରତ ପାଇଁ ଅପରିହାର୍ଯ୍ୟ।

ପାକ୍ ପକ୍ଷରୁ ନିଜର ଦାରିଦ୍ର୍ୟତାକୁ ଲୁଚାଇ ଯେପରି ବିଦେଶରେ ପ୍ରଦର୍ଶନ କରାଯାଉଛି ତାହା ଅନେକ ରାଷ୍ଟ୍ର ପସନ୍ଦ କରୁନାହାନ୍ତି। ଅମିରାତରେ ପାକିସ୍ତାନୀ ଭିକାରୀ ସମସ୍ୟା ସୃଷ୍ଟି କରୁଥିବାରୁ ସେମାନଙ୍କୁ ସେଠାରୁ ବାହାର କରାଯିବା ସହ ପ୍ରବେଶ ଉପରେ କଟକଣା ଜାରି ହୋଇଛି। ନିକଟରେ ଅମିରାତ ସରକାର ଅମିରାତରେ ପ୍ରବେଶ ପାଇଁ ଭିସାନୀତିରେ ପରିବର୍ତ୍ତନ ଆଣିଥିବା ହେତୁ ପାକ୍ ଏବଂ ସାଉଦି ଆରବର ଲୋକେ ସେଥିରେ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଅମିରାତ ଭାରତର ସହାୟତାରେ ପ୍ରଶାସନିକ କାର୍ଯ୍ୟକୁ ଏବେ ଡିଜିଟାଲ ସ୍ତରକୁ ନେବାଲାଗି ଆଧୁନିକୀକରଣ କାର୍ଯ୍ୟ ଜାରି ରଖିଛି, ଯାହା ଅନ୍ୟ ଆରବୀ ରାଷ୍ଟ୍ର କରିନାହାନ୍ତି। ଅମିରାତରେ ବାଣିଜ୍ୟ କରିବା ଆଳରେ ପାକ୍ ଓ ସାଉଦିଆରବରୁ ଇସଲାମିକ ମୌଳବାଦୀ ଏବଂ ସନ୍ତ୍ରାସବାଦୀ ଦେଶରେ ପ୍ରବେଶକରି ସଙ୍କଟ ସୃଷ୍ଟି କରିପାରନ୍ତି ବୋଲି ସେଠାକାର ସରକାର ଆଶଙ୍କା କରୁଛନ୍ତି। ମଧ୍ୟ ପ୍ରାଚ୍ୟରେ ସମୀକରଣ ଦ୍ରୁତଗତିରେ ବଦଳୁଥିବା ହେତୁ ଅମିରାତ ସରକାର ନିଜ ରାଷ୍ଟ୍ରର ପ୍ରତିରକ୍ଷା, ପ୍ରଶିକ୍ଷଣ, ପ୍ରସ୍ତୁତି, ପ୍ରଚଣ୍ଡ ଆଘାତ ଦେବା ପାଇଁ ଭାରତର ସହଯୋଗ ଲୋଡୁଛନ୍ତି। ଅପରେସନ ସିନ୍ଦୂର ପରେ ଭାରତର ଅନେକ ଅସ୍ତ୍ରଶସ୍ତ୍ରର ଦକ୍ଷତା ପ୍ରତି ଅମିରାତର ଆକର୍ଷଣ ବୃଦ୍ଧିପାଇଛି। ଆମେରିକା, ଇସ୍ରାଏଲ, ରୁଷିଆ ଆଦି ଶକ୍ତିଶାଳୀ ରାଷ୍ଟ୍ରଗୁଡିକ ସହ ଭଲ ସଂପର୍କ ଅମିରାତର ସରକାର ରଖିଥିବା ସ୍ଥଳେ ତୁରନ୍ତ ସହାୟତା ପାଇଁ ଭାରତର ଭୂମିକାକୁ ନିଶ୍ଚିତ କରିବାକୁ ଚାହୁଁଛନ୍ତି। ମଧ୍ୟପ୍ରାଚ୍ୟରେ ପାକ୍ ନିଜର ଆଣବିକ ଶକ୍ତିର ମୁଖା ପ୍ରଦର୍ଶନ କରି ଅଭାବରେ ପଡିଥିବା ରାଷ୍ଟ୍ରପାଇଁ ଅର୍ଥସଂଗ୍ରହ କରିବା ଲକ୍ଷ୍ୟରେ ରହିଛି। ଇସଲାମିକ ମେଣ୍ଟ ଆଳରେ ସାଉଦି ଆରବଠାରୁ ଅର୍ଥ ହଡପ କରିବା ଛଳରେ ପାକିସ୍ତାନ କାର୍ଯ୍ୟ ଆରମ୍ଭ କରିଛି। ଚୀନର ଯୁଦ୍ଧବିମାନକୁ ବିକ୍ରି କରିବାକୁ ଜୋରସୋର୍ ପ୍ରଚାର କରି ମଧ୍ୟ ଏପର୍ଯ୍ୟନ୍ତ ପାକିସ୍ତାନ ସେମିତି କିଛି ଅର୍ଡର ପାଇପାରିନାହିଁ। ଗୋଟିଏ ପଟେ ସନ୍ତ୍ରାସବାଦକୁ ସମର୍ଥନ ଏବଂ ଅନ୍ୟପଟରେ ଆଣବିକ ଶକ୍ତି ସଂପନ୍ନ ରାଷ୍ଟ୍ରର ବାହାଦୂରୀ ଦେଖାଇ ଆର୍ଥିକ ସ୍ଥିତିକୁ ସୁଧାରିବାକୁ ପାକ୍ ଇସଲାମର ଲାଞ୍ଜ ଧରିଛି। ୧୯ ଜାନୁଆରୀ ଅପରାହ୍ନ ୪ଟା ୨୦ରୁ ସନ୍ଧ୍ୟା ୬ଟା ୪୦ମଧ୍ୟରେ ଅମିରାତ ରାଷ୍ଟ୍ରପତିଙ୍କ ଗସ୍ତକାଳରେ ୨୦୩୨ ସୁଦ୍ଧା ଦୁଇଦେଶର ବାଣିଜ୍ୟ ବର୍ତ୍ତମାନର ୧୦୦ ବିଲିଅନରୁ ୨୦୦ ବିଲିଅନ ଡଲାର ସ୍ତରକୁ ନେବାପାଇଁ ଆଲୋଚନା ହୋଇଥିଲା। ଆବୁଧାବୀ ନେସନାଲ ଅଏଲ କମ୍ପାନୀର ସହଯୋଗୀ ସଂସ୍ଥା ଏଡନୋକ ଗ୍ୟାସ ସହ ଭାରତର ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡର ବୁଝାମଣା ହୋଇଥିଲା। ଏଡନୋକ ଆଗାମୀ ୧୦ବର୍ଷ ଯାଏ ବାର୍ଷିକ ୫ଲକ୍ଷ ଟନ୍ ଏଲଏନଜି ଗ୍ୟାସ ହିନ୍ଦୁସ୍ଥାନ ପେଟ୍ରୋଲିୟମକୁ ଯୋଗାଇବ। ଏହି ବୁଝାମଣା ପ୍ରାୟ ୨୦ ବିଲିଅନ ଡଲାର ପରିମାଣର ହେବ। ଏଡନୋକ ବାର୍ଷିକ ୧୫.୬ ମିଲିଅନ ଟନ୍ ଗ୍ୟାସ ଉତ୍ପାଦନ କରୁଥିଲା ବେଳେ ଭାରତର କମ୍ପାନୀମାନେ ୨୦୨୯ ପରଠାରୁ ୨୦ ପ୍ରତିଶତ ଗ୍ୟାସ କ୍ରୟ କରିବେ। ଗୁଜରାଟର ଢୋଲେରାଠାରେ ବିମାନବନ୍ଦର, ଗ୍ରୀନଫିଲଡ୍ ବନ୍ଦର, ରେଳ ଯୋଗାଯୋଗ, ସହରାଞ୍ଚଳ ନିର୍ମାଣ, ପାଇଲଟ ପ୍ରଶିକ୍ଷଣ କେନ୍ଦ୍ର, ବିମାନ ରକ୍ଷଣାବେକ୍ଷଣ, ମରାମତି ଏବଂ ଆଧୁନିକୀକରଣ କେନ୍ଦ୍ର ନିର୍ମାଣରେ ଅମିରାତ ପୁଞ୍ଜିନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛି। ମହାକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ପ୍ରକ୍ଷେପଣ ଘାଟୀ ନିର୍ମାଣ, ଉପଗ୍ରହ ନିର୍ମାଣ, ଷ୍ଟାର୍ଟଅପ୍ କେନ୍ଦ୍ର ନିର୍ମାଣ, ପ୍ରଶିକ୍ଷଣ କେନ୍ଦ୍ର ଓ ଆଦାନପ୍ରଦାନ କାର୍ଯ୍ୟକ୍ରମ ଜାରି ରଖିବାକୁ ସ୍ଥିର ହୋଇଛି। ପଶ୍ଚିମ ଏସିଆ, ଆଫ୍ରିକା ଏବଂ ୟୁରେସିଆ କ୍ଷେତ୍ରରେ ବାଣିଜ୍ୟ ବୃଦ୍ଧି ପାଇଁ ଭାରତ ମାର୍ଟ ଭାରତ-ଆଫ୍ରିକା ସେତୁ, ଭର୍ଚୁଆଲ ଟ୍ରେଡ କରିଡର ପରି ପ୍ରକଳ୍ପକୁ ଜୋର ଦେବାପାଇଁ କୁହାଯାଇଛି। ଅମିରାତର ଖାଦ୍ୟ ସୁରକ୍ଷା ପାଇଁ ଭାରତରୁ କୃଷିଜାତ ଦ୍ରବ୍ୟ ଯୋଗାଣ ଲାଗି ବୁଝାମଣା ହୋଇଛି।

କହିବାକୁ ଗଲେ ପାକ୍-ସାଉଦି ସମର୍ଥିତ ଗୋଷ୍ଠୀ ଏବେ ଅନେକ ଦେଶରେ ଅମିରାତକୁ ନିନ୍ଦିତ କରିବାକୁ ଲାଗିପଡିଛନ୍ତି। ଲଣ୍ଡନରୁ ମିଡିଲ ଇଷ୍ଟ ଆଇ ନାମକ ସଂସ୍ଥା ଯେମିତି ଅମିରାତ ବିରୋଧୀ ଖବର ପ୍ରକାଶ କରିବାରେ ଲାଗିପଡିଛି ଠିକ୍ ସେମିତି ଅଭାଜ ନାମକ ଏନ୍‌ଜିଓ ପକ୍ଷରୁ ଲଣ୍ଡନର ଅକ୍ସଫୋର୍ଡ ଷ୍ଟ୍ରୀଟରେ ଡିଜିଟାଲ ବିଲବୋର୍ଡ ଲଗାଯାଇଛି, ଯାହାକି ପ୍ରତି ୮୦ ସେକେଣ୍ଡରେ ପ୍ରଦର୍ଶିତ କରାଯାଉଛି। ସେଥିରେ ଲେଖାଯାଇଛି ଯେତେବେଳେ ସେମାନେ ସୁଦାନରେ କଣ କରୁଛନ୍ତି ବୋଲି ତୁମେ ଜାଣିଯିବ ସେତେବେଳେ ଆଉ ତୁମ ସେଲ୍‌ଫି ଭଲ ଦେଖାଯିବ ନାହିଁ। ଛବିରେ ଦୁବାଇର ସମୁଦ୍ର ରହିଛି। ସେହି ସମୁଦ୍ରରେ ସ୍ନାନ କରୁଥିବା ଝିଅର ପଛପାଖେ ଦୁବାଇର ବୁର୍ଜଖଲିଫା ଦେଖାଯାଉଥିବା ସ୍ଥଳେ ପରବର୍ତ୍ତୀ ଛବିରେ ସୁଦାନରେ ନିଆଁ ଜଳୁଥିବା ଦେଖାଯାଉଛି। ଲଣ୍ଡନରେ ମଧ୍ୟ ଏହି ସଂସ୍ଥା ଗାଡିରେ ଲାଗିଥିବା ବିଲ୍‌ବୋର୍ଡକୁ ସହରସାରା ପ୍ରଦର୍ଶିତ କରୁଛି। ଗୋଟିଏ ପ୍ରକାରେ କହିଲେ ଏହି ପ୍ରଚାର ସାଉଦିର ଆର୍ଥିକ ସହଯୋଗରେ ପାକ୍ ସମର୍ଥିତ ଗୋଷ୍ଠୀ କରୁଛନ୍ତି। ଦୁବାଇର ପର୍ଯ୍ୟଟନ ଶିଳ୍ପକୁ ଦୁର୍ବଳ କରିବା ହେଉଛି ଏହି ଅପପ୍ରଚାରର ଲକ୍ଷ୍ୟ। ଏପରିକି ବ୍ରିଟେନ ସରକାର ୟୁଏଇକୁ ଅସ୍ତ୍ରଶସ୍ତ୍ର ଦେବା ବନ୍ଦ କରିବାକୁ ଏହି ଗୋଷ୍ଠୀ ପ୍ରଚାର ଚଳାଇଛନ୍ତି। ତେଣୁ ଆଗାମୀ ଦିନରେ ଭାରତଠାରୁ ଅଧିକ ଅସ୍ତ୍ରଶସ୍ତ୍ର କିଣିବା ସହ ସୁରକ୍ଷାଶକ୍ତିକୁ ସୁଦୃଢ କରିବାକୁ ଆକାଶ, ବ୍ରହ୍ମୋସ କ୍ଷେପଣାସ୍ତ୍ର ସହ ଏୟାର ଡିଫେନ୍ସ ସିଷ୍ଟମ୍ସ, ରାଡାର ଆଦି କ୍ରୟ ପାଇଁ ୟୁଏଇର ଯୋଜନା ଥିବା କଥା କୁହାଯାଉଛି। ଭାରତରେ ରାଫେଲ, ସୁଖୋଇ -୫୭ ପରି ଯୁଦ୍ଧ ବିମାନ, ଏସ-୪୦୦ ପରି ସୁରକ୍ଷା ବ୍ୟବସ୍ଥା, ପରିବହନ ବିମାନ ଆଦି ନିର୍ମାଣ ପାଇଁ ପ୍ରୟାସ ଜାରିଥିବା ବେଳେ ଅମିରାତ ଆଗାମୀ ଦିନରେ ନିଜର ଯୁଦ୍ଧାସ୍ତ୍ର ଭାରତଠାରୁ ନେବାକୁ ଲକ୍ଷ୍ୟ ରଖିଛି। ରଣନୀତିକ ସହଯୋଗ ବୃଦ୍ଧି ପରେ ମଧ୍ୟପ୍ରାଚ୍ୟରେ ଭାରତର ଭୂମିକା ସାଉଦି ଆରବର ବଡଭାଇ ପଣିଆକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହେବ ବୋଲି ଅମିରାତ ମନେକରୁଛି। ଗୁଜରାଟର ଗିଫ୍‌ଟ ସିଟୀଠାରେ ଡିପି ଓ୍ୱାର୍ଲ୍ଡ ଏବଂ ଆବୁଧାବୀ ବ୍ୟାଙ୍କର ଶାଖା ଖୋଲାଯିବାକୁ ଦ୍ୱିପାକ୍ଷିକ ବୈଠକରେ ପ୍ରଶଂସା କରାଯାଇଥିଲା। ଏଆଇ ଏବଂ ଆଧୁନିକ ଟେକ୍ନୋଲୋଜୀ କ୍ଷେତ୍ରରେ ସହଯୋଗ, ଫେବୃଆରୀ ୨୦୨୬ରେ ଏଆଇ ଇମ୍ପାକ୍ଟ ସମିଟ ଭାରତରେ ହେଉଥିବା ଦୃଷ୍ଟିରୁ ଦୁଇଦେଶ କାର୍ଯ୍ୟକରିବାକୁ ସହମତି ପ୍ରକାଶ କରିଥିଲେ। ଅମିରାତରେ ଆଣବିକ ରିଆକଟର ବସାଇବାକୁ ଦୁଇଦେଶ କାର୍ଯ୍ୟ କରିବେ ବୋଲି ସମ୍ମତ ହୋଇଥିଲେ। ଆର୍ଥିକ ଦେଣନେଣ କ୍ଷେତ୍ରରେ ଇ-ପ୍ଲାଟଫର୍ମକୁ ସଶକ୍ତ କରିବାକୁ ଭାରତ ୟୁଏଇକୁ ସହଯୋଗ କରିବାକୁ ସହମତ ହୋଇଥିଲା। ଆଗାମୀ ଦିନରେ ଆବୁଧାବୀଠାରେ ଭାରତ ପକ୍ଷରୁ "ହାଉସ ଅଫ୍ ଇଣ୍ଡିଆ" ସ୍ଥାପନ କରାଯିବାକୁ ସ୍ଥିର ହୋଇଥିଲା, ଯାହା ଭାରତୀୟ ସଂସ୍କୃତି, କଳା, ଐତିହ୍ୟ, ସ୍ଥାପତ୍ୟ ଆଦିର ଏକ ମନୋରମ ସଂଗ୍ରହାଳୟ ଭାବେ କାର୍ଯ୍ୟକରିବ। ସେପ୍ଟେମ୍ବର ୨୦୨୩ରେ ଜି ୨୦ ବୈଠକରେ ସ୍ଥିର ହୋଇଥିବା ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ ମାର୍ଗ (ଆଇଏମଇସି) ବିଷୟରେ ମଧ୍ୟ ଦୁଇପକ୍ଷ ଆଲୋଚନା କରିଥିଲେ। ୨୦୨୬ ଶେଷ ଆଡକୁ ଜାତିସଂଘ ଜଳ ସମ୍ମିଳନୀ ୟୁଏଇ ଆୟୋଜନ କରୁଥିବା ହେତୁ ତା'ର ସଫଳତା ପାଇଁ ଭାରତ ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା। ସେହିପରି ବ୍ରିକ୍ସ ବୈଠକ ୨୦୨୬ରେ ଭାରତ ଆୟୋଜନ କରୁଥିବା ହେତୁ ଅମିରାତ ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା। ଦୁଇଦେଶ ମଧ୍ୟରେ ଏହି ଦୁଇ ଘଣ୍ଟାର ବୈଠକ ଆଗାମୀ ଦିନରେ ଅନେକ ସମ୍ଭାବନାର ମାର୍ଗକୁ ପ୍ରଶସ୍ତ କରିବ ବୋଲି କୁହାଯାଇପାରେ, ଯେଉଁଥିରେ ଉଭୟ ଦେଶର ଜନସାଧାରଣ ସୁବିଧାଲାଭ କରିବେ।

# କେଶଝଡ଼ା କମାଇବ ଯୋଗ

**କେଶ ଝଡ଼ିବା ବର୍ତ୍ତମାନ ଅନେକଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଯାଇଛି । ଅସନ୍ତୁଳିତ ଖାଦ୍ୟାଭ୍ୟାସ, କେଶରେ ବ୍ୟବହାର ହେଉଥିବା ବିଭିନ୍ନ ରାସାୟନିକଯୁକ୍ତ ଶ୍ୟାମ୍ପୁ, କଣ୍ଡିଶନର୍ ରଙ୍ଗ ଏବଂ ବ୍ୟୁଟି ପ୍ରଡକ୍ଟ ଆଦି ସହିତ ଅନେକ କାରଣ ଏଥିପାଇଁ ମୁଖ୍ୟତଃ ଦାୟୀ । ତେଣୁ ଏହିସବୁ ଅଭ୍ୟାସ ପରିବର୍ତ୍ତନ କରିବା ସହ କେତୋଟି ଯୋଗାସନ କଲେ କେଶ ଝଡ଼ିବା ସମସ୍ୟାରୁ ମୁକ୍ତି ପାଇପାରିବେ...**

**ବଜ୍ରାସନ:** ବର୍ତ୍ତମାନ ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍ ଜାତୀୟ ଖାଦ୍ୟ ସାଙ୍ଗକୁ ଅନ୍ୟାନ୍ୟ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଅଧିକାଂଶଙ୍କଠାରେ ଗ୍ୟାଷ୍ଟ୍ରିକ୍ ସମସ୍ୟା ସୃଷ୍ଟି କରୁଛି । ଅପରପକ୍ଷେ ଏହା ମଧ୍ୟ କେଶ ଝଡ଼ିବାର କାରଣ ସାଜୁଛି । ଏଭଳି ସମସ୍ୟା ଥିଲେ ସନ୍ତୁଳିତ ଖାଦ୍ୟ ଖାଇବା ସହ ଖାଇ ସାରିବା ପରେ ଅତି କମ୍‌ରେ ୧୦ ମିନିଟ ପର୍ଯ୍ୟନ୍ତ ବଜ୍ରାସନରେ ବସନ୍ତୁ । ଏହାଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହେବା ସହ ଗ୍ୟାଷ୍ଟ୍ରିକ୍ ଏବଂ ଅନ୍ୟାନ୍ୟ ପେଟଜନିତ ସମସ୍ୟା ଦୂର ହେବ । ଏଣୁ କେଶ ଝଡ଼ିବା କମ୍ ହେବ ।

**ଅଧ ମୁଖା ସ୍ୱାନାସନ :** ଯେଉଁମାନଙ୍କ ଶରୀରରେ ବିଶେଷକରି ମୁଣ୍ଡକୁ କୌଣସି କାରଣରୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ, ସେମାନଙ୍କଠାରେ କେଶ ଝଡ଼ିବା ସମସ୍ୟା ଦେଖାଦେଇଥାଏ । ଏହାକୁ ଦୂର କରିବା ଲାଗି ସେମାନଙ୍କ ପାଇଁ ପ୍ରତିଦିନ କିଛି ସମୟ ଅଧ ମୁଖା ସ୍ୱାନାସନ କରିବା ବେଶ୍ ଲାଭଦାୟକ । ଏହି ଆସନ ସୂର୍ଯ୍ୟ ନମସ୍କାର ମଧ୍ୟରୁ ଗୋଟିଏ । ଏହା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରିବାରେ ସାହାଯ୍ୟ କରେ । ଫଳରେ କେଶ ମୂଳକୁ ରକ୍ତ ସହ ଅମ୍ଳଜାନ ପହଞ୍ଚିପାରେ ।

**ଶୀର୍ଷାସନ:** ଏହି ଆସନ ମଧ୍ୟ ମୁଣ୍ଡକୁ ପର୍ଯ୍ୟାପ୍ତ ପରିମାଣରେ ରକ୍ତ ସଞ୍ଚାଳନରେ ସାହାଯ୍ୟ କରିଥାଏ । ଫଳରେ କେଶ ଝଡ଼ିବା କମ୍ ହେବା ସହ ମଜଭୁତ ଏବଂ ଘନ ହୋଇଥାଏ । ହେଲେ ଏହି ଆସନ କରିବା ପୂର୍ବରୁ ପ୍ରଥମେ ଏକ୍ସପର୍ଟଙ୍କ ପରାମର୍ଶ ନେବାକୁ ଭୁଲନ୍ତୁ ନାହିଁ । ନଚେତ୍ ବେକରେ ରକା ହୋଇପାରେ ।

**ମତ୍ସ୍ୟାସନ:** ଲମ୍ବା, ମଜଭୁତ ଏବଂ ଘନ କଳା କେଶ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଏହି ଆସନ ଖୁବ୍ ଲାଭଦାୟକ ହୋଇପାରିବ । କେବଳ କେଶ ପାଇଁ ନୁହେଁ, ଏହା ଶରୀରରୁ ମେଦବହୁଳତା ଦୂର କରିବା ସହ ବିଷାକ୍ତ ଉପାଦାନ ନିର୍ଗତ କରିବାରେ ସାହାଯ୍ୟ କରିଥାଏ । ଏହା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇଥାଏ । ମେରୁଦଣ୍ଡ ଏବଂ ବେକଜନିତ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ ।



# ଷ୍ଟାଇଲିଶ୍ ଲୁକ୍ ଦିଏ ଶାଲ୍

**ଥଣ୍ଡା ପ୍ରକୋପରୁ ରକ୍ଷା ପାଇଁ ଶୀତଦିନେ ଅଧିକାଂଶ ମହିଳା ଶାଲ୍ ବ୍ୟବହାର କରିଥାନ୍ତି । ତେବେ କେବଳ ଶୀତବସ୍ତ୍ର ଭାବେ ନୁହେଁ ବରଂ କୌଣସି ଟ୍ରିପ୍, ହ୍ୟାଙ୍ଗ୍ ଆଉଟ୍ ହେଉ କି ଓ୍ୱିଣ୍ଟର ଫଟୋଶୁଟ୍ ପାଇଁ ମଧ୍ୟ ଭଳିକି ଭଳି ଶାଲ୍‌ର ବଢ଼ୁଛି ଡିମାଣ୍ଡ...**

ହ୍ୟାଙ୍ଗଆଉଟ୍‌ରେ ଯାଉଥିଲେ ଫ୍ଲୋରାଲ୍ ଶାଲ୍ କ୍ୟାରି କରନ୍ତୁ । ବ୍ରାଇଟ୍ କଲର ଏବଂ ଫ୍ଲୋରାଲ୍ ପ୍ରିଣ୍ଟ ଥିବା ଏହି ଶାଲ୍‌କୁ ଜିନ୍ସ କିମ୍ବା କୁର୍ତ୍ତି ସହ ଟିମ୍‌ଅପ୍ କରି ପିନ୍ଧିପାରିବେ । ଏହା ଦେଖିବାକୁ କଲରଫୁଲ୍ ହୋଇଥିବାରୁ ଏଥିରେ ଫଟୋଶୁଟ୍ କଲେ ସୁନ୍ଦର ଲାଗିବେ ।

ପଶ୍ମିନା ଶାଲ୍ ଦେଖିବାକୁ ବହୁତ ସୁନ୍ଦର । ଏଥିରେ ହୋଇଥିବା ଫ୍ଲୋରାଲ୍ ଆର୍ଟ ଯୋଗୁ ଶାଲ୍‌ଟି ଆକର୍ଷଣୀୟ ଦେଖାଯାଏ । ଏହି ଶାଲ୍‌ର ବିଭିନ୍ନ ଭେରାଇଟି ଓ ଡିଜାଇନ୍ ମାର୍କେଟ୍‌ରେ ଉପଲବ୍ଧ । ଶାଲ୍‌ଓ୍ୱାର୍ ସୁଟ୍‌ରେ ଏହି ଶାଲ୍‌କୁ କ୍ୟାରି କରିପାରିବେ ।

କଶ୍ମିରୀ ଶାଲ୍‌ର ବର୍ଡର ହିଁ ତାକୁ ଆଟ୍ରାକ୍ଟିଭ୍ କରିଥାଏ । ଏହାକୁ ଯେକୌଣସି ଏଥ୍‌ନିକ୍ ଡ୍ରେସ୍ ସହ ଟିମ୍‌ଅପ୍ କରିପାରିବେ । ଖାସ୍ କରି ଶାଢ଼ି ସହ କ୍ୟାରି କରନ୍ତୁ କ୍ଲାସି ଲୁକ୍ ପାଇବେ ।



ସମସ୍ତେ ଲାଟେଷ୍ଟ ଫ୍ୟାଶନ୍‌ର ସବୁ କ୍ୟାରି କରିବାକୁ ପସନ୍ଦ କରନ୍ତି । ଷ୍ଟ୍ରିପ୍ ଡିଜାଇନ୍ ସବୁବେଳେ ଆପଣଙ୍କ ଫ୍ୟାଶନ୍ ଲିଷ୍ଟ୍‌ରେ ରହୁଥିବ । ତେବେ ଷ୍ଟ୍ରିପ୍‌ର ଶାଲ୍ ଥରେ ଟ୍ରାଏ କରନ୍ତୁ । ମାର୍କେଟ୍‌ରେ ଏହାର ଅନେକ ଭେରାଇଟି ଆପଣଙ୍କୁ ମିଳିଯିବ । ଏହି ଶାଲ୍‌କୁ ଜିନ୍ସ ସହ କ୍ୟାରି କରନ୍ତୁ ଷ୍ଟାଇଲିଶ୍ ଦେଖାଯିବେ ।

ବେଲ୍ଟ ସବୁ ଆଉଟ୍‌ଫିଟ୍‌ରେ ୟୁନିକ୍ ଲୁକ୍ ଦେଇଥାଏ । ତେବେ ଶାଲ୍‌ରେ ବେଲ୍ଟ ବ୍ୟବହାର କରି ଡିଫରେଣ୍ଟ ଲୁକ୍ ପାଇପାରିବେ । ଯେକୌଣସି ଓ୍ୱେଷ୍ଟର୍ନ କିମ୍ବା ଟ୍ରାଡିସନାଲ୍ ଡ୍ରେସ୍‌ରେ ଶାଲ୍ କ୍ୟାରି କରୁଥିବାବେଳେ ବେଲ୍ଟ ମଧ୍ୟ ଟିମ୍‌ଅପ୍ କରନ୍ତୁ । ଶାଲ୍‌କୁ କହୁଣି ଯାଏଁ ରଖି ନିଜ ଫେଭରେଟ୍ ବେଲ୍ଟ ବାନ୍ଧି ନିଅନ୍ତୁ, ଦେଖିବେ ଟ୍ରେଣ୍ଡି ଲାଗିବେ ।

ବର୍ତ୍ତମାନ ପୋଞ୍ଚ ଷ୍ଟାଇଲ୍ ଟ୍ରେଣ୍ଡରେ ଅଛି । ଶାଲ୍‌ରେ ମଧ୍ୟ ପୋଞ୍ଚ ଷ୍ଟାଇଲ୍ କରି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ । ଏହି ଷ୍ଟାଇଲରେ ଶାଲ୍‌କୁ ଘୋଡ଼େଇ ଆଗ ପଟରୁ ସେଫ୍ଟିପିନ୍ ଲଗାନ୍ତୁ । ଶାର୍ଟ ଭଳି ଶାଲ୍‌ର ଦୁଇ ପଟକୁ ଯୋଡିବା ପାଇଁ ବହୁ ପିନ୍ ବ୍ୟବହାର କରନ୍ତୁ । ଏହି ଷ୍ଟାଇଲ୍‌କୁ ଆପଣ ଓ୍ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ କ୍ୟାରି କରନ୍ତୁ ଷ୍ଟାଇଲିଶ୍ ଲାଗିବେ ।

ଶାଲ୍‌କୁ ଆପଣ ସ୍ୱଗ୍ ଭାବରେ ମଧ୍ୟ ବ୍ୟବହାର କରିପାରିବେ । ସ୍ୱଗ୍ ପିନ୍ଧିବା ଷ୍ଟାଇଲ୍ ଯାହା କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ । ତେଣୁ ଏହାକୁ ଟ୍ରାଏ କରି ଆପଣ ଷ୍ଟାଇଲିଶ୍ ଦେଖାଯିବେ ।



# ଶାଢ଼ିରେ ଦେଖାଯିବେ ସ୍ଲିମ୍

ମହିଳାମାନେ ସାଧାରଣତଃ ନିଜର ମୋଟାପଣକୁ ନେଇ ବହୁ ଚିନ୍ତାରେ ଥାଆନ୍ତି । କେଉଁ ଶାଢ଼ି ପିନ୍ଧିଲେ କେମିତି ଦେଖାଯିବେ, ତାକୁ ନେଇ ସବୁବେଳେ କଳ୍ପନାଜଳ୍ପନା ଲାଗିରହିଥାଏ । ତେଣୁ ଶାଢ଼ିରେ ସ୍ଲିମ୍ ଲୁକ୍ ଚାହୁଁଥିଲେ ଏହିସବୁ ଟିପ୍ସ ଆପଣାଇପାରିବେ...

**ପ୍ରିଣ୍ଟ ଶାଢ଼ି–** ସାଧାରଣତଃ ମୋଟା ପ୍ରିଣ୍ଟ ଥିବା ଶାଢ଼ିରେ ମହିଳାମାନେ ବେଶି ମୋଟା ଦେଖାଯାଆନ୍ତି । ତେଣୁ ସରୁ ପ୍ରିଣ୍ଟ ଥିବା ସିଫନ୍ କିମ୍ବା କ୍ରେପ୍ ଶାଢ଼ି ପିନ୍ଧନ୍ତୁ, ଆପଣ ଅପେକ୍ଷାକୃତ ସ୍ଲିମ୍ ଲାଗିବେ ।

**ସରୁ ବର୍ଡର:** ଶାଢ଼ିରେ ଯଦି ମୋଟା ବର୍ଡର ଥାଏ, ତେବେ ନିହାତି ଆପଣ ମୋଟା ଲାଗିବେ । ସ୍ଲିମ୍ ଦେଖାଯିବାକୁ ଚାହୁଁଥିଲେ ସରୁ ବର୍ଡର ଥିବା ଶାଢ଼ି ଟ୍ରାଏ କରନ୍ତୁ ଏବଂ ପ୍ଲିଟ୍‌ଗୁଡ଼ିକୁ ବି ପତଳା କରନ୍ତୁ ।

**ଲଙ୍ଗ୍ ସ୍ଲିଭ୍ ବ୍ଲାଉଜ୍:** ମୋଟା କି ପତଳା ଦେଖାଯିବେ ତାହା ଆପଣ ପିନ୍ଧିଥିବା ବ୍ଲାଉଜ୍ ଉପରେ ବି ନିର୍ଭର କରେ । ତେଣୁ ମୋଟା ହାତକୁ ସ୍ଲିମ୍ ଲୁକ୍ ଦେବା ପାଇଁ ଶର୍ଟ ସ୍ଲିଭ୍ ବ୍ଲାଉଜ୍ ପରିବର୍ତ୍ତେ ଲଙ୍ଗ୍ ସ୍ଲିଭ୍ ବ୍ଲାଉଜ୍ ପିନ୍ଧନ୍ତୁ ।

**ପିନ୍ଧିବା ଶୈଳୀ:** ଶାଢ଼ିକୁ ଯଦି ଆପଣ ଢିଲାରେ ପିନ୍ଧୁଛନ୍ତି, ତେବେ ସେଥିରେ ଆପଣ ଯେମିତି ବି ହେଲେ ମୋଟା ଲାଗିବେ । ତେଣୁ ଶାଢ଼ିକୁ ଠିକ୍ ଭାବେ ଟାଇଟ୍ କରି ପିନ୍ଧନ୍ତୁ ଏବଂ ଠିକ୍ ସ୍ଥାନରେ ପିନ୍ ଅପ୍ କରନ୍ତୁ, ଦେଖିବେ ଫିଗର ସ୍ଲିମ୍ ଲାଗିବ ।

**ଶାଢ଼ି ଚଏସ୍:** ବନାରସୀ, କାଞ୍ଜିଭରମ୍, କଟନ, ମଠା ଭଳି ଭାରି ଶାଢ଼ି ବଡ଼ି ଫ୍ୟାଟ୍‌କୁ ଅଧିକ ହାଇଲାଇଟ୍ କରୁଥିବାରୁ ଆପଣ ବେଶି ମୋଟା ଲାଗିବେ । ତେଣୁ ଆପଣ ସିଫନ୍ କିମ୍ବା ହାଲ୍‌କା ଫେବ୍ରିକ୍‌ର ଶାଢ଼ି ପିନ୍ଧନ୍ତୁ, ସ୍ଲିମ୍ ଲାଗିବେ । ଏହା ସହ ଲାଇଟ୍ ପରିବର୍ତ୍ତେ ଡାର୍କ କଲରର ଶାଢ଼ି ଆପଣଙ୍କ ପାଇଁ ପର୍‌ଫେକ୍ଟ ଚଏସ୍ ।

**ହେୟାର ଷ୍ଟାଇଲ୍ ଏବଂ ଅର୍ନାମେଣ୍ଟସ୍:** ଷ୍ଟ୍ରେଟ୍ ହେୟାର ସ୍ଲିମ୍ ଲୁକ୍ ଦେଇଥାଏ । ତେଣୁ ଯଦି ଆପଣଙ୍କର କର୍ଲି ହେୟାର ତେବେ ଏହାକୁ ଷ୍ଟ୍ରେଟ୍‌ନିଂ କରିପାରିବେ ନଚେତ୍ ଖୋସା ବା ବନ୍ ହେୟାର ଷ୍ଟାଇଲ୍ ଆପଣେଇପାରିବେ । ଏହା ସହ ସରୁ ନେକ୍‌ଲେସ୍ ପିନ୍ଧନ୍ତୁ, ଯାହା ଆପଣଙ୍କୁ ସ୍ଲିମ୍ ଏବଂ ଗର୍ଜିୟସ୍ ଲୁକ୍ ଦେବ ।

# ଭାତ କିମ୍ବା ରୁଟି ସହ ଖାଆନ୍ତୁ ସୁଆଦିଆ ଦହି ପୋଟଳ



ଖରା ଦିନେ ପୋଟଳ ସବୁଠି ମିଳୁଥିବା ବେଳେ ଏହା ଖାଇବାକୁ ବି ସୁଆଦିଆ । ପୋଟଳ ଭଜା, ତରକାରୀ, ରସା ଆଦି ଆମେମାନେ ସବୁବେଳେ ଖାଉଥିବା ବେଳେ ଆଜି ପ୍ରସ୍ତୁତ କରିବା ଦହି ପୋଟଳ । ଏହା ପ୍ରସ୍ତୁତ କରିବାକୁ ଯେତେ ସହଜ, ଖାଇବାକୁ ସେତେ ସୁଆଦିଆ ।

ଆବଶ୍ୟକ ସାମଗ୍ରୀ: ପୋଟଳ, ରିଫାଇନ୍ ତେଲ, ଡାଲଚିନି, ଗୁଜରାତି, ଚିନି, ପିଆଜ, ଅଦା, ରସୁଣ, ଟମାଟୋ, ଲୁଣ,ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ,ଦହି , ଗରମ ମସଲା, ଧନିଆ ପତ୍ର ।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ପୋଟଳକୁ ମଝିରୁ ୪ ଫାଳ କରି କରି ଦିଅନ୍ତୁ । ଏହାପରେ ଗ୍ୟାସ୍ ଅନ୍ କରି ପ୍ୟାନ୍ ବସାଇ ପୋଟଳକୁ ପକାନ୍ତୁ । ଲୁଣ, ହଳଦି ଦେଇ ତାହାକୁ ଫ୍ରାଏ କରି ଦିଅନ୍ତୁ ।

ଏହାପରେ ପ୍ୟାନ୍‌ରେ ମସଲା କଷିବା ପାଇଁ ତେଲ ଦିଅନ୍ତୁ । ସେଥିରେ କିଛି ଚିନି ସହ ଡାଲଚିନି ଓ ଗୁଜରାତି ପକାନ୍ତୁ । ଏବେ ସେଥିରେ କଟା ପିଆଜ ପକାନ୍ତୁ । ପିଆଜ ଗୋଲଡେନ ଫ୍ରାଏ ହେବା ପରେ ସେଥିରେ ଅଦା, ରସୁଣ ପେଷ୍ଟ ପକାନ୍ତୁ । ମସଲାରେ ଲୁଣ,ହଳଦି, ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ଗୁଣ୍ଡ ପକାଇ ଭଲ ଭାବେ କଷି ଦିଅନ୍ତୁ । ଏହାପରେ ସେଥିରେ ଟିକି ଟିକି କଟା ଟମାଟୋ ପକାନ୍ତୁ । ଟମାଟୋ ନରମ ହେବା ପରେ ସେଥିରେ ଭଲ ଭାବେ ଫେଣ୍ଟି ଦହି ପକାନ୍ତୁ ।

ଦହି ଭଲ ଭାବେ ମସଲା ସହ ମିଶି କଷି ହେବା ପରେ ସେଥିରେ ଅଳ୍ପ ପାଣି ପକାଇ ଦିଅନ୍ତୁ । ଏହା ଭଲ ଭାବେ ଫୁଟିବା ପରେ ସେଥିରେ ଫ୍ରାଏ ହୋଇଥିବା ପୋଟଳକୁ ପକାଇ ଦିଅନ୍ତୁ । ଭଲ ଭାବେ ଗୋଳାଇବା ପରେ ଢାଙ୍କୁଣି ଦେଇ ଗ୍ୟାସ୍‌କୁ ସିମ୍ କରି ଦିଅନ୍ତୁ । ପ୍ରାୟ ୨, ୩ ମିନିଟ୍ ପରେ ଏହାକୁ ଭଲଭାବେ କଷି ସେଥିରେ ଗରମ ମସଲା ପକାଇ ଦିଅନ୍ତୁ । ତାହା ଉପରେ ଧନିଆ ପତ୍ର ଦେଇ ପରଷି ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ସ୍ୱାଦିଷ୍ଟ ଦହି, ପୋଟଳ ।

ଏହାକୁ ଆପଣ ଭାତ, ରୁଟି କିମ୍ବା ପରଟା ସହ ଖାଇ ପାରିବେ ।

# ବୟସ ପୂର୍ବରୁ ବାର୍ଦ୍ଧକ୍ୟ ଆଣିଦିଏ ଏହି ୬ ଅଭ୍ୟାସ

ଦୁନିଆରେ ବୟସ ଏମିତି ଏକ ଜିନିଷ, ଯାହାକୁ ଆପଣ ଟଙ୍କାରେ କିଣି ପାରିବେ ନାହିଁ କି, କୌଣସି ଚିକିତ୍ସା ମାଧ୍ୟମରେ ଫେରି ପାଇ ପାରିବେ ନାହିଁ । ବୟସ ଥରେ ଚାଲିଗଲେ ତାହା ଆଉ ଫେରି ନଥାଏ । ଏଥିପାଇଁ ପ୍ରତି ମଣିଷର ଇଚ୍ଛା ହୋଇଥାଏ କି ତାର ଜୀବନ ଦୀର୍ଘାୟୁ ହେଉ । ସେ ୧୦୦ ବର୍ଷ ଯାଏ ବଞ୍ଚି ରୁହନ୍ତୁ, କିନ୍ତୁ ଅନେକ ସମୟରେ ମଣିଷ କିଛି ଏମିତି ଅଭ୍ୟାସରେ ପଡ଼ିଥାଏ, ଯାହା ତାକୁ କ୍ଷତି ପହଞ୍ଚାଇ ଥାଏ । ଏହି ଅଭ୍ୟାସ ମଣିଷକୁ ମୃତ୍ୟୁ ମୁହଁକୁ ଠେଲି ଦିଏ ।

ମଣିଷର ଖରାପ ଅଭ୍ୟାସ ତାର ସବୁଠୁ ବଡ଼ ଶତ୍ରୁ । ଯଦି ଏ ଅଭ୍ୟାସ ସମୟ ପୂର୍ବରୁ ବଦଳି ନଥାଏ ତ ଏହା ଗୋଟେ ସମୟ ପରେ କ୍ଷତି କରିବା ଆରମ୍ଭ କରେ । ଆଜିକାଲି ମୋବାଇଲ ଓ ଲାପଟପ୍ ବ୍ୟବହାର ସାଧାରଣ ହୋଇ ଯାଇଛି, ହେଲେ ଆପଣ କଣ ଜାଣନ୍ତି ଏହାକୁ ଅଧିକା ବ୍ୟବହାର କରିବା ଆପଣଙ୍କ ବୟସ ଉପରେ କୁପ୍ରଭାବ ପକାଇ ଥାଏ । ଏଥିପାଇଁ ଏହି ଅଭ୍ୟାସକୁ କିଛି ମାତ୍ରାରେ ବଦଳାଇବା ଜରୁରୀ । କେବଳ କାମ ପାଇଁ ଫୋନ୍ ଓ ଲାପଟପ୍‌ର ବ୍ୟବହାର କରନ୍ତୁ ।



ସେପଟେ ଯଦି ଆପଣ କମ୍ ଶୋଉଥାନ୍ତି ତ ,ଏହା ବି ଆପଣଙ୍କୁ କ୍ଷତି ପହଞ୍ଚାଇବାର ଏକ ଅଭ୍ୟାସ । ଏଥିରେ ଆପଣଙ୍କୁ ଅନେକ ପ୍ରକାରର ରୋଗ ଗ୍ରାସ କରି ପାରେ । ଏଥିପାଇଁ ମଣିଷକୁ ପର୍ଯ୍ୟାପ୍ତ ପରିମାଣରେ ଶୋଇବା ଉଚିତ୍ । ଜଣେ ବ୍ୟକ୍ତି ଅତି କମ୍‌ରେ ୬ରୁ ୮ ଘଣ୍ଟା ଶୋଇବା ଉଚିତ୍ ।

ଯଦି ଆପଣଙ୍କର ମସଲାଯୁକ୍ତ ଓ ଫ୍ରାଏଡ୍ ଜିନିଷ ଖାଇବାର ସଉକ ଥାଏ ତ, ଏହି ସଉକ ଆପଣଙ୍କ ଉପରେ ଖୁବ୍ କୁପ୍ରଭାବ ପକାଇ ପାରେ । ଏହି କାରଣରୁ ଆପଣ କୋଲେଷ୍ଟ୍ରଲ, ହାର୍ଟ ସମ୍ବନ୍ଧୀୟ ଅନେକ ରୋଗର କବଳରେ ଆସି ପାରେ । ଅନ୍ୟପଟେ ଯଦି ଆପଣ ସିଗାରେଟ୍, ବିଡି ବା ଗଞ୍ଜେଇ – ମଦ ଆଦି ନିଶା ପାନ କରନ୍ତି ତ, ଏହି ଅଭ୍ୟାସ ଆପଣଙ୍କୁ ବିପଜ୍ଜନକ ହୋଇପାରେ । ନିଶାସକ୍ତରୁ ତୁରନ୍ତ ମୁକ୍ତ ହେବା ଆପଣଙ୍କ ପାଇଁ ଭଲ ।

ଯଦି ଆପଣ ଗୋଟିଏ ସ୍ଥାନରେ ଘଣ୍ଟା ଘଣ୍ଟା ଯାଏ ବସି ରହୁଛନ୍ତି ତ ଏହି ଅଭ୍ୟାସକୁ ବଦଳାନ୍ତୁ, ଏହା ଆପଣଙ୍କୁ କ୍ଷତି କରି ପାରେ । ଯଦି ଆପଣଙ୍କ କାମ ଏମିତି, ତ ସମୟ ଅନ୍ତରରେ ଉଠି ଆପଣ ଶରୀରକୁ ହଲାନ୍ତୁ । ଯେଉଁଥିରେ ସକ୍ରିୟ ରହିବେ । ଦୀର୍ଘ ସମୟ ଯାଏ ଗୋଟିଏ ସ୍ଥାନରେ ବସିବାରୁ ଶରୀର ଉପରେ ଖରାପ ପ୍ରଭାବ ପଡ଼ିଥାଏ ।

ଯଦି ଆପଣ ଖାଇବାରେ ଅଧିକ ଲୁଣ ପସନ୍ଦ କରନ୍ତି ତ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଖରାପ । ଲୁଣର ଅଧିକ ବ୍ୟବହାର ଆପଣଙ୍କ ବ୍ଲଡ୍ ପ୍ରେସର ସ୍ତରକୁ ବଢାଇ ଦିଏ । ବ୍ଲଡ ପ୍ରେସର ବଢିବାରୁ ଆପଣଙ୍କୁ ଅନେକ ରୋଗ ହୋଇପାରେ । ଅନେକ ପ୍ରକାରର ରୋଗ ଆପଣଙ୍କୁ ଘେରି ପାରେ ।

# ଖରାଦିନେ କେମିତି ନେବେ ତ୍ୱଚାର ଯତ୍ନ

ଯଦି ଆପଣ ଖରାଦିନରେ କେଉଁଠିକି ବୁଲିବାକୁ ଯାଉଛନ୍ତି ତେବେ ସାଙ୍ଗରେ ଭଲ କ୍ଲିଞ୍ଜର,ଟୋନର,ମଶ୍ଚରାଇଜର ନେବାକୁ ଭୁଲନ୍ତୁ ନାହିଁ । ଏହାପରେ ସନ୍‌ସ୍କ୍ରିନ ଲୋସନ୍ ବ୍ୟବହାର କରିପାରିବେ; ଯାହା ଲୋମଛିଦ୍ରକୁ ବନ୍ଦକରୁ ନ ଥିବ, ଏହା ମୁହଁକୁ ଭଲ ଲୁକ୍ ଦେବ...

ନିଜ ତ୍ୱଚା ଅନୁଯାୟୀ ମୁହଁରେ ଭଲ ପ୍ରାଇମର ବ୍ୟବହାର କରିପାରନ୍ତି । ଏହାପରେ ମେକ୍‌ଅପ୍ ମୁହଁରେ ଭଲଭାବେ ମିଶିଯିବ । ପୁଣି ଭଲ ଶେଡ୍‌ର କନ୍‌ସିଲର ଦ୍ୱାରା ଦାଗକୁ ଲୁଚାଇପାରିବେ ।

ଏହାପରେ ମ୍ୟାଟ୍ ଫିନିସ୍ ଫାଉଣ୍ଡେଶନକୁ ସ୍ପଞ୍ଜ ସହାୟତାରେ ମୁହଁରେ ଲଗାନ୍ତୁ । ଏହି ଉପାୟ ତେଲିଆ ତ୍ୱଚା ଲାଗି ବେଶ୍ ଉପଯୋଗୀ ହୋଇଥାଏ । ଏହାପରେ ମେକ୍‌ଅପ୍ ସେଟ୍ କରିବାକୁ ହେଲେ କିଛି ଲୁଜ୍ ପାଉଡରର ପ୍ରୟୋଗ କରିପାରନ୍ତି ।

ପୁଣି ନାଚୁରାଲ କଲର ଏବଂ ବ୍ଲଶର ଲଗାନ୍ତୁ । ଆଇବ୍ରୋକୁ ସେଟ୍ କରିବାକୁ ହେଲେ ଆଇବ୍ରୋ ପେନ୍‌ସିଲ୍ ବ୍ୟବହାର କରିପାରନ୍ତି । ଆଖି ଲାଗି ସବୁବେଳେ ବ୍ଲାକ୍ ପେନ୍‌ସିଲ୍ ହିଁ ଚୟନ କରନ୍ତୁ ।

ଆଇଲ୍ୟାସ୍‌କୁ ଦିନସାରା ସେଟ୍ ରଖିବାକୁ ଚାହୁଁଥିଲେ ଓ୍ୱାଟରପ୍ରୁଫ୍ ମସ୍କରା ଲଗାଇବାକୁ ଭୁଲନ୍ତୁ ନାହିଁ ।

ଯଦି ଆପଣ ଚାହୁଁଥାନ୍ତି ସବୁ ପ୍ରଡକ୍ଟ ସେପରି ରହୁ ତେବେ ଏସ୍‌ପିଏଫ ଯୁକ୍ତ ଫାଉଣ୍ଡେଶନର ପ୍ରୟୋଗ କରନ୍ତୁ ।

ଲିପ୍‌ଷ୍ଟିକ୍ ଅଧିକ ସମୟ ପର୍ଯ୍ୟନ୍ତ ଓଠରେ ରଖିବାକୁ ହେଲେ ପ୍ରଥମେ ହାଲ୍‌କା ଫାଉଣ୍ଡେଶନ କିମ୍ବା ପାଉଡର ଲଗାଇବା ପରେ ଲିପ୍ ପେନ୍‌ସିଲ ବା ଲିପ୍‌ଷ୍ଟିକ୍ ଲଗାନ୍ତୁ ।





# ନୂଆ ଘର ଓ ବାସ୍ତୁ ନିୟମ...

**ପୈତୃକ ଘର ହେଉ ଅବା ଫ୍ଲାଟ୍, ଏଥିପାଇଁ ରହିଥିବା ବାସ୍ତୁ ନିୟମ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ । ନଚେତ୍ ଏଥିଯୋଗୁଁ ପରିବାରରେ କଳି ଝଗଡ଼ା ଲାଗି ରୁହେ ଓ ଅଶାନ୍ତି ସୃଷ୍ଟି ହୁଏ । ତେବେ ନୂଆ ଘର କିଣୁଥିଲେ କିଛି ବାସ୍ତୁ ନିୟମ ପ୍ରତି ଦୃଷ୍ଟି ଦିଅନ୍ତୁ...**





- ଆପାର୍ଟମେଣ୍ଟ କିଣୁଥିଲେ, ଉକ୍ତ ବ୍ଲକ୍ ?ର ପ୍ରବେଶ ଦ୍ୱାରକୁ ହିଁ ମୁଖ୍ୟଦ୍ୱାର ଭାବେ ମାନିବାକୁ ହେବ । ତେଣୁ ପ୍ରବେଶ ଦ୍ୱାର ଉତ୍ତର କିମ୍ବା ଉତ୍ତର-ପୂର୍ବ ଦିଗରେ ରହିବା ଆବଶ୍ୟକ । ଘରର ମୁଖ୍ୟଦ୍ୱାର ସାମନାରେ ଲିଫ୍ଟ କାନ୍ଥ କିମ୍ବା କୌଣସି ବଡ଼ ଗଛ ରହିବା ଉଚିତ୍ ନୁହେଁ ।

- ଖୋଲା ପରିବେଶ ଓ ସୂର୍ଯ୍ୟକିରଣ ବାସ୍ତୁଶାସ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ଫ୍ଲାଟ୍ କିଣିବା ସମୟରେ ଏ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ । ଉତ୍ତର ଓ ପୂର୍ବ ଦିଗରେ ଝରକା କିମ୍ବା ବାଲକୋନି ଥିବା ଘର ଉତ୍ତମ ବୋଲି ଧରାଯାଏ । ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ଝରକା ଥିବା ବାସ୍ତୁଦୋଷ ଦେଖାଯାଏ ।

- ଉତ୍ତର-ପୂର୍ବ ଦିଗରେ ରୋଷେଇ ଘର ଥିଲେ, ଫ୍ଲାଟ୍ କିଣନ୍ତୁ ନାହିଁ । ଦକ୍ଷିଣ-ପୂର୍ବ ଦିଗରେ ଥିବା ରୋଷେଇ ଘର ବାସ୍ତୁ ଅନୁଯାୟୀ ଉପଯୁକ୍ତ ।

-ଫ୍ଲାଟ୍ ?ର ଛାତ ଉପରେ ଉତ୍ତର-ପୂର୍ବ କୋଣରେ ପାଣିଟାଙ୍କି ରହିବା ଉଚିତ୍ । ପାଣି ଟାଙ୍କିର ରଙ୍ଗ ଗାଢ଼ ହେବା ଦରକାର ।

-ଶୌଚାଳୟ ବା ସ୍ନାନଘର ଦକ୍ଷିଣ-ପଶ୍ଚିମ କୋଣ କିମ୍ବା ଦକ୍ଷିଣ ଦିଗରେ ରହିବା ଉଚିତ୍ । ଯଦି ଶୌଚାଳୟ ଉତ୍ତର-ପୂର୍ବ ଦିଗରେ ଥାଏ ତେବେ ନକାରତ୍ମକ ଶକ୍ତି ଘରେ ପ୍ରବେଶ କରିଥାଏ ବୋଲି କୁହାଯାଏ ।

- ବାସ୍ତୁ ଅନୁଯାୟୀ, ପିଲାଙ୍କ କକ୍ଷ ଉତ୍ତର-ପୂର୍ବ କିମ୍ବା ଉତ୍ତର-ପଶ୍ଚିମ ଦିଗରେ ରହିବା ଆବଶ୍ୟକ । ସେହି କୋଠରୀର ଝରକା ଉତେତର ଦିଗ କାନ୍ଥରେ ଥିବା ଉଚିତ୍ । ଏହାଦ୍ୱାରା ପିଲାମାନଙ୍କ ଏକାଗ୍ରତା ବଜାୟ ରହିବା ସହ ସେମାନଙ୍କ କ୍ୟାରିୟର ପାଇଁ ଉତ୍ତମ ହୋଇଥାଏ ।





ଗଣତନ୍ତ୍ର ଦିବସ ଅବସରରେ କର୍ତ୍ତବ୍ୟପଥରେ ପ୍ୟାରେଡ୍

## ଆଦିବାସୀ ସଚେତନ ହୁଅନ୍ତୁ, ନିଜ ଅଧିକାର ବିଷୟରେ ଅବଗତ ହୁଅନ୍ତୁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ଆଦିବାସୀ ଙ୍କ ସାମଗ୍ରିକ ବିକାଶ ହେବ, ଆଞ୍ଚଳିକ ବୈଷମ୍ୟବାଦ୍ ଦୂର କରାଯିବ। ଆଦିବାସୀ ଙ୍କ ଜୀବନ, ଜୀବିକା, ମୌଳିକ ସମସ୍ୟା ଦୂର କରିବାକୁ ଫୋକସ୍

■ ଆଦିବାସୀ ମେଳା ଉଦଘାଟନୀ

■ ଫେବୃଆରୀ ୫ ତାରିଖ ଯାଏ ଚାଲିବ

କରାଯିବ। ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। କେବଳ ବଣ ଜଙ୍ଗଲ ନୁହେଁ, ଉନ୍ନତି ର ମଙ୍ଗ ଧରିବେ ଆଦିବାସୀ। ଆଦିବାସୀ ଶିକ୍ଷିତ, ସଚେତନ ହୁଅନ୍ତୁ। ନିଜ ଅଧିକାର ବିଷୟରେ ଅବଗତ ହୁଅନ୍ତୁ। ଆଦିବାସୀ ମେଳା ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଏହା କହିଛନ୍ତି।

ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠିତ ହୋଇସାରିଛି । ଏହି ଦୁଇ ପରିଷଦର ଟାସ୍କ ଫୋର୍ସ ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇସାରିଛି ବୋଲି କହିଥିଲେ। ଆଦିବାସୀ ଙ୍କ ସମସ୍ୟା ବିଷୟରେ ଅବଗତ ହୋଇ ସମାଧାନ ଖୋଜିବାକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ସବୁ ଆଦିବାସୀ ମୁଖ୍ୟ ସ୍ରୋତ ରେ ସାମିଲ କରିବା ତାଙ୍କର ଲକ୍ଷ୍ୟ ଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ।

ସୁଯୋଗ ବାରମ୍ବାର ଆସେନାହିଁ। ତେଣୁ ସବୁ ଆଦିବାସୀ ଆଗେଇ ଆସନ୍ତୁ, ହାତ ମିଳାନ୍ତୁ।ଖାଲି ଯୋଜନା ପରେ ଯୋଜନା କଲେ ଓଡ଼ିଶା ଆଗେଇବ ନାହିଁ। ଗୋଟିଏ ଯୋଜନାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଆଦିବାସୀଙ୍କ ଜମି ଅଣ ଆଦିବାସୀଙ୍କୁ ହାତକୁ ଟେକି ଦେବା ଲାଗି ଗତ ସରକାର ଯୋଜନା କରିଥିଲେ। କିନ୍ତୁ ବିଜେପି ସରକାର ସେ ଯୋଜନା ବନ୍ଦ କରିଦେଲେ। ବିଜେପି ସରକାର ଆଦିବାସୀ ଙ୍କ ସହ ଅଛନ୍ତି ।ଆଦିବାସୀ ମେଳା ରେ ଆଦିବାସୀ ଦ୍ୱାରା ଉତ୍ପାଦିତ ଓରିଜିନାଲ ପ୍ରଡକ୍ଟ ମିଳୁଛି। ସମସ୍ତେ ବ୍ୟବହାର କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଏଥିସହ କୋରାପୁଟ କଫିକୁ ପ୍ରଶଂସା କରିଥିଲେ। ଗତ ବର୍ଷ ୯ କୋଟି ବ୍ୟବସାୟ ହୋଇଥିବା ବେଳେ ଏଥର ରେକର୍ଡ ସଂଖ୍ୟକ ବ୍ୟବସାୟ ହେବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ୟୁନିଟ ୧ ସ୍ଥିତ ଆଦିବାସୀ ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି, ଆଦିବାସୀ ମେଳା ୨୦୨୬ । ଏହି ମେଳା ଆସନ୍ତା ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ମେଳାରେ ୧୧୪୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଛନ୍ତି । ଏଥିରେ ୩୨୫ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ଆଦିବାସୀ ମହିଳା ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି । ସମୁଦାୟ ୧୦୯ଟି ଷ୍ଟଲ୍ ଖୋଲାଯାଇଛି । ୧୦ ଟି ଆଦିବାସୀ ଗୃହ ମଧ୍ୟ ନିର୍ମିତ ହୋଇଛି, ଏଗୁଡ଼ିକ ଜନଜାତି ସମ୍ପ୍ରଦାୟଙ୍କ ଜୀବନଶୈଳୀ, ସ୍ଥାପତ୍ୟ ଓ ସାଂସ୍କୃତିକ ଅଭ୍ୟାସକୁ ପ୍ରତିଫଳିତ କରୁଛି ।

## ଦେବୋତ୍ତର ନିରୀକ୍ଷକ, ଅଡିଟରଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଭୁବନେଶ୍ୱର:** ମନ୍ଦିରଗୁଡ଼ିକର ରୀତିନୀତିଠାରୁ ଆରମ୍ଭ କରି ସମସ୍ତ ସେବା, ପୂଜା, ମନ୍ଦିର ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ଆୟବ୍ୟୟର ହିସାବ ରକ୍ଷଣରେ ଦେବୋତ୍ତର ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଅନ୍‌ଲାଇନ୍ ଅଭିଯୋଗର ବାକ୍ସ ରହିବା ସହିତ ସମସ୍ୟାର ତୁରନ୍ତ ସମାଧାନ କିପରି ହୋଇପାରିବ ସେଥିନେଇ ବିଭାଗ ପକ୍ଷରୁ ବିଚାର କରାଯାଉଛି । ଏଥି ସହିତ ଦେବୋତ୍ତର ବିଭାଗ ଅଧିନରେ ଥିବା ସମସ୍ତ ପୁରାତନ ମନ୍ଦିରର ବିସ୍ତୃତ ତଥ୍ୟ ୱେବ୍‌ସାଇଟ୍ ?ରେ ଉପଲବ୍ଧ କରିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହା ଗବେଷକ, ପର୍ଯ୍ୟଟକ ଏପରିକି ସାଧାରଣ ଜନସାଧାରଣଙ୍କୁ ମନ୍ଦିର ସମ୍ପର୍କରେ ଅଧିକ ଜାଣିବାର ସୁଯୋଗ ସୃଷ୍ଟି କରିବ । ମନ୍ଦିର ପରିଚାଳନା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟ ନେଇ ମଧ୍ୟ ଅନେକ ଆଇନ ରହିଛି । ତେଣୁ ନବନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନେ ଆଇନକୁ ଭଲ ଭାବେ ଅନୁଶୀଳନ କରି କାର୍ଯ୍ୟ କଲେ ଅନେକ ସମସ୍ୟାର ସହଜ ସମାଧାନ ହୋଇପାରିବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି ।

ମଙ୍ଗଳବାର ୟୁନିଟ୍-୨ସ୍ଥିତ ସଚିବାଳୟ ତାଲିମ ପ୍ରତିଷ୍ଠାନ ପରିସରରେ ଆରମ୍ଭ ହୋଇଥିବା ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଯେକୌଣସି କ୍ଷେତ୍ରରେ ତାଲିମ ଗ୍ରହଣ କର୍ମଚାରୀଙ୍କୁ ନିଜ କାର୍ଯ୍ୟ ବିଷୟରେ ଅଧିକ ଜାଣିବା ସହିତ ନିପୁଣ ଭାବେ କାର୍ଯ୍ୟ ସମ୍ପାଦନ ଦିଗରେ ଅଧିକ ଦକ୍ଷ କରିଥାଏ । ଦେବୋତ୍ତର ବିଭାଗରେ ଅନେକ ସମସ୍ୟାର ସମାଧାନ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ଦ୍ୱାରା ସମ୍ଭବ ହୋଇପାରିବ । ତେଣୁ ଏହି ତାଲିମ କାର୍ଯ୍ୟକ୍ରମରୁ ଜ୍ଞାନ ଆହରଣ କରି ଆଗାମୀ ଦିନରେ ଏହାର ଉପଯୁକ୍ତ ବ୍ୟବହାର କରି ପ୍ରଶାସନକୁ ସ୍ୱଚ୍ଛ ଓ ଦକ୍ଷ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

## ଆଦିତ୍ୟ ବିର୍ଲା କମ୍ପାନୀର ସଂପ୍ରସାରଣ ପ୍ରକଳ୍ପର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର:** ପଶ୍ଚିମ ଓଡ଼ିଶାକୁ ଶିଳ୍ପ କରିଡର କରିବାକୁ ରାଜ୍ୟ ସରକାରଙ୍କ ଚିନ୍ତାଧାରାର ପ୍ରତିଫଳନ ସମ୍ବଲପୁରରେ ଦେଖିବାକୁ ମିଳିଛି । ସମ୍ବଲପୁର ଜିଲ୍ଲାର ଲପଙ୍ଗା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିତ୍ୟ ବିର୍ଲା କମ୍ପାନୀର ୨୧ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ସଂପ୍ରସାରଣ ପ୍ରକଳ୍ପ, ୫ ହଜାର କୋଟି ଟଙ୍କାର ଏଫଆରପି ପ୍ଲାଣ୍ଟର ଉଦଘାଟନ ସହ ହଜାରେ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ବ୍ୟାଟେରୀ ଫଏଲ କାରଖାନାର ଉଦଘାଟନ କରିଥିଲେ । ପ୍ରାୟ ୨୭ ହଜାର କୋଟି ଟଙ୍କା ବିନିଯୋଗରେ ଆଦିତ୍ୟ ବିର୍ଲା ଗ୍ରୁପର ଭି କାରଖାନା ୫ ହଜାର ନୂତନ ନିଯୁକ୍ତି ସୃଷ୍ଟି କରିବ ବୋଲି କଂପାନୀ ପକ୍ଷରୁ ଓ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇ ଥିଲା । ଏହି ସମାରୋହରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଶିଳ୍ପ ମନ୍ତ୍ରୀ ସଂପଦ ସାଇଁ, ବିଧାୟକ ଜୟନାରାୟଣ ମିଶ୍ର ଓ ସୁଦର୍ଶନ ହରିପାଲ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଦିତ୍ୟ ବିର୍ଲା ସମେତ ଅନ୍ୟ ଶିଳ୍ପ ସଂସ୍ଥା ସ୍ଥାନୀୟ ନିଯୁକ୍ତିକୁ



ଅଣଦେଖା କରୁଥିବା ଅଭିଯୋଗ କରିଥିଲେ ବିଧାୟକ ଜୟନାରାୟଣ ମିଶ୍ର ଓ ସୁଦର୍ଶନ ହରିପାଲ । ଆଦିତ୍ୟ ବିର୍ଲା ଗ୍ରୁପର ନୂଆ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ ଅବସରରେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ କଟାକ୍ଷ କରିଥିଲେ । ରାଜସ୍ୱ ମନ୍ତ୍ରୀ ନିଜ ଭାଷଣରେ ଦୁଇ ବିଧାୟକ ସ୍ଥାନୀୟ ନିଯୁକ୍ତିକୁ ନେଇ ଉଠାଇ ଥିବା ପ୍ରଶ୍ନର ଉତ୍ତର ଦେଇ ଖୁବଶୀଘ୍ର ରାଜ୍ୟରେ ଆସିବ ନୂଆ ବିସ୍ଥାପନ ଓ ଥଇଥାନ ନୀତି ବୋଲି କହି ଶିଳ୍ପାୟନ ଯୋଗୁଁ ବିସ୍ଥାପିତ ଲୋକଙ୍କ ଚାକିରିରେ ରହିବ ପ୍ରଥମ ଅଧିକାର ବୋଲି ରୋକଠୋକ ଶୁଣାଇ ଦେଇଥିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଦ୍ରୁତ ଶିଳ୍ପାୟନ ସହ କ୍ଷୁଦ୍ରଶିଳ୍ପର ବିକାଶ ଦିଗରେ ରାଜ୍ୟ ସରକାର କାମ କରୁଥିବା ଓ ବିକଶିତ ରାଜ୍ୟ ଗଠନ ପାଇଁ ଲୋକଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦେଇଥିଲେ ଶିଳ୍ପ ମନ୍ତ୍ରୀ ସଂପଦ ସାଇଁ । ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ପ୍ରଶ୍ନର ଉତ୍ତର ରଖି ଶିଳ୍ପ ସଂସ୍ଥା ମାନେ ସରକାରଙ୍କ ନିୟମ ଅନୁସାରେ ସ୍ଥାନୀୟ ନିଯୁକ୍ତି ଦେବାକୁ ବାଧ୍ୟ ବୋଲି କହି ରାଜ୍ୟର ଅର୍ଥନୈତିକ ବିକାଶ କ୍ଷେତ୍ରରେ ନୂଆ ଅଧ୍ୟାୟ ଯୋଡି ହେଲା ବୋଲି କହିଥିଲେ । ସ୍ଥାନୀୟ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି ସହ ଅଞ୍ଚଳର ବିକାଶ ମଧ୍ୟ ଗତିଶୀଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

## ପୂର୍ବତଟ ରେଳପଥ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ

**ଭୁବନେଶ୍ୱର:** ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର ସ୍ଥିତ ରେଳବାଇ ଷ୍ଟାଡିୟମ ଠାରେ ୭୭ ତମ ଗଣତନ୍ତ୍ର ଦିବସ ପାଳନ କରାଯାଇଥିଲା । ଯେଉଁଠାରେ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଜାତୀୟ ପତାକା ଉତ୍ତୋଳନ କରି ଆୟୋଜିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିବା ସହିତ ରେଳବାଇର ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇଥିଲେ। ତାଙ୍କ ଅଭିଭାଷଣରେ, ମହାପ୍ରବନ୍ଧକ ମହୋଦୟ ରାଷ୍ଟ୍ର ନିର୍ମାଣରେ ପୂର୍ବତଟ ରେଳପଥର ନିରନ୍ତର ଅବଦାନ ଉପରେ ଆଲୋକପାତ କରିଥିଲେ ଏବଂ ଜୋନର ପ୍ରମୁଖ ସଫଳତାଗୁଡ଼ିକୁ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ପୂର୍ବତଟ ରେଳପଥ ରେଳ ପରିଚାଳନା, ଭିତ୍ତିଭୂମି ବିକାଶ ଏବଂ ଯାତ୍ରୀ ସେବାରେ ଦୃଢ଼ ପ୍ରଦର୍ଶନ ବଜାୟ ରଖିଛି, ଯାହା ଏହାର କର୍ମଚାରୀଙ୍କ ସାମୂହିକ ସମର୍ପଣ ଏବଂ ପ୍ରୟାସକୁ ପ୍ରତିଫଳିତ କରୁଛି।



ଯାତ୍ରୀ ସୁବିଧା ଏବଂ ସୁରକ୍ଷା ବୃଦ୍ଧି, କ୍ଷମତା ବୃଦ୍ଧି, ଆଧୁନିକ ଏଲଏଚବି କୋଚର ପ୍ରଚଳନ ଏବଂ ନୂତନ ଲାଇନ, ଦୋହରୀକରଣ ଏବଂ ମଲ୍ଟି-ଟ୍ରାକିଂ ପ୍ରକଳ୍ପରେ ସ୍ଥିର ଅଗ୍ରଗତି ପାଇଁ ଉଦ୍ଦିଷ୍ଟ ପଦକ୍ଷେପଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ମହାପ୍ରବନ୍ଧକ ଆହୁରି ମଧ୍ୟ ଭିତ୍ତିଭୂମି ଉନ୍ନତିକରଣ, ଲେଭଲ୍ କ୍ରସିଂ ଉଚ୍ଛେଦ, ରୋଡ୍ ଓଭର ବ୍ରିଜ୍ କାର୍ଯ୍ୟାନ୍ୱୟନ ଏବଂ ଯାତ୍ରୀ-କୈନ୍ଦ୍ରିକ କାର୍ଯ୍ୟଗୁଡିକର କାର୍ଯ୍ୟକାରୀତା ଏବଂ ସୁରକ୍ଷା ବୃଦ୍ଧି ଉପରେ ଜୋନର ଧ୍ୟାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆହୁରିମଧ୍ୟ ତାଙ୍କ ଅଭିଭାଷଣ ସମୟରେ, ମହାପ୍ରବନ୍ଧକ ମହୋଦୟ ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ କର୍ମଚାରୀମାନଙ୍କୁ ମିଳିଥିବା ସମ୍ମାନ ଉପରେ ମଧ୍ୟ ଆଲୋକପାତ କରିଥିଲେ। ପୂର୍ବତଟ ରେଳପଥର ଚାରି ଜଣ ରେଳ ସୁରକ୍ଷା ବଳ କର୍ମଚାରୀଙ୍କୁ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଷ୍ଠିତ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି। ଶ୍ରୀ ପ୍ରଫୁଲ ଚନ୍ଦ୍ର ପଣ୍ଡା, ଇନ୍ସପେକ୍ଟର, ଏବଂ ଶ୍ରୀ ପ୍ରକାଶ ଚରଣ ଦାସ, ଇନ୍ସପେକ୍ଟର, ରାଷ୍ଟ୍ରପତି ପଦକ ପାଇଛନ୍ତି। ଏହା ସହିତ, ଶ୍ରୀ ପାପ୍ପାଲା ଶ୍ରୀନିବାସ ରାଓ, ସବ ଇନ୍ସପେକ୍ଟର, ଏବଂ ଶ୍ରୀ ଡି. ଭି. ମୁରଲୀ କ୍ରିଷ୍ଣା, ସହକାରୀ ସବ ଇନ୍ସପେକ୍ଟର ଙ୍କୁ ମଧ୍ୟ ମେରିଟୋରିଅସ୍ ସର୍ଭିସ୍ ମେଡାଲ୍‌ରେ ସମ୍ମାନିତ ହୋଇଛନ୍ତି।, ଯାହା ଜୋନ୍ ପାଇଁ ଗର୍ବ ଆଣିଛି।

ଗଣତନ୍ତ୍ର ଦିବସ ପାଳନର ସମାରୋହକୁ ସମାପନ କରି, ଶ୍ରୀ ପରମେଶ୍ୱର ଫୁଙ୍କୱାଲ ସମସ୍ତ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ଏହି ଐତିହାସିକ ମାଇଲଖୁଣ୍ଟ ହାସଲ କରିବାରେ ସେମାନଙ୍କର ଅଟଳ ସମର୍ପଣ, କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଏହି ଗଣତନ୍ତ୍ର ଦିବସରେ, ପୂର୍ବତଟ ରେଳବାଇ ଦେଶର ପ୍ରଗତିରେ ଏହାର ଅବଦାନ ଜାରି ରଖି ରେଳ ସେବା, ସୁରକ୍ଷା ଏବଂ ଭିତ୍ତିଭୂମି ବିକାଶରେ ଉତ୍କର୍ଷତା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପୁନଃଦୋହରାଇଛି। ପୂର୍ବତଟ ରେଳବାଇର ସମସ୍ତ ପ୍ରମୁଖ ବିଭାଗ ମୁଖ୍ୟ, ବରିଷ୍ଠ ଉପ-ମହାପ୍ରବନ୍ଧକ ଶ୍ରୀ ଏ. କେ. ଚତୁର୍ବେଦୀ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଏବଂ ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନ (ରଉକ୍ଟଜଡଡଙ) ର ସଭାପତି ଶ୍ରୀମତୀ କବିତା ଫୁଙ୍କୱାଲ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଉତ୍ସବ ପାଳନ ପାଇଁ ସ୍କୁଲ ପିଲା ଏବଂ ଭାରତ ସ୍କାଉଟ୍ସ ଏବଂ ଗାଇଡର ସ୍ୱେଚ୍ଛାସେବକମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା।

## କବି ଅରୁଣା ସାମନ୍ତରାୟଙ୍କ କବିତା ସଂକଳନ 'କବିତା କଳ୍ପତରୁ' ଉନ୍ମୋଚିତ

**ଚୌଦ୍ୱାର (ମାନିସ):** ସୁଲେଖିକା ଅରୁଣା ସାମନ୍ତରାୟ ଙ୍କ ଦ୍ୱାରା କବିତା ସଂକଳନ ' କବିତା କଳ୍ପତରୁ ' ଉନ୍ମୋଚିତ ହୋଇଯାଇଛି । ଏହି ଉପଲକ୍ଷେ ଚୌଦ୍ୱାର



ସାହିତ୍ୟ ସଂସଦ ଆନୁକୂଲ୍ୟରେ କପାଳେଶ୍ୱର ଶ୍ରୀ ସାଇ ବିହାର ସ୍ଥିତ ରୋଟାରୀ ଭବନ ରେ ଆୟୋଜିତ ଉତ୍ସବରେ ଗୀତିକବି ବୈଦ୍ୟନାଥ ଖିଲାର, ଶିକ୍ଷାବିତ ଭାଗବତ ରାଉତ, ଗାଳ୍ପିକା ଜ୍ୟୋସ୍ନା ବାଳା ଦେବୀ ବରେଣ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରୀମତୀ ସାମନ୍ତରାୟ ଙ୍କୁ ଜଣେ ପ୍ରତିଭା ସମ୍ପନ୍ନ ସ୍ରଷ୍ଟା ଭାବେ ଅଭିହିତ କରିଥିଲେ । ଉତ୍କଳ ସାହିତ୍ୟ ସମାଜ ର ସଭାପତି ଡ ଗୋବିନ୍ଦ ଚନ୍ଦ୍ର ଚାନ୍ଦ, କବି ପିନାକୀ ସିଂହ, ଆକାଶବାଣୀ ର ପ୍ରାକ୍ତନ ନିଷ୍ପାଦକ ସୁରେନ୍ଦ୍ର କୁମାର ସାମଲ, ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ ବୈଜୟନ୍ତୀ ମିଶ୍ର, ଲେଖକ ସହଯୋଗ ସମିତି ର ସମ୍ପାଦକ ରଘୁନାଥ ମହାପାତ୍ର, ସାହିତ୍ୟିକ ନରସିଂହ ମହାପାତ୍ର, ଉତ୍କଳ ସାହିତ୍ୟ ସମାଜ ର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, ଡ ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ରୋରାରିଆନ ଶରତ କୁମାର ଖୁଣ୍ଟିଆ, ଡ ତପନ ଦତ୍ତ, ମୈତ୍ରୀ ଭୂଷଣ ଖୁଣ୍ଟିଆ, ବିଶ୍ୱମିତ୍ରା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ସଂସଦ ର ସଭାପତି ବିଶ୍ୱକଲ୍ୟାଣ ଦାସ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସାଗତ ଭାଷଣ, ଶିକ୍ଷାବିତ ପ୍ରଦୀପ୍ତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । କଳ୍ପତରୁସଂଗଠନ ସମ୍ପାଦକ ଚନ୍ଦ୍ର ପ୍ରକାଶ ପଟ୍ଟନାୟକ, ସହ ସମ୍ପାଦକ ଭାସ୍କର ପ୍ରସାଦ ମହାପାତ୍ର, ଅଧ୍ୟାପକ ସୁକାନ୍ତ କୁମାର ସାହୁ, ବୀଣାପାଣି ଦାସ, ସ୍ମୃତିଶ୍ରୀ ଜଗଦେବ, କମଳ ସାଇଁ, ଶୁଭ୍ରାଂଶୁ ଭୂଷଣ ସାହୁ, ହେମନ୍ତ ମହାରଣା, ସୌମ୍ୟ ଜ୍ୟୋତି ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କ୍ଷ ଯୁଗ୍ମ ସମ୍ପାଦିକା ସରିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଜି ଶ୍ରୀବିଗ୍ରହଙ୍କ ବନକଲାଗି ନୀତି , ୪ ଘଣ୍ଟା ଦର୍ଶନ ବନ୍ଦ

**ପୁରୀ:** ଆସନ୍ତାକାଲି ମାଘ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ



ହେବାପରେ ଆପାତତଃ ସନ୍ଧ୍ୟା ୬ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରାୟ ୪ ଘଂଟା ଧରି ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଦତ ମହାପାତ୍ର ସେବକମାନେ ଶ୍ରୀଜୀଉଙ୍କ ଏହି ଗୁପ୍ତ ନୀତି ସମାପନ କରିବେ । ଶ୍ରୀଜୀଉଙ୍କ ବନକ ଲାଗି ତଥା ଶ୍ରୀମୁଖ ଶୃଙ୍ଗାରରେ ପ୍ରାକୃତିକ ରଙ୍ଗ ହିଙ୍ଗୁଳ, ହରିତାଳ, ପ୍ରିୟଙ୍ଗୁ, କସ୍ତୁରୀ, କଳା, ଧଳା ଓ ନାଲି ରଙ୍ଗର ବ୍ୟବହାର ହୋଇଥାଏ । ବନକଲାଗି ଶ୍ରୀଜୀଉଙ୍କ ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିଥାଏ । ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ଅନୁଷ୍ଠିତ ହେବ ।

## ଇପିଏଫ୍ ପେନସନ୍ ଆସୋସିଏସନ୍‌ର ଜିଲ୍ଲା ସମ୍ମିଳନୀ

**କେନ୍ଦ୍ରାପଡ଼ା:** ଅଲ୍ ଓଡ଼ିଶା ଇପିଏଫ୍ ପେନସନ୍ ଆସୋସିଏସନ୍‌ର କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସର୍ବନିମ୍ନ ପେନସନ୍ ୯ ହଜାର ଟଙ୍କା ସହିତ ମହଙ୍ଗା ଭତ୍ତା ଦାବିନେଇ ସଭାରେ ଉପସ୍ଥିତ ସଭ୍ୟମାନେ ଦାବି କରିଥିଲେ। ଜିଲ୍ଲା ସଭାପତି ବସନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସାଧାରଣ ସମ୍ପାଦକ ପିତାମ୍ବର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠକରିଥିଲେ। ଉକ୍ତ ସଭାରେ ରାଜ୍ୟ ସଭାପତି ବିଜୟ କୁମାର ଜେନା, ସଂଘର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଆଡଭାଇଜର୍ ନଟବର ଆଚାର୍ଯ୍ୟ, ବିକ୍ରମ ଛୋଟରାୟ ପ୍ରମୁଖ ଯୋଗ ଦେଇଥିଲେ। ଉଠା ଜଳସେଚନ କର୍ମଚାରୀ ରାଜ୍ୟକୋ-ଅପରେଟିଭ୍ ସ୍ପିନିଙ୍ଗ୍ ମିଲ୍, ଆର୍.ସି.ଏମ୍.ଏସ୍, ଫରେଷ୍ଟକର୍ପୋରେସନ୍, ଧାନମଣ୍ଡଳ ଝୋଟମିଲ୍, ବଳଦେବ ପାୱାରଲୁମ୍ ପ୍ରଭୃତିରୁ ଦୁଇଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।

## ଚନ୍ଦାହାଣ୍ଡି ଘାଟିରେ ଓଲଟିଲା କଳାକାର ଗାଡ଼ି, ଜଣେ ଗୁରୁତର

**ଝରିଗାଁ/ଚନ୍ଦାହାଣ୍ଡି:** ଆଜି ସକାଳ ପ୍ରାୟ ୭ଟା ସମୟରେ ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ କଳାକାରମାନେ ଯାଉଥିବା ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିବାର ସୂଚନା ମିଳିଛି। ଗାଡ଼ିରେ ବସିଥିବା ୮ ଜଣ କଳାକାର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଜଣେ ଗୁରୁତର ହୋଇଥିବାର ସୂଚନା ରହିଛି। ଗାଡ଼ିଟି ଦୁର୍ଘଟଣା ପରେ ସମ୍ପୂର୍ଣ୍ଣ ଚେପା ହୋଇ ଯାଇଛି। ସୂଚନା

**ଗୁରୁତରଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର**

ପ୍ରକାରେ ବଲାଙ୍ଗୀର ଏବଂ ବରଗଡ଼ ଜିଲ୍ଲାର କଳାକାରମାନଙ୍କୁ ନେଇ ମା ମଙ୍ଗଳା ଧନୁଯାତ୍ରା ପାର୍ଟି ଗତ ୨୨ ତାରିଖ ଦିନ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୁଣ୍ଡିଗୁଡ଼ା ଯାତ୍ରା ଉତ୍ସବରେ ଧନୁଯାତ୍ରା ପରିବେଷଣ କରିବା ପାଇଁ ଯାଇଥିଲେ। ଆଜି ଭୋର ସକାଳୁ ମୁଣ୍ଡିଗୁଡ଼ାରେ ଯାତ୍ରା ସାରି ଫେରୁଥିବା ବେଳେ ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ବ୍ରେକ୍ ଫେଲ୍ ହୋଇ ଗାଡ଼ି ଦୁର୍ଘଟଣାର ଶିକାର ହୋଇଥିଲା। ଦୁର୍ଘଟଣା ପରେ ଗାଡ଼ିରେ ବସିଥିବା ୮ ଜଣ କଳାକାର ଛିଟିକି ହୋଇ ରାସ୍ତା ଉପରେ ପଡ଼ିଥିଲେ। ସେହି ରାସ୍ତା ଦେଇ ଯାଉଥିବା କିଛି ଲୋକ ଦୁର୍ଘଟଣା ଦେଖି ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଜଣେ ଗୁରୁତର ଥିବା ଯୋଗୁଁ ତାଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।



## ସଂସ୍କାରିତ ଶିଶୁ ହିଁ ସମୃଦ୍ଧ ରାଷ୍ଟ୍ରର ନିର୍ମାତା

**କେନ୍ଦ୍ରାପଡ଼ା:** ରାଷ୍ଟ୍ରବାଦୀ ସାମାଜିକ ସଂଗଠନ 'ଜୟ ରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ କୋର ପଂଚାୟତ ଅନ୍ତର୍ଗତ ପାଲକଣା ଗାଁରେ 'ବାଲ୍ ସଂସ୍କାର ଅଭିଯାନ'ର ଶୁଭାରମ୍ଭ କରାଯାଇଛି । ବିଶିଷ୍ଟ କବି, ସ୍ତମ୍ଭକାର ତଥା ପ୍ରବଚକ ଜ୍ଞାନ ହୋତା ଉଦ୍‌ଘାଟକ ଭାବେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିବା ସହିତ ସଂସ୍କାରିତ ଶିଶୁ ହିଁ ସମୃଦ୍ଧ ରାଷ୍ଟ୍ରର ନିର୍ମାତା ବୋଲି କହିଥିଲେ। ସେ ଏହା ମଧ୍ୟ କହିଲେ ଯେ, ଶିଶୁମାନଙ୍କୁ ଗଢ଼ିବା ଦାୟିତ୍ୱ କେବଳ ପରିବାର ନୁହଁ ବରଂ ଏଥିପାଇଁ ସମଗ୍ର ସମାଜ ଉଦ୍ୟମ କରିବା ଉଚିତ୍। ପିଲାମାନଙ୍କୁ ଉପଯୁକ୍ତ ସଂସ୍କାର ଦେଇ ପ୍ରତ୍ୟେକ ପରିସ୍ଥିତି ପାଇଁ ପ୍ରସ୍ତୁତ କରିବା ଅଭିଭାବକମାନଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ଜ୍ଞାନ ହୋତା କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୋର ଗ୍ରାମ ପଂଚାୟତର ସରପଂଚ ଦୀପାଞ୍ଜଳି ଜେନା ବାଲ୍ ସଂସ୍କାର ଅଭିଯାନ ଦେଶ ନିର୍ମାଣରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ଶିଶୁମାନଙ୍କ ମାର୍ଗଦର୍ଶନ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ନାଗରିକ କରି ଗଢ଼ିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଦୀପାଞ୍ଜଳି ଜେନା ମତ ରଖିଥିଲେ। କାର୍ଯ୍ୟକ୍ରମର ସମ୍ମାନିତ ଅତିଥି ସମାଜସେବୀ ଗଣେଶ ଚନ୍ଦ୍ର ରାଉତ ଆଧାତ୍ମିକ ସଂସ୍କାର ଶିଶୁମାନଙ୍କ ଚରିତ୍ର ଗଠନରେ ସହାୟକ ହୋଇଥାଏ ବୋଲି ମତ ଦେଇଥିଲେ। ଏହି ଅବସରରେ ବାଲ୍ ସଂସ୍କାର ଅଭିଯାନର ରାଜ୍ୟ ସଂଯୋଜକ ବୀରେନ୍ଦ୍ର ଦାସ, ପାଳକଣା ବାଲ ସଂସଦର ଦୁଇ ବାଲ୍ ମିତ୍ର ଜ୍ୟୋତି ମଲ୍ଲିକ, ରଶ୍ମିତା ସାହୁ ଓ ସମାଜସେବୀ ପଦ୍ମଚରଣ ସୁତାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାତୃଦତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମଳୟ ସାହୁ, ଭଜନ ସୁତାର, ରଶ୍ମିରଞ୍ଜନ ସ୍ୱାଇଁ, ବିଶ୍ୱ ପ୍ରକାଶ ସାହୁ, ସରୋଜ ରାଉତ, ଜ୍ଞାନରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ। ସୁଶାନ୍ତ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ପଙ୍କଜ ସିହ୍ନା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋର ପଂଚାୟତର ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇ ଥିଲେ।

## କିଛି ମାସ ମଧ୍ୟରେ ଶାନ୍ତି ଆଇନ ନିୟମର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶା କରାଯାଉଛି: ଜିତେନ୍ଦ୍ର ସିଂ

**ନୂଆଦିଲ୍ଲୀ (ପିଆଇବି):** ଆସନ୍ତା କିଛି ମାସ ମଧ୍ୟରେ 'ଶାନ୍ତି' (ସଷ୍ଟେନେବଲ ହାର୍ନେସିଂ ଏଣ୍ଡ ଏଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ ଆକ୍ଟ, ୨୦୨୫) ଆଇନର ନିୟମକୁ ଆଗାମୀ ଦିନରେ କିଛି ମାସ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶା କରାଯାଉଛି । କେନ୍ଦ୍ର ବିଜ୍ଞାନ ଓ କାରିଗରୀ, ଭୂ-ବିଜ୍ଞାନ, ଆଣବିକ ଶକ୍ତି ବିଭାଗ, ମହାକାଶ ବିଭାଗ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ଏବଂ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ପାହ୍ୟା) ଡକ୍ଟର ଜିତେନ୍ଦ୍ର ସିଂ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ନିୟମ ପ୍ରଣୟନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି, କିନ୍ତୁ ସରକାର ସତର୍କତାର ସହିତ ଆଗକୁ ବଢ଼ୁଛନ୍ତି କାରଣ ଶାନ୍ତି ଆଇନ ଭାରତର ଆଣବିକ ଶକ୍ତି କାର୍ଯ୍ୟକ୍ରମରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଏହି କ୍ଷେତ୍ରରେ ଘରୋଇ ଏବଂ ଅଣ-ସରକାରୀ ଅଂଶଗ୍ରହଣ ପାଇଁ ରାସ୍ତା ଖୋଲିବ। ସେ ଆହୁରି କହିଥିଲେ, ନୂତନ ଢାଞ୍ଚା ଏପରି ହେବା ଉଚିତ୍ ଯାହା ଭାରତର ଦୀର୍ଘକାଳୀନ ଓ କଠୋର ସୁରକ୍ଷା, ସୁରକ୍ଷା ଓ ନିୟାମକ ମାନଦଣ୍ଡକୁ ସମ୍ପୂର୍ଣ୍ଣ ସଂରକ୍ଷଣ କରି ସହଯୋଗ ଓ ବିକାଶକୁ ପ୍ରୋତ୍ସାହିତ କରୁଥିବ।

ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଶାନ୍ତି ଆଇନକୁ ନେଇ ଅଂଶୀଦାରମାନଙ୍କଠାରୁ ବହୁତ ସକାରାତ୍ମକ ପ୍ରତିକ୍ରିୟା ମିଳିଛି । ଏହା ଭାରତର ଆଣବିକ ଶକ୍ତି ଯୋଜନାରେ ବିଶ୍ୱର ଦୃଢ଼ ଆଗ୍ରହକୁ ପ୍ରତିଫଳିତ କରେ। ସେ ଉଲ୍ଲେଖ କରିଛନ୍ତି, ଅନ୍ତର୍ଜାତୀୟ ବାର୍ତ୍ତାକାରମାନେ ମଧ୍ୟ ଏହି ନୂତନ ଆଇନ ପ୍ରତି ଗଭୀର ଆଗ୍ରହ ଦେଖାଇଛନ୍ତି । ଏହା ଭାରତର ସ୍ୱଚ୍ଛ ଏବଂ ନିର୍ଭରଯୋଗ୍ୟ ଶକ୍ତି ପ୍ରସାରଣ ଦୃଷ୍ଟିକୋଣ ପ୍ରତି ସେମାନଙ୍କର ବିଶ୍ୱାସକୁ ପ୍ରତିଫଳିତ କରେ।

କେନ୍ଦ୍ର ମନ୍ତ୍ରୀ ନିୟାମକ ଏବଂ ସୁରକ୍ଷା ଦିଗ ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଶାନ୍ତି ଆଇନ ଲାଇସେନ୍ସିଂ, ସୁରକ୍ଷା ପ୍ରାଧିକରଣ ଏବଂ ଉତ୍ତରଦାୟିତ୍ୱ ପାଇଁ ସ୍ପଷ୍ଟ ବ୍ୟବସ୍ଥା ସହିତ ତଦାରଖକୁ ଦୁର୍ବଳ କରିବା ପରିବର୍ତ୍ତେ ଏହାକୁ ସୁଦୃଢ଼ କରିଥାଏ। ନୂଆ ଉଦ୍ୟୋଗୀମାନେ ଏହି କ୍ଷେତ୍ରରେ ପ୍ରବେଶ କଲେ ମଧ୍ୟ ଜାତୀୟ ସୁରକ୍ଷା ଏବଂ ସାଧାରଣ

**ଘରୋଇ କ୍ଷେତ୍ରକୁ ମିଳିବ ଲାଭ ; ଭାରତ ପାଇଁ ଆଣବିକ ଶକ୍ତି ଏବେ କୌଣସି ବିକଳ୍ପ ନୁହେଁ, ବରଂ ଆବଶ୍ୟକତା**

ସୁରକ୍ଷା ଯେପରି ଆଘାତ ନ ପାଏ ତାହା ନିଶ୍ଚିତ କରିବା ପାଇଁ ରଣନୀତିକ ସାମଗ୍ରୀ ଏବଂ ଆଣବିକ ଇନ୍ଧନ ଚକ୍ରର ସମ୍ବେଦନଶୀଳ ଅଂଶଗୁଡ଼ିକ କଠୋର ସରକାରୀ ନିୟନ୍ତ୍ରଣରେ ରହିବ।

ପ୍ରତ୍ୟକ୍ଷ ବିଦେଶୀ ନିବେଶ ସମ୍ପର୍କିତ ପ୍ରଶ୍ନ ଉପରେ ଡକ୍ଟର ଜିତେନ୍ଦ୍ର ସିଂହ କହିଥିଲେ ଯେ ସରକାର ପ୍ରଚଳିତ ଏଫଡିଆଇ ଢାଞ୍ଚା ମଧ୍ୟରେ କାର୍ଯ୍ୟ କରିବେ, ଏବଂ ପରମାଣୁ ଶକ୍ତି ପ୍ରକଳ୍ପଗୁଡ଼ିକୁ ସମର୍ଥନ କରିବା ପାଇଁ ଅତିରିକ୍ତ ସ୍ପଷ୍ଟତା କିମ୍ବା ନିର୍ଦ୍ଦିଷ୍ଟ ନିୟମାବଳୀ ଆବଶ୍ୟକ କି ନାହିଁ ତାହା ମଧ୍ୟ ସମୀକ୍ଷା କରିବେ। ସେ କହିଥିଲେ, ବୁଝି ବିଚାରି ଏବଂ ପ୍ରତିଷ୍ଠିତ ନୀତିଗତ ସିଦ୍ଧାନ୍ତ ଅନୁଯାୟୀ ଯେକୌଣସି ପରିବର୍ତ୍ତନ କରାଯିବ।

କେନ୍ଦ୍ର ମନ୍ତ୍ରୀ ଏହା ମଧ୍ୟ ସ୍ୱୀକାର କରିଛନ୍ତି, ଆଣବିକ ଶକ୍ତି କ୍ଷେତ୍ରରେ ପ୍ରାରମ୍ଭିକ ଖର୍ଚ୍ଚ ଅଧିକ ଥାଏ, ବିଶେଷକରି ଆମଦାନୀ ଉପକରଣ ଉପରେ ନିର୍ଭର କରୁଥିବା 'ଲାଇଟ୍ ୱାଟର୍ ରିଆକ୍ଟର୍ସ' ମାମଲାରେ। ତଥାପି, ସେ ଗୁରୁତ୍ୱାରୋପ କରି କହିଥିଲେ ଯେ କ୍ଷମତା ବୃଦ୍ଧି ପାଇବା ଏବଂ ଘରୋଇ ଉତ୍ପାଦନ ତ୍ୱରାନ୍ୱିତ ହେବା ସହିତ ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇବା ବୋଲି ଆଶା କରାଯାଉଛି। ଆଣବିକ ଶକ୍ତି ଏବେ ଭାରତ ପାଇଁ ଏକ ଆବଶ୍ୟକତା ପାଲଟିଛି କାରଣ ଦେଶ ସ୍ୱଚ୍ଛ ଶକ୍ତି ଆଡକୁ ଅଗ୍ରସର ହେଉଛି, ଆମଦାନୀ ହୋଇଥିବା ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରୁଛି ଏବଂ ଚବିଶ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରୁଛି, ଯାହା ସବୁବେଳେ କେବଳ ଅକ୍ଷୟ ଶକ୍ତି ଉତ୍ସ ଦ୍ୱାରା ସୁନିଶ୍ଚିତ ହୋଇପାରିବ ନାହିଁ।

ଡକ୍ଟର ଜିତେନ୍ଦ୍ର ସିଂହ କହିଥିଲେ, ସରକାରଙ୍କ ଦୀର୍ଘକାଳୀନ ଦୃଷ୍ଟିକୋଣରେ ସ୍ୱଚ୍ଛ ଶକ୍ତି ଦିଗରେ ଭାରତର ପରିବର୍ତ୍ତନ ଏବଂ ଶିଳ୍ପ, ସ୍ୱାସ୍ଥ୍ୟସେବା ଓ ଡେଟା ଭିତ୍ତିଭୂମି ଭଳି କ୍ଷେତ୍ରରୁ ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଆଣବିକ ଶକ୍ତି କ୍ଷମତାର ଏକ ବୃହତ ପରିମାଣର ବିସ୍ତାର ଅନ୍ତର୍ଭୁକ୍ତ। ସେ ଆହୁରି ମଧ୍ୟ କହିଥିଲେ, ଶାନ୍ତି ଆଇନ ଏପରି ଏକ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି ଯାହା ଦାୟିତ୍ୱପୂର୍ଣ୍ଣ ନିବେଶ ଏବଂ ପ୍ରଯୁକ୍ତିବିଦ୍ୟା ବିକାଶକୁ ପ୍ରୋତ୍ସାହିତ କରିଥାଏ। ଏହା ମଧ୍ୟ ବିକାଶ ସହିତ ସୁରକ୍ଷା, ଉତ୍ତରଦାୟିତ୍ୱ ଏବଂ ଜନହିତ ମଧ୍ୟରେ ସନ୍ତୁଳନ ବଜାୟ ରଖିଥାଏ।

ମାତୃଭାଷା

# ଖେଳ ଖବର



## ହକି ଇଣ୍ଡିଆ ଲିଗ୍ ଫାଇନାଲ

# ବିଜୟ ମୁକୁଟ ପିନ୍ଧିଲା କଳିଙ୍ଗ ଲାନ୍ସର୍ସ

**ରାଞ୍ଚି ରୟାଲ୍ସ ପରାସ୍ତ**

**ଭୁବନେଶ୍ୱର,୨୭।୧:** ଚଳିତ ହକି ଇଣ୍ଡିଆ ଲିଗ୍ ୨୦୨୬ର ଚାମ୍ପିୟନ ମିଳିଛି । କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ଟ୍ରଫି ଟକ୍କରେ ବିଜୟୀ ହୋଇଛି ବେଦାନ୍ତ କଳିଙ୍ଗ ଲାନ୍ସର୍ସ । ରାଞ୍ଚି ରୟାଲ୍ସକୁ ୩-୨ ଗୋଲରେ ହରାଇ ବାଜି ମାରି ନେଇଛି କଳିଙ୍ଗ ଲାନ୍ସର୍ସ । ଫାଇଲାନ ଫାଇଟ୍‌ରେ ଦଳ ପକ୍ଷରୁ ଆଲେକଜାଣ୍ଡାର ହେଣ୍ଡ୍ରିକ୍ସ (୪,୨୭), ଦିଲପ୍ରୀତ ସିଂ (୨୫)ଙ୍କ ଗୋଲ୍ ଦଳକୁ ବିଜୟୀ କରିଥିଲା । ସେହିପରି ରାଞ୍ଚି ପକ୍ଷରୁ ଅରାଇଜିତ ସିଂ ହୁଣ୍ଡାଲ ଏବଂ ଟମ ବୁନ ଗୋଟିଏ ଲେଖାଏ ଗୋଲ କରିଥିଲେ । ୧୯ ଗୋଲ୍ ସହ ରୟାଲ୍ସ ଅଧିନାୟକ ଟମ୍ ବୁନ୍ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ସ୍କୋରର୍ ହୋଇଛନ୍ତି ।

ଫାଇନାଲ ଫାଇଟରେ ଉଭୟ ଦଳ ପ୍ରଥମ କ୍ୱାର୍ଟରରେ ଜୋରଦାର ଆରମ୍ଭ କରିଥିଲେ । ଫାଇନାଲରେ ପ୍ରାରମ୍ଭିକ ଗୋଲ ଦାବି କରିବାକୁ ସ୍ଥିର କରି ସର୍କଲ୍ ଏଣ୍ଟ୍ରି ଏବଂ ସୁଯୋଗ ସୃଷ୍ଟି କରିଥିଲେ । ଚତୁର୍ଥ ମିନିଟରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସକୁ ଲଗାତାର ପେନାଲ୍ଟି କର୍ଣ୍ଣର ମିଳିଥିଲା କାରଣ ଆଲେକଜାଣ୍ଡାର ହେଣ୍ଡ୍ରିକ୍ସ (୪') ରାଞ୍ଚି ରୟାଲ୍ସ ଗୋଲକିପରଙ୍କୁ ଅତିକ୍ରମ କରି ଏକ ଶକ୍ତିଶାଳୀ ଡ୍ରାଗଫ୍ଲିକ୍ ସହିତ ସୁଯୋଗକୁ ପରିବର୍ତ୍ତନ କରି ଆଗକୁ ବଢ଼ିଥିଲେ । ଅଗ୍ରଣୀ ମାତ୍ର କିଛି ମିନିଟ୍ ପାଇଁ ରହିଥିଲା, କାରଣ ରୟାଲ୍ସ ଏକ ପ୍ରଭାବଶାଳୀ ଫିଲ୍ଡ ଗୋଲ ଦେଇ ସ୍ଥିତି ବରାବର କରିଥିଲା । ନବମ ମିନିଟରେ, ଯଶଦୀପ ସିୱାଚ ବାମ ୱିଙ୍ଗରୁ ବଲ୍‌କୁ ଲବ୍ କରି ଫ୍ଲାଙ୍କ୍ ସଟ୍ ବଦଳାଇଲେ ଏବଂ ଅରାଇଜିତ ସିଂହ ହୁଣ୍ଡାଲ (୯')ଙ୍କୁ ପାଇଲେ ଯିଏ ଏକ ଚମତ୍କାର ସ୍ପର୍ଶ ନେଇ ବଲ୍ କୁ ନେଟରେ ଏକ ଶକ୍ତିଶାଳୀ ଫିନିସ୍ ଦେଇ ସମାନ ସ୍ଥିତିକୁ ଆଣିଲେ ।

ଦ୍ୱିତୀୟ କ୍ୱାର୍ଟରରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଦୁଇଟି ଗୋଲ ଦେଇ ବାଜି ପଲଟାଇ ଦେଲା । ରାଞ୍ଚି ରୟାଲ୍ସର ଆକ୍ରମଣାତ୍ମକ ପ୍ରଦର୍ଶନ ମଧ୍ୟରେ, ଲାନ୍ସର୍ସ ଲଗାତାର




ପେନାଲ୍ଟି କର୍ଣ୍ଣର ଜିତି ରୟାଲ୍ସକୁ ସୀମିତ ରଖିବା ନିଶ୍ଚିତ କରିଥିଲେ । ୨୫ତମ ମିନିଟରେ, ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଏକ ପେନାଲ୍ଟି କର୍ଣ୍ଣର ଜିତିଥିଲା । ଆଲେକଜାଣ୍ଡାର ହେଣ୍ଡ୍ରିକ୍ସଙ୍କ ଡ୍ରାଗଫ୍ଲିକ୍ ପ୍ରଥମେ ରାଞ୍ଚି ରୟାଲ୍ସ ଗୋଲକିପର ସୁରଜ କରକେରା ସେଭ୍ କରିଥିଲେ, ଦିଲପ୍ରୀତ ସିଂହ ରିବାଉଣ୍ଡରେ ପଉନ୍ସ କରି ବଲକୁ ଗୋଲରେ ସ୍ଲଟ୍ କରି ଅଗ୍ରଣୀ ନେଇଥିଲେ । ତୃତୀୟ କ୍ୱାର୍ଟରରେ ରାଞ୍ଚି ରୟାଲ୍ସ ପ୍ରଭାବୀ ପ୍ରଦର୍ଶନ କରି ଖେଳକୁ ନିୟନ୍ତ୍ରଣ କରିଥିଲା । ୩୬ତମ ମିନିଟରେ, ରାଞ୍ଚି ରୟାଲ୍ସ ଏକ ପେନାଲ୍ଟି କର୍ଣ୍ଣର ପାଇଲା କିନ୍ତୁ ବେଦାନ୍ତ କଳିଙ୍ଗ ଲାନ୍ସର୍ସର କ୍ୟାପଟ୍ଟେନ ଟମ୍ ବୁନଙ୍କ ଫ୍ଲିକ୍ ଗୋଲକୁ ରୋକିଥିଲା ।

ଅନ୍ତିମ କ୍ୱାର୍ଟରରେ ରୟାଲ୍ସ ଗୋଲ ସନ୍ଧାନରେ ଆକ୍ରମଣ କରିଥିଲା । ଲାନ୍ସର୍ସ ଗୋଲକିପର କ୍ରିଷନ ବାହାଦୁର ପାଠକ ଯଥାକ୍ରମେ ସାମ୍ ଲେନ୍, ଟମ୍ ବୁନ ଏବଂ ନିଲମ୍ ସଞ୍ଜିପ୍ ଜେସ୍ ବିପକ୍ଷରେ ୩ଟି ବଡ଼ ସେଭ୍ କରିଥିଲେ ଏବଂ ଅବିଶ୍ୱସନୀୟ ଫର୍ମରେ ଥିଲେ । ୫୪ତମ ମିନିଟରେ ଏକ ଦମଦାର ସେଭ୍ କରାଯାଇଥିଲା ଯାହାଦ୍ୱାରା ସେ ଦୃଢ଼ ଲିଡ୍ ବଜାୟ ରଖିପାରିଥିଲେ । ୫୯ତମ ମିନିଟରେ, ରୟାଲ୍ସ ଶେଷରେ ପେନାଲ୍ଟି କର୍ଣ୍ଣରରୁ ଡ୍ରାଗଫ୍ଲିକ୍ ସାହାଯ୍ୟରେ ଏକ ଗୋଲ ପାଇଲା କିନ୍ତୁ ସମୟ ମଧ୍ୟରେ ସେମାନେ ସମାନ କରିପାରିଲେ ନାହିଁ ଆଉ ବେଦାନ୍ତ କଳିଙ୍ଗ ଲାନସର୍ସ ପୁରୁଷ ହିରୋ ଏଚଆଇଏଲ ଟାଇଟଲ ହାସଲ କଲା ।

## ବାଂଲାଦେଶ କ୍ରୀଡ଼ା ସାମ୍ବାଦିକଙ୍କୁ ଅନୁମତି ଦେବାକୁ ମନାକଲା ଆଇସିସି

**ନୂଆଦିଲ୍ଲୀ, ୨୭।୧:** ବାଂଲାଦେଶକୁ ଆଉ ଏକ ଝଟକା ଦେଇଛି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) । ଆଗାମୀ ଟ୍ୱେଣ୍ଟି-୨୦ ବିଶ୍ୱକପରୁ ବାଂଲାଦେଶ ଦଳକୁ ବାହାର କରିବା ପରେ ଏବେ ବାଂଲାଦେଶୀ କ୍ରୀଡ଼ା ସାମ୍ବାଦିକମାନଙ୍କୁ ଅନୁମତି ଦେବାକୁ ମନାକରିଦେଇଛି । ସୂଚନା ଅନୁସାରେ ବାଂଲାଦେଶର ବିଭିନ୍ନ ଗଣମାଧ୍ୟମ ପାଇଁ କାମ କରୁଥିବା ପ୍ରାୟ ୧୫୦ ଜଣ କ୍ରୀଡ଼ା ସାମ୍ବାଦିକ ବିଶ୍ୱକପ୍ ରିପୋର୍ଟ ନିମନ୍ତେ ଅଧିସ୍ୱୀକୃତି ପାଇଁ ଆଇସିସି ନିକଟରେ ଆବେଦନ କରିଥିଲେ । କିନ୍ତୁ ଆଇସିସି ସେମାନଙ୍କ ଆବେଦନଗୁଡ଼ିକୁ ଖାରଜ କରିଦେଇଛି । ଇ-ମେଲ୍ ମାଧ୍ୟମରେ ଏହି ନିଷ୍ପତ୍ତି ସମ୍ପର୍କରେ ସାମ୍ବାଦିକମାନଙ୍କୁ ଜଣାଇ ଦିଆଯାଇଛି । ଏପରିକି



କେତେକ ସାମ୍ବାଦିକଙ୍କୁ ପୂର୍ବରୁ ଆଇସିସି ପକ୍ଷରୁ ଅନୁମତି ଦିଆଯାଇଥିଲା । କିନ୍ତୁ ବାଂଲାଦେଶ କ୍ରିକେଟ୍ ଦଳକୁ ବିଶ୍ୱକପରୁ ବାହାର କରାଯିବା ପରେ ସେମାନଙ୍କୁ ଆବେନନଗୁଡ଼ିକୁ ରଦ୍ଦ କରିଦିଆଯାଇଥିଲା । ଏହାକୁ ନେଇ ବାଂଲାଦେଶ ଗଣମାଧ୍ୟମ ଜଗତରେ ଅସନ୍ତୋଷ ସୃଷ୍ଟି ହୋଇଛି । ସେଠାକାର ଗଣମାଧ୍ୟମ ଜଗତରେ ଆଇସିସିର ଏହି ନିଷ୍ପତ୍ତିକୁ ପକ୍ଷପାତପୂର୍ଣ୍ଣ କୁହାଯିବା ସହ ଏହା ସାମ୍ବାଦିକତାର ବିରୋଧୀ ବୋଲି କୁହାଯାଉଛି । ଆଇସିସିର ଏହି ନିଷ୍ପତ୍ତି ପରେ ବାଂଲାଦେଶୀ ସାମ୍ବାଦିକମାନେ ଏଥର ବିଶ୍ୱକପ୍ ରିପୋର୍ଟିଂ କରିପାରିବେ ନାହିଁ । ୧୯୯୯ ପରଠାରୁ କୌଣସି ଆଇସିସି ପ୍ରତିଯୋଗିତାରେ ବାଂଲାଦେଶର କ୍ରୀଡ଼ା ସାମ୍ବାଦିକମାନେ ଅନୁପସ୍ଥିତ ରହିବେ ।

## ଫ୍ରାଞ୍ଚାଇଜି ଦେୟ କମାଇବ ହକି ଇଣ୍ଡିଆ ଲିଗ୍ : ଦିଲ୍ଲୀପ ତିର୍କୀ




**ଭୁବନେଶ୍ୱର, ୨୭।୧:** ଆସନ୍ତା ସିଜିନରୁ ହକି ଇଣ୍ଡିଆ ଲିଗ୍ (ଏଚଆଇଏଲ)କୁ ଆର୍ଥିକ ଦୃଷ୍ଟିକୋଣରୁ ଲାଭଜନକ କରିବାକୁ ଉଦ୍ୟମ କରାଯିବ । ଦଳର ମାଲିକମାନଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବାକୁ ଫ୍ରାଞ୍ଚାଇଜି ଫି ହ୍ରାସ କରାଯିବ ବୋଲି କହିଛନ୍ତି ଏଚଆଇଏଲ୍ ଅଧ୍ୟକ୍ଷ ଦିଲ୍ଲୀପ ତିର୍କୀ ।

ଗଣମାଧ୍ୟମକୁ ସେ କହିଛନ୍ତି ଯେ ୨୦୨୫-୨୬ ଏଚଆଇଏଲ ସିଜିନ ଆରମ୍ଭ ହେବା ପୂର୍ବରୁ ଦୁଇଟି ଦଳ ଓହରିଯାଇଥିଲେ । ଏଣୁ ଏହି ଲିଗକୁ ଆର୍ଥିକ ଦୃଷ୍ଟିକୋଣରୁ ଲାଭଜନକ କରିବାକୁ ଉଦ୍ୟମ କରାଯିବ । ଏଥିପାଇଁ ଆସନ୍ତା ସିଜିନରୁ ଫ୍ରାଞ୍ଚାଇଜି ଫି ହ୍ରାସ କରାଯିବ । କିନ୍ତୁ ଏହାକୁ ସଂପୂର୍ଣ୍ଣ ଛାଡ଼ କରାଯିବ ନାହିଁ, କେବଳ ଏହାରେ ପରିବର୍ତ୍ତନ ଅଣାଯିବ । ଏହାଛଡ଼ା କେନ୍ଦ୍ରୀୟ ପ୍ରାୟୋଜକ ଯୋଗାଡ଼ ଉପରେ ଗୁରୁତ୍ୱ ଦିଆଯିବ । ଏଥିପାଇଁ ସରକାର ଓ କର୍ପୋରେଟ୍ ସଂସ୍ଥାମାନଙ୍କ ସହ ଆଲୋଚନା କରାଯିବ । ସରକାରଙ୍କ ସହାୟତା ବିନା କୌଣସି ପ୍ରତିଯୋଗିତା ସଫଳ ହେବ ନାହିଁ । ଏହାଛଡ଼ା ଏହି ପ୍ରତିଯୋଗିତାକୁ ଆହୁରି ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ ।

ଏଥର ଚେନ୍ନାଇ ଓ ରାଞ୍ଚିରେ ଏସଆଇଏଲକୁ ଭଲ ସମର୍ଥନ ମିଳିନଥିଲା ବୋଲି ସେ ସ୍ୱୀକାର କରିବା ସହ କହିଛନ୍ତି ଯେ ଆଗାମୀ ସିଜିନରୁ ଏହି ଲିଗର କେତେକ ମ୍ୟାଚ ଦିଲ୍ଲୀ ଓ ଚଣ୍ଡିଗଡ଼ରେ ଖେଳାଯିବ । କୁହୁଡ଼ି ଓ ଫ୍ଲାଇଟ୍ ବିଳମ୍ବ ସମସ୍ୟା ପାଇଁ ପୂର୍ବରୁ ଉତ୍ତରଭାରତରେ ଲିଗ୍ ଆୟୋଜନ କରାଯାଉନଥିଲା । କିନ୍ତୁ ପରବର୍ତ୍ତି ସିଜିନରୁ ଉତ୍ତରଭାରତରେ ବି ମ୍ୟାଚ ଆୟୋଜନ ହୋଇପାରେ ।

## ଅଷ୍ଟ୍ରେଲିଆନ ଓପନରେ ଆଲକାରାଜ ଆଗେଇଲେ

**ମେଲବର୍ଣ୍ଣ:** ବିଶ୍ୱମାନ୍ୟତାର ପ୍ରଥମ ସ୍ଥାନରେ ଥିବା ସ୍ପେନୀୟ ଟେନିସ୍ ତାରକା କାର୍ଲୋସ୍ ଆଲକାରାଜ୍ ନିଜ ପ୍ରଥମ ଅଷ୍ଟ୍ରେଲିଆନ୍ ଓପନ୍ ଜିତିବା ସ୍ୱପ୍ନ ପୂରଣର ନିକଟତର ହୋଇଛନ୍ତି । ବୁଧବାର ପୁରୁଷ ଏକକର କ୍ୱାର୍ଟର

### ଅଟକିଲା ଗଫଙ୍କ ଗାଡ଼ି

ଫାଇନାଲ୍‌ରେ ଟପ୍ ସିଡ୍ ଆଲକାରାଜ୍ ଷଷ୍ଠ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନୁରଙ୍କୁ ୭-୫, ୬-୨, ୬-୧ରେ ହରାଇ ପ୍ରଥମ ଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ୨୨ବର୍ଷୀୟ ଆଲ୍‌କାରାଜ୍ ଯଦି ଚଳିତବର୍ଷର ଅଷ୍ଟ୍ରେଲିଆନ୍ ଓପନ୍‌ରେ ବିଜେତା ହୁଅନ୍ତି, ତାହେଲେ ବିଶ୍ୱ ଟେନିସ୍‌ରେ ଓପନ୍ ଏରାର ଆରମ୍ଭ ହେବା ପରଠାରୁ କ୍ୟାରିୟର୍ ସ୍ଲାମ୍ ହାସଲ କରିବାରେ ସର୍ବକନିଷ୍ଠ ଖେଳାଳି ହେବେ । ମିନୁରଙ୍କୁ ହରାଇ ସେ ମଧ୍ୟ ଲଗାତାର ଚତୁର୍ଥ ଏବଂ ମୋଟ ଉପରେ



ଦଶମ ଥର ଲାଗି କୌଣସି ଗ୍ରାଣ୍ଡ ସ୍ଲାମ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛନି । ଚଳିତବର୍ଷ ମଧ୍ୟ ସେ ଏପର୍ଯ୍ୟନ୍ତ ଅପରାଜେୟ ରହିଛନ୍ତି ।

ରଡ୍ ଲାଭର ଏରିନାରେ ଆମେରିକୀୟ ତାରକା କୋକୋ ଗଫ୍‌ଙ୍କ ତୃତୀୟ ଗ୍ରାଣ୍ଡସ୍ଲାମ୍ ବିଜୟ ସ୍ୱପ୍ନ ଭାଙ୍ଗି ଚୂରମାର୍ ହୋଇଯାଇଛି । ଚଳିତ ଅଷ୍ଟ୍ରେଲିଆନ୍ ଓପନ୍‌ର କ୍ୱାର୍ଟର ଫାଇନାଲ୍‌ରେ ତାଙ୍କୁ ମଙ୍ଗଳବାର ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନା ୬-୧, ୬-୨ ସେଟ୍‌ରେ ହରାଇ ବିଦାୟର ପଥ ଦେଖାଇ ଦେଇଛନ୍ତି । ଏହି ବିଜୟ ସହ ସ୍ୱିତୋଲିନା ନିଜ କ୍ୟାରିୟର୍‌ରେ ପ୍ରଥମ ଥର ଲାଗି ଅଷ୍ଟ୍ରେଲିଆନ୍ ଓପନ୍‌ର ସେମିଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି । ପୂର୍ବରୁ ଏହି ୩୧ ବର୍ଷୀୟା ଖେଳାଳି ତିନି ଥର କ୍ୱାର୍ଟର ଫାଇନାଲ୍ ଖେଳିଥିଲେ ମଧ୍ୟ କେବେବି ସେମିଫାଇନାଲ୍‌କୁ ଯିବାର ଗୌରବ ହାସଲ କରି ନଥିଲେ ।

ସେହିଭଳି ସେ ମଧ୍ୟ ନିଜ ପ୍ରଥମ ଗ୍ରାଣ୍ଡସ୍ଲାମ୍ ବିଜୟ ଦିଗରେ ଆଉଏକ ବଡ଼ ପାଦ ବଢ଼ାଇଛନ୍ତି । ପ୍ରଥମ ସିଡ୍ ତଥା ବେଲାରୁଷର ଚର୍ଚ୍ଚିତ ଖେଳାଳି ଆରିନା ସାବାଲେଙ୍କାଙ୍କ ଜୟଯାତ୍ରା ମଧ୍ୟ ଜାରି ରହିଛି । ନିଜ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ସେ ୨୯ତମ ସିଡ୍ ଆମେରିକାର ଇଭା ଜୋଭିକଙ୍କୁ ଅତି ସହଜରେ ୬-୩, ୬-୦ରେ ହରାଇ ଆଗକୁ ବଢ଼ିଛନ୍ତି । ପୁରୁଷ ଏକକରେ ଜର୍ମାନୀର ତୃତୀୟ ସିଡ୍ ଖେଳାଳି ଆଲେକଜାଣ୍ଡାର ଭେରେଭ୍ ? ୬-୩, ୬-୭, ୬-୧, ୭-୬ରେ ଆମେରିକାର ଲିନର ତିଏନଙ୍କୁ ପରାସ୍ତ କରି ସେମିଫାଇନାଲ୍ ଟିକେଟ ହାସଲ କରି ନେଇଛନ୍ତି ।

## ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ

**ନୂଆଦିଲ୍ଲୀ,୨୭।୧:** ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ୨୦୨୬ର ୩୦ତମ ମ୍ୟାଚ୍ ଭାରତ ଏବଂ ଜିମ୍ବାୱେ ମଧ୍ୟରେ ମ୍ୟାଚ ଖେଳାଯାଉଛି । ମ୍ୟାଚରେ ପ୍ରଥମେ ବ୍ୟାଟିଂ କରୁଛି ଭାରତ । ଯେଉଁଠାରେ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରଣ ଦେଖିବାକୁ ମିଳିଛି । ୨୪ ବଲରେ ୫୦ରନ୍ କରି ଇତିହାସ ସୃଷ୍ଟି କରିଛନ୍ତି । ସେ ୨୦୨୬ ମସିହାର ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିବାରେ ଭାରତର ମିଳିତ ପ୍ରଥମ ଖେଳାଳି ହୋଇଛନ୍ତି । ତାଙ୍କ ପୂର୍ବରୁ ଏହି ବଡ଼ ରେକର୍ଡ କେବଳ ବର୍ତ୍ତମାନର ଅଧିନାୟକ ଆୟୁଷ ମହାତ୍ରେଙ୍କ ନାମରେ ଥିଲା, ଯିଏ ଲିଗ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୨୪ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ । ବୈଭବ ଜିମ୍ବାୱେ ୧୯ ବର୍ଷରୁ କମ୍ ଦଳ ବିପକ୍ଷରେ ୨୪ ବଲ୍‌ରେ ଅର୍ଦ୍ଧଶତକ ହାସଲ କରି ମହାତ୍ରେଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି । ଖବର ଲେଖା ଯିବା ସୁଦ୍ଧା ପର୍ଯ୍ୟନ୍ତ, ଉଭୟ ବ୍ୟାଟସମ୍ୟାନ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଦେଶ ପାଇଁ ୨୪ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି । ଅଷ୍ଟ୍ରେଲିଆର ୱିଲ୍ ମାଲାଜଚୁକ୍ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିଲା ଖେଳାଳି ତାଲିକାରେ ରହିଛନ୍ତି । ଅଷ୍ଟ୍ରେଲିଆର ଏହି କ୍ରିକେଟର ଜାପାନ ବିପକ୍ଷରେ ମାତ୍ର ୨୩ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ହାସଲ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ ।

## ଇଣ୍ଡିଆନ୍ ସୁପର୍ ଲିଗ୍

# କଳିଙ୍ଗକୁ ଘରୋଇ ପଡ଼ିଆ କଲେ ଓଡ଼ିଶା ଏଫ୍‌ସି, ଇଣ୍ଟର କାଶୀର

*ପ୍ରତିଦିନ ଗୋଟିଏ ଲେଖାଏଁ ଏବଂ ବିଶେଷ କରି ଶନିବାର ଓ ରବିବାର ଦୁଇଟି ଲେଖାଏଁ ମ୍ୟାଚ୍ ଖେଳାଯିବ । ଚୂଡ଼ାନ୍ତ ସୂଚୀ ଫେବ୍ରୁଆରି ୨ ତାରିଖରେ ଘୋଷଣା କରାଯିବ ।*

**ଭୁବନେଶ୍ୱର, ୨୭।୧:** ବାଦବିବାଦ ପରେ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଫୁଟ୍‌ବଲ୍ ପ୍ରତିଯୋଗିତା ଖେଳାଯିବା ପ୍ରାୟ ନିଶ୍ଚିତ ହୋଇଛି । ଆସନ୍ତା ମାସ ୧୪ ତାରିଖରୁ ଏହି ଲିଗ୍ ଖେଳାଯିବ । ଏଥିଲାଗି ସାମ୍ଭାବିତ ସୂଚୀ ଘୋଷିତ ହୋଇଛି । ଏହି ପ୍ରତିଯୋଗିତାରେ ୧୪ କ୍ଲବ୍ ଭାଗ ନେଉଥିଲା ବେଳେ ମୋଟ ୯୧ ମ୍ୟାଚ୍ (ଘରେ ଓ ବାହାରେ) ଖେଳାଯିବ । ପ୍ରତିଦଳ ୧୩ ଲେଖାଏଁ ଲିଗ୍ ମ୍ୟାଚ୍ ଖେଳିବେ । ଏହାପରେ ପ୍ଲେ ଅଫ୍ ଆରମ୍ଭ ହେବ । ପ୍ରତିଦିନ ଗୋଟିଏ ଲେଖାଏଁ ଏବଂ ବିଶେଷ କରି ଶନିବାର ଓ ରବିବାର ଦୁଇଟି ଲେଖାଏଁ ମ୍ୟାଚ୍ ଖେଳାଯିବ । ଚୂଡ଼ାନ୍ତ ସୂଚୀ ଫେବ୍ରୁଆରି ୨ ତାରିଖରେ ଘୋଷଣା କରାଯିବ ।

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍ ପୂର୍ବ ପରି ଓଡ଼ିଶା ଏଫ୍‌ସିର ଘରୋଇ ପଡ଼ିଆ ରହିଛି । ଏଠାରେ ଏହି ଭୁବନେଶ୍ୱର ଭିତ୍ତିକ



ଦଳ ଷଷ୍ଠ ଥର ଲାଗି ଖେଳିବ । ଓଡ଼ିଶା ଏଫ୍‌ସି ସହ କଳିଙ୍ଗ ଷ୍ଟାଡିୟମ୍‌କୁ ବାରାଣାସୀ ଭିତ୍ତିକ ଦଳ ଇଣ୍ଟର୍ କାଶୀ ମଧ୍ୟ ଘରୋଇ ଦଳ କରିଛି । ଆଇଲିଗ୍‌ରୁ ପଦୋନ୍ନତି ପାଇ ଆଇଏସ୍‌ଏଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଏହି ଦଳ କଳିଙ୍ଗରେ ୬ଟି ମ୍ୟାଚ୍ ଖେଳିବ । ସମ୍ଭାବିତ ସୂଚୀ ଅନୁଯାୟୀ କୋଲକାତାର ସଟ୍‌ଲେକ୍ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଉଦ୍‌ଘାଟନୀ ମୁକାବିଲାରେ ବିଜେତା ମୋହନ ବାଗାନ ସୁପର ଜାଏଣ୍ଟ୍‌ସ ଓ କେରଳ ବ୍ଲାଷ୍ଟର୍ସ ମୁହାଁମୁହିଁ ହେବେ । ଓଡ଼ିଶା ଏଫ୍‌ସି ନିଜ ଘରୋଇ ପଡ଼ିଆରେ ୧୬ ତାରିଖରେ ପଞ୍ଜାବ ଏଫ୍‌ସି ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ୨୪ ତାରିଖରେ କଳିଙ୍ଗରେ ଦୁଇ ଘରୋଇ ଦଳ ଓଡ଼ିଶା ଏଫ୍‌ସି ଓ ଇଣ୍ଟର୍ କାଶୀ ଲଢ଼ିବେ ।

## କ୍ରିକେଟକୁ ଅଲ୍‌ବିଦା କହିଲେ ରିଚାର୍ଡସନ

**ନୂଆଦିଲ୍ଲୀ, ୨୭।୧:** ଅବସର ନେଲେ ଅଷ୍ଟ୍ରେଲିୟ ଦ୍ରୁତ ବୋଲର କେନ୍ ରିଚାର୍ଡସନ । ତାଙ୍କର ବୃତ୍ତିଗତ କ୍ୟାରିଅର ୧୭ ବର୍ଷରେ ପଡ଼ିଛି ପୂର୍ଣ୍ଣଛେଦ । ଅବସର ନେଇଛନ୍ତି କେନ୍ ରିଚାର୍ଡସନ । ଭାରତରେ ଖେଳିଥିଲେ ତାଙ୍କର ଶେଷ ମ୍ୟାଚ୍ । ଅଷ୍ଟ୍ରେଲିଆର ଡାହାଣ ହାତୀ ଦ୍ରୁତ ବୋଲର କେନ୍ ରିଚାର୍ଡସନ୍ ସମସ୍ତ ପ୍ରକାରର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ରିଚାର୍ଡସନ୍ ୨୦୧୩ରେ ଶ୍ରୀଲଙ୍କା ବିପକ୍ଷରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିଲେ । ସେ ଭାରତରେ ତାଙ୍କର ଶେଷ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ । କେନ୍ ରିଚାର୍ଡସନ୍‌ଙ୍କ ବୃତ୍ତିଗତ କ୍ୟାରିଅର ୨୦୦୯ ମସିହାରେ ଆରମ୍ଭ ହୋଇଥିଲା । ଏହି ସମୟରେ ସେ ୧୦ ବର୍ଷ ଧରି ଅନ୍ତର୍ଜାତୀୟ କ୍ରିକେଟରେ ସକ୍ରିୟ ରହିଥିଲେ । ୨୦୧୩ ମସିହାରେ ତାଙ୍କର ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ରିଚାର୍ଡସନ୍ ୨୦୨୩ ମସିହାରେ ଗୌହାଟୀରେ ଭାରତ ବିପକ୍ଷରେ ଏକ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ । ତାଙ୍କର ଟି-୨୦ ଅନ୍ତର୍ଜାତୀୟ କ୍ୟାରିଅର ୨୦୧୪ ମସିହାରେ ପାକିସ୍ତାନ ବିପକ୍ଷରେ ଆରମ୍ଭ ହୋଇଥିଲା । କେନ୍ ରିଚାର୍ଡସନ ମୋଟ ୬୧ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୮୪ ୱିକେଟ୍ ନେଇଛନ୍ତି । ଯେଉଁଥିରେ ୨୫ଟି ଦିନିକିଆ ମ୍ୟାଚ୍ ମଧ୍ୟ ରହିଛି । ଯେଉଁଥିରୁ ସେ ନେଇଛନ୍ତି ୩୯ଟି ୱିକେଟ୍ । ତାଙ୍କର ସର୍ବୋତ୍ତମ ଦିନିକିଆ ପ୍ରଦର୍ଶନ ହେଉଛି ୬୮ ରନରେ ୫ଟି ୱିକେଟ୍ ।

## ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପାଇଁ ଦଳ ଘୋଷଣା କଲା ସ୍କଟଲାଣ୍ଡ୍

**ନୂଆଦିଲ୍ଲୀ, ୨୭।୧:** ଆଗାମୀ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପାଇଁ ନିଜର ଦଳ ଘୋଷଣା କରିଛି ସ୍କଟଲାଣ୍ଡ୍ । "କ୍ରିକେଟ୍ ସ୍କଟଲାଣ୍ଡ୍" ପକ୍ଷରୁ ରିଚି ବେରିଙ୍ଗଟନଙ୍କ ନେତୃତ୍ୱରେ ଏକ ୧୫ ଜଣିଆ ଦଳ ଘୋଷଣା କରାଯାଇଥିବାବେଳେ




ଆଉ ୨ ଜଣଙ୍କୁ ରିଜର୍ଭ ଖେଳାଳିଭାବେ ରଖାଯାଇଛି । ବିଶ୍ୱକପରୁ ବାଂଲାଦେଶ ଦଳ ଅପ୍ରତ୍ୟାଶିତଭାବେ ବାଦ୍ ପଡ଼ିବା ପରେ ଆଇସିସି ପକ୍ଷରୁ ଗତ ସପ୍ତାହରେ ସ୍କଟଲାଣ୍ଡ ଦଳକୁ ବିଶ୍ୱକପରେ ସାମିଲ କରାଯାଇଥିଲା । ଏହି ଘୋଷଣାର ଅଳ୍ପ କିଛି ଦିନ ମଧ୍ୟରେ ସ୍କଟଲାଣ୍ଡ୍ ନିଜର ଦଳ ଘୋଷଣା କରିଛି । ବିଶ୍ୱକପରେ ସ୍କଟଲାଣ୍ଡ ଗ୍ରୁପ୍-ସିରେ ସ୍ଥାନ ପାଇଛି । ଏହି ଗ୍ରୁପରେ ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ, ଇଟାଲି ଓ ନେପାଳ ଅଛନ୍ତି ।

"କ୍ରିକେଟ୍ ସ୍କଟଲାଣ୍ଡ୍"ର ସିଇଓ ଟ୍ରୁଡି ଲିଣ୍ଡବ୍ଲେଡ୍ କହିଛନ୍ତି ଯେ ବିଶ୍ୱକପରେ ସ୍ଥାନ ମିଳିବାର ସମ୍ଭାବନା ବଢ଼ିବା ପରେ ହିଁ ତାଙ୍କ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଥିଲା । ଏହା ପରେ ଗତ ଶନିବାର ସକାଳେ ଆଇସିସି ପକ୍ଷରୁ ସଂଯୋଗ ଗୁପ୍ତାଙ୍କ କଲ୍ ମିଳିବା ପରେ ଆମର ଅଂଶଗ୍ରହଣ ନିଶ୍ଚିତ ହୋଇଥିଲା । ତାପରେ ଆମେ ଆମ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିଦେଇଥିଲୁ ।

ତେବେ ଯେଉଁ ପରିସ୍ଥିତିରେ ବାଂଲାଦେଶ ଦଳ ବିଶ୍ୱକପରୁ ବାଦ ପଡ଼ିଲା ତାକୁ ନେଇ ସେ ଏହି ଏସୀୟ ଦଳ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ସେ କହିଛନ୍ତି ଯେ ସବୁ ଦେଶଙ୍କ ଇଚ୍ଛା ଥାଏ ବିଶ୍ୱକପ ଖେଳିବାକୁ, କିନ୍ତୁ ଆମେ ଏପରି ପରିସ୍ଥିତିରେ ବିଶ୍ୱକରେ ସାମିଲ ହେବାକୁ ଉଚ୍ଛା କରୁନଥିଲୁ । ତେବେ ସେ ସ୍ପଷ୍ଟ କରିଛନ୍ତି ଯେ ଆଇସିସିର ଆମନ୍ତ୍ରଣରେ ତାଙ୍କ ଦଳ ବିଶ୍ୱକପରେ ଅଂଶଗ୍ରହଣ କରି ଆନନ୍ଦିତ । ସ୍କଟଲାଣ୍ଡ ଦଳ:

ରିଚି ବେରିଙ୍ଗଟନ୍ (ଅଧିନାୟକ), ଟମ୍ ବ୍ରୁସ୍, ମ୍ୟାଥ୍ୟୁ କ୍ରସ୍, ବ୍ରାଡ୍ଲି କ୍ୟୁରି, ଅଲିଭର୍ ଡେଭିଡସନ୍, କ୍ରିସ୍ ଗ୍ରିଭ୍ସ, ଜଇନୁଲ୍ଲାହ୍ ଇହସାନ୍, ମାଇକେଲ୍ ଜୋନ୍ସ, ମାଇକେଲ୍ ଲିସ୍କ, ଫିନ୍ଲେ ମ୍ୟାକ୍‌କ୍ରିଥ୍, ବ୍ରାଣ୍ଡନ୍ ମ୍ୟାକକୁଲେନ୍, ଜର୍ଜ ମନସ୍ୱେ, ସଫିୟାନ୍ ଶରିଫ୍, ମାର୍କ ୱାଟ୍ ଓ ବ୍ରାଡ୍ ହ୍ୱିଲ୍ । ସେହିପରି ଦଳ ସହିତ ଭାରତ ଗସ୍ତରେ ଯିବାକୁ ଥିବା ଦୁଇଜଣ ରିଜର୍ଭ ଖେଳାଳି ହେଲେ ଜାସ୍ପର୍ ଡେଭିଡସନ୍ ଓ ଜ୍ୟାକ୍ ଜାର୍ଭିସ୍ ।

## ବିକ୍ରି ହୋଇଗଲା ଡନ୍ ବ୍ରାଡମ୍ୟାନଙ୍କ କ୍ୟାପ୍, ରେକର୍ଡ କଲା ମୂଲ୍ୟ

**ନୂଆଦିଲ୍ଲୀ, ୨୭।୧:** ଅଷ୍ଟ୍ରେଲିଆର କିମ୍ବଦନ୍ତୀ ବ୍ୟାଟସମ୍ୟାନ ଡନ୍ ବ୍ରାଡମ୍ୟାନ । ନିଲାମ ହୋଇଛି ବାଗି ଗ୍ରୀନ୍ କ୍ୟାପ୍ । ୧୯୪୭-୪୮ ମସିହାରେ ଭାରତ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ବ୍ରାଡମ୍ୟାନ୍ ଯେଉଁ କ୍ୟାପ୍ ପିନ୍ଧିଥିଲେ । ସେହି କ୍ୟାପ୍ ସେ ସେହି ସିରିଜରେ ଭାରତୀୟ କ୍ରିକେଟର ଶ୍ରୀରଙ୍ଗା ବାସୁଦେବ ସୋହୋନିଙ୍କୁ ଉପହାର ଦେଇଥିଲେ । ସୋହୋନିଙ୍କ ପରିବାର ଗତ ୭୫ ବର୍ଷ ଧରି ବ୍ରାଡମ୍ୟାନ୍ ସେମାନଙ୍କୁ ଉପହାର ଦେଇଥିବା କ୍ୟାପ୍ ସଂରକ୍ଷିତ ରଖିଥିଲେ । ଏହାକୁ କେବେବି ସାର୍ବଜନୀନ ଭାବରେ ପ୍ରଦର୍ଶିତ କରାଯାଇନଥିଲା । ଭାରତୀୟ ଖେଳାଳିଙ୍କୁ ଉପହାର ଦିଆଯାଇଥିବା ବ୍ରାଡମ୍ୟାନଙ୍କ ବାଗି ଗ୍ରୀନ୍ କ୍ୟାପ୍ ନିଲାମ ଗୋଲ୍ଡ କୋଷ୍ଟରେ ହୋଇଥିଲା । ବ୍ରାଡମ୍ୟାନଙ୍କ ବାଗି ଗ୍ରୀନ୍ କ୍ୟାପ୍ ନିଲାମ ହୋଇଥିଲା ୪୬୦,୦୦୦ ଅଷ୍ଟ୍ରେଲିୟ ଡଲାର । ଯାହାର ମୂଲ୍ୟ ହେବ ପ୍ରାୟ ୨୩ କୋଟି । ଏହା ସର୍ବୋଚ୍ଚ ରେକର୍ଡ ମୂଲ୍ୟ । ଏହା ବ୍ରାଡମ୍ୟାନଙ୍କ ଦ୍ୱାରା ପିନ୍ଧା ଯେକୌଣସି କ୍ୟାପ୍ ପାଇଁ ଏପର୍ଯ୍ୟନ୍ତ ସର୍ବାଧିକ ନିଲାମ । ୧୬.୫% କ୍ରେତାଙ୍କ ପ୍ରିମିୟମ୍ ସହିତ, କ୍ୟାପ୍ ପାଇଁ ଦେୟ କରାଯାଇଥିବା ଚୂଡ଼ାନ୍ତ ମୂଲ୍ୟ ଥିଲା ୫୩୫,୯୦୦ ଅଷ୍ଟ୍ରେଲିୟ ଡଲାର, ଯାହା ୩୪ ନିୟୁତ (ପ୍ରାୟ ୩୪ ନିୟୁତ) । ଡନ୍ ବ୍ରାଡମ୍ୟାନଙ୍କ ବ୍ୟାଗି ଗ୍ରୀନ୍ କ୍ୟାପ, ଯାହା ରେକର୍ଡ ମୂଲ୍ୟ ପାଇଥିଲା । ସେଥିରେ ଅଷ୍ଟ୍ରେଲିୟ କ୍ରିକେଟ୍ କୋଟ୍ ଅଫ୍ ଆର୍ମସ୍ ଏବଂ ତା' ତଳେ ୧୯୪୭-୪୮ ବର୍ଷ ଏମ୍ବ୍ରୋଡେରୀ କରାଯାଇଛି । ଏହାକୁ ଲଏଡ୍ସ ଅକ୍ସନ୍ସ ଦ୍ୱାରା ବିକ୍ରି କରାଯାଇଥିଲା । ଲଏଡ୍ସ ଅକ୍ସନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଲି ହେମ୍ସ ଏହି କ୍ୟାପକୁ 'କ୍ରିକେଟ୍ ର ପବିତ୍ର ଗ୍ରେଲ୍' ବୋଲି କହି କହିଛନ୍ତି ଯେ ସୋହୋନିଙ୍କ ଶେଷ ଇଚ୍ଛା ଥିଲା ଯେ ଏହି କ୍ୟାପଟି ଅଷ୍ଟ୍ରେଲିଆ ପାଖରେ ରହୁ ।

# ପୂର୍ବତନ ବିସିସିଆଇ ଅଧ୍ୟକ୍ଷ ଆଇଏସ୍ ବିନ୍ଦ୍ରାଙ୍କ ପରଲୋକ

## ମୋହାଲି ଷ୍ଟାଡିୟମରୁ ନେଇ ବିଶ୍ୱକପ୍ ଆୟୋଜନ ଯାଏଁ ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା

**ଆଇଏସ୍ ବିନ୍ଦ୍ରାଙ୍କ କ୍ରିକେଟ ପ୍ରଶାସନରେ ଯୋଗଦାନ ଅତୁଳନୀୟ । ସେ ୧୯୯୩ ରୁ ୧୯୯୬ ଭିତରେ ଭାରତୀୟ କ୍ରିକେଟ କନଟ୍ରୋଲ ବୋର୍ଡର ଅଧ୍ୟକ୍ଷ ଭାବରେ ନିଜର ସେବା ଦେଇଛନ୍ତି । ବିସିସିଆଇ ଅଧ୍ୟକ୍ଷ ହେବା ପୂର୍ବରୁ ଓ ପରେ ମଧ୍ୟ ତାଙ୍କର ପଞ୍ଜାବ କ୍ରିକେଟ ସହ ଭଲ ସମ୍ପର୍କ ରହିଥିଲା ।**

ନୂଆଦିଲ୍ଲୀ, ୨୬।୧: ଭାରତୀୟ କ୍ରିକେଟ ପ୍ରଶାସକ ଏବଂ ବିସିସିଆଇର ପୂର୍ବତନ ଅଧ୍ୟକ୍ଷ ଇନ୍ଦ୍ରଜିତ ସିଂହ ବିନ୍ଦ୍ରାଙ୍କ ପରଲୋକ । ରବିବାର ୮୪ବର୍ଷରେ ତାଙ୍କର ଦେହାନ୍ତ ହୋଇଛି । ବିନ୍ଦ୍ରାଙ୍କ ପରଲୋକ କ୍ରିକେଟ ଜଗତରେ ଶୋକର ଲହରୀ ଖେଳାଇ ଦେଇଛି । ତାଙ୍କୁ ଆଧୁନିକ ଭାରତୀୟ କ୍ରିକେଟର ବାସ୍ତୁକାରଙ୍କ ଭିତରେ ଅନ୍ୟତମ ଭାବରେ ଜଣାଯାଏ । ସେ ନା କେବଳ ଘରୋଇ କ୍ରିକେଟକୁ ମଜବୁତ କରିଥିଲେ,ବଂର ବିଶ୍ୱ ସ୍ତରରେ ଭାରତର ଦବଦବା କାୟମ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଆଇଏସ୍ ବିନ୍ଦ୍ରାଙ୍କ କ୍ରିକେଟ ପ୍ରଶାସନରେ ଯୋଗଦାନ ଅତୁଳନୀୟ । ସେ ୧୯୯୩ ରୁ ୧୯୯୬ ଭିତରେ ଭାରତୀୟ କ୍ରିକେଟ କନଟ୍ରୋଲ ବୋର୍ଡର ଅଧ୍ୟକ୍ଷ ଭାବରେ ନିଜର ସେବା ଦେଇଛନ୍ତି । ବିସିସିଆଇ ଅଧ୍ୟକ୍ଷ ହେବା ପୂର୍ବରୁ ଓ ପରେ ମଧ୍ୟ ତାଙ୍କର ପଞ୍ଜାବ କ୍ରିକେଟ ସହ ଭଲ ସମ୍ପର୍କ ରହିଥିଲା । ସେ ୧୯୭୮ ରୁ ୨୦୧୪ ପର୍ଯ୍ୟନ୍ତ ,ଅର୍ଥାତ ୩୬ ବର୍ଷ ପର୍ଯ୍ୟନ୍ତ ପଞ୍ଜାବ କ୍ରିକେଟ ଆସୋସିଏସନ୍‌ର ଅଧ୍ୟକ୍ଷ ଥିଲେ । ୨୦୧୪ରେ ସେ କ୍ରିକେଟ ପ୍ରଶାସନରୁ ସନ୍ୟାସ ନେଇଥିଲେ । ତାଙ୍କର କାର୍ଯ୍ୟକାଳ



ବେଳେ ପଞ୍ଜାବ କ୍ରିକେଟ ଅଭୁତ ପ୍ରଗତି ହାସଲ କରିଥିଲା ।

ବିନ୍ଦ୍ରାଙ୍କ କ୍ୟାରିୟରର ସବୁଠାରୁ ବଡ ଉପଲବ୍ଧି ଥିଲା ୧୯୮୭ କ୍ରିକେଟ୍ ବିଶ୍ୱକପ୍ର ଆୟୋଜନ ଭାରତ ଓ ପାକିସ୍ତାନରେ କରାଯିବା । ଏହା ପ୍ରଥମ ଥର ଥିଲା ଯେତେବେଳେ କ୍ରିକେଟର ମହାକୁମ୍ଭ ୟୁକେର ବାହାରେ ଆୟୋଜିତ କରାଯାଇଥିଲା । ସେ ଏନକ୍ୱେପି ସାଲଭେ ଓ ଜଗମୋହନ ଡାଲମିୟାଙ୍କ ସହ ମିଶି ଇଂଲଣ୍ଡ ଓ ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜ ଦେଇଥିଲେ ଓ କ୍ରିକେଟର ଶକ୍ତିକେନ୍ଦ୍ରକୁ ଏସିଆକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହାପରେ ୧୯୯୬ ରେ ପାକିସ୍ତାନରେ ବିଶ୍ୱକପ୍ ଆୟୋଜନ କରିବାରେ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଥିଲେ ।

ଆଇଏସ୍ ବିନ୍ଦ୍ରାଙ୍କୁ କ୍ରିକେଟର ବ୍ୟବସାୟୀକରଣ ଓ ପ୍ରସାରଣରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବା ପାଇଁ ସର୍ବଦା ମନେ ରଖାଯିବ । ୧୯୯୪ ମସିହାରେ, ସେ କ୍ରିକେଟ ପ୍ରସାରଣରେ ଦୂରଦର୍ଶନର ଏକାଧିକାରକୁ ସମାପ୍ତ କରିବା ପାଇଁ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଥିଲେ ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar